EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
www.ekamaatra.com
ekamaatra@gmail.com
ekamaatraodia
ekamaatranews

RNI Ref. No.: 1304224
Title Code: ODIODI07807

- ରାଜ୍ୟରେ ବିଜେପି ପାଳିଲା ବିଜୟ ଦିବସ
- ଟଙ୍କା ଆତ୍ମସାତ ଅଭିଯୋଗରେ ମାର୍କଫେଡ୍ ମ୍ୟାନେଜର ଗିରଫ
- ନୂଆ ଦଳ ଗଢ଼ିଲେ ଜୟଲଳିତାଙ୍କ ଝିଆରୀ ଦୀପା ଜୟକୁମାର

ବର୍ଷ-୧ ସଂଖ୍ୟା-୭ ୨୭ ଫେବୃଆରୀ-୫ ମାର୍ଚ୍ଚ, ୨୦୧୭ ଭୁବନେଶ୍ୱର ● MONDAY WEEKLY ● VOL-1 ISSUE-7 27th FEB-5th MARCH, 2017 BHUBANESWAR ₹ 5.00 (8 PAGES)

## ଦଳୀୟ ବିଧାୟକଙ୍କୁ ସତର୍କ କଲେ ନବୀନ

# ଲୋକେ ପରିବର୍ତ୍ତନ ନୁହେଁ, ନିଷ୍ଠା ଚାହାଁନ୍ତି

**ଭୁବନେଶ୍ୱର :** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡ଼ିକୁ ଆଶାନୁରୂପ ସଫଳତା ମିଳିପାରିନାହିଁ, ଦଳ ପୂର୍ବସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇ ପାରିନାହିଁ। କେତେକ ଜିଲ୍ଲାରେ ବିଜେଡ଼ିର ଦୁର୍ବଳ ପ୍ରଦର୍ଶନ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଚିନ୍ତାର କାରଣ ପାଲଟିଯାଇଛି। ବିଧାୟକମାନେ ତୃଣମୂଳ ସ୍ତରରେ ଲୋକଙ୍କ ସହ ଯୋଡ଼ି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ନବୀନ। ଅନ୍ୟପକ୍ଷରେ ଏ ନେଇ ଆତ୍ମସମୀକ୍ଷା କରିବା ଉଚିତ ବୋଲି ବିଧାୟକ ଦଳ ବୈଠକରେ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ। ବିଜେଡ଼ି ବିଧାୟକ ଦଳ ବୈଠକ ଅବସରରେ ନବୀନ ନିର୍ବାଚନ ଫଳାଫଳକୁ ନେଇ ମୋଟାମୋଟି ଭାବେ ସନ୍ତୋଷ ବ୍ୟକ୍ତ କରିଥିଲେ। ଦଳ ନିଜର ୧ ନମ୍ବର ସ୍ଥିତି ବଜାୟ ରଖିଥିବାରୁ ସେ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କୁ ବଧେଇ ଦେବା ସହ ଦଳ ପ୍ରତି ସେମାନଙ୍କ ନିଷ୍ଠା ଓ ନିରନ୍ତର ଉଦ୍ୟମକୁ ପ୍ରଶଂସା କରିଛନ୍ତି। କିନ୍ତୁ ଏହି ଅବସରରେ କେତେକ ଜିଲ୍ଲାରେ ବିଜେଡ଼ିର ନୈରାଶ୍ୟଜନକ ଫଳାଫଳକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡିଛି। ସଂପୃକ୍ତ ଜିଲ୍ଲାର ବିଧାୟକମାନଙ୍କ ପ୍ରଦର୍ଶନ ଦଳ ପାଇଁ ଉଦ୍‌ବେଗର କାରଣ ବୋଲି କହିଥିଲେ ନବୀନ।

ପଞ୍ଚାୟତ ନିର୍ବାଚନ ବିଫଳତାର କାରଣ ଖୋଜିବା ଉପରେ ସେ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ଦଳର ସ୍ଥିତି ସୁଧାରିବା ପାଇଁ ଜୋର ଦେଇଥିଲେ। ବିଫଳତା ନେଇ ସେ ସଂପୃକ୍ତ ବିଧାୟକମାନଙ୍କୁ ସତର୍କ କରାଇ ଦେଇଛନ୍ତି। ଗଣତନ୍ତ୍ରରେ ଜନାଦେଶ ନେତାଙ୍କ କାର୍ଯ୍ୟଦକ୍ଷତାର ପରିମାପକ। ତୃଣମୂଳସ୍ତରରେ ଲୋକଙ୍କ ସହ ସାମିଲ ହୋଇ ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କରାଯାଇପାରିଲେ ଶାସକ ଦଳ ଅଧିକ ଆସ୍ଥାଭାଜନ ହୋଇପାରିବ ବୋଲି ସେ ମତ ରଖିଥିଲେ। ➤ ପୃ-୭



## ରାଜ୍ୟପାଳଙ୍କ ଅଭିଭାଷଣରେ ସରକାରଙ୍କ ସଫଳ ଗାଥା



ଚଳିତ ବିଧାନସଭା ଅଧିବେଶନରେ ରାଜ୍ୟପାଳ ଡ. ଏସ.ସି.ଜମିର ନିଜ ଅଭିଭାଷଣରେ ଓଡ଼ିଶାର ବିକାଶ ଚିତ୍ର ଉପସ୍ଥାପନ କରିଛନ୍ତି। ରାଜ୍ୟରେ କିଳଭି ଅର୍ଥନୈତିକ ଅଭିବୃଦ୍ଧି ଘଟିଛି ଓ ଦାରିଦ୍ର୍ୟ ବିଲୋପନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି ସେକଥା କହିଛନ୍ତି। ଏଥିସହ ଓଡ଼ିଶାର ସାମଗ୍ରିକ ବିକାଶ, ମୁଣ୍ଡପିଛା ଆୟ ବୃଦ୍ଧି ଘଟିବା ଏବଂ ବିମୁଦ୍ରାୟନର ନକାରାତ୍ମକ ପ୍ରଭାବ ସମ୍ପର୍କରେ ମଧ୍ୟ ଅଭିଭାଷଣ ରଖିଥିଲେ। ଏଥିସହ ଡ. ଜମିର କହିଥିଲେ ରାଜ୍ୟ ସରକାର ନିଜ ସମ୍ବଳରୁ ରାଜ୍ୟରେ ବିକାଶର ଧାରାକୁ ଦୀର୍ଘ ୧୫ ବର୍ଷ ହେବ ଜାରି ରଖିଛନ୍ତି। ଓଡ଼ିଶା ବିକାଶର ଚିତ୍ର ସହ ମହାନଦୀ ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା, ସବୁଜ ବଳୟ ସୃଷ୍ଟି, ଜଳସେଚନ ଏବଂ ସାମାଜିକ କ୍ଷେତ୍ରରେ ପୁଞ୍ଜି ନିବେଶ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ସୂଚନା ପ୍ରଦାନ କରିଥିଲେ।



ମହାଶିବରାତ୍ରୀ ଉପଲକ୍ଷେ ଏକାମ୍ରକ୍ଷେତ୍ରର ପ୍ରସିଦ୍ଧ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଚୂଡାରେ ମହାଦୀପ

## ଆଧାର ତଥ୍ୟ ହେରଫେର; ମାମଲା ରୁଜୁ




**ନୂଆଦିଲ୍ଲୀ :** ଆଧାର ତଥ୍ୟକୁ ହେରଫେର କରି ଅଡୁଆରେ ପଡିଛନ୍ତି ୩ ସଂସ୍ଥା। ଆଧାର କାର୍ଡର ବାୟୋମେଟ୍ରିକ୍ ତଥ୍ୟ ହେରଫେର କରିଥିବା ତିନିଟି ସଂସ୍ଥା ବିରୋଧରେ ଏତଲା ଦାୟର ହୋଇଛି। ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପକ୍ଷରୁ ଦିଲ୍ଲୀ ପୋଲିସର ସାଇବର୍ ସେଲ୍‌ରେ ଏହି ଏତଲା ଦାଖଲ କରାଯାଇଛି। ପ୍ରାରମ୍ଭିକ ତଦନ୍ତ ପରେ ଏତଲା ଦାୟର କରି ଆଗକୁ ବଢ଼ିବା ଉପରେ ପୋଲିସ ବିଚାର କରୁଛି। ଅଭିଯୋଗ ଅଣାଯାଇଥିବା ତିନିଟି ସଂସ୍ଥା ମଧ୍ୟରେ ଦେଶର ଏକ ଘରୋଇ ବ୍ୟାଙ୍କର ନାଁ ରହିଛି। ➤ ପୃ-୭

## ଭିତର ପୃଷ୍ଠାରେ...

ଆମେରିକାରେ ଭାରତୀୟଙ୍କ ପାଇଁ ସଙ୍କଟ ବଢୁଛି
ବିଦ୍ୟାଳୟରେ ଖାଲି ପଡ଼ିଛି ୨୭,୪୮୫ ଶିକ୍ଷକ ପଦ
ଭାଇଚାରା ବଞ୍ଚିରହୁ
ବେଦନାର ବେଦ-୬
ଆୟୁଷ କମିବାର କାରଣ ପ୍ରଦୂଷଣ
ଦକ୍ଷିଣେଶ୍ୱରୀ କାଳୀ

## ସୂର୍ଯ୍ୟମନ୍ଦିରର ଏଣ୍ଡୋସ୍କୋପି



**କୋଣାର୍କ :** ଇତି ମଧ୍ୟରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିରର ଏଣ୍ଡୋସ୍କୋପି ତଥା ଲେଜର ସ୍କାନିଂ କାର୍ଯ୍ୟ ଶେଷ ହୋଇଛି। ବାଲିଭର୍ତ୍ତି, ଜଗମୋହନର ଆଭ୍ୟନ୍ତରୀଣ ସ୍ଥିତି ଜାଣିବା ଲାଗି ଏକ ଏଣ୍ଡୋସ୍କୋପି କରାଯାଇଛି। ଅନ୍ୟପକ୍ଷରେ ଜଗମୋହନର ମୂଳଦୁଆର ସ୍ଥିତି ଜାଣିବା ଲାଗି ସୂର୍ଯ୍ୟମନ୍ଦିରର ହାତୀଦ୍ୱାର ଉପର ବେଢ଼ା ନିକଟରେ ଡ୍ରିଲ କରାଯାଇ ବୋର କରାଯାଉଛି। ଏହି ବୋର ହେବା ପରେ ସେଠାରେ ବାଲି ଏବଂ ପଥର ନମୁନା ପରୀକ୍ଷା ଲାଗି ପଠାଯିବ। ଏହି ସମଗ୍ର କାର୍ଯ୍ୟ ସିବିଆରଆଇ(ସେଣ୍ଟ୍ରାଲ ବିଲଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ) ବିଶେଷଜ୍ଞଙ୍କ ଦ୍ୱାରା କରାଯାଉଛି। ➤ ପୃ-୭

# ମହଙ୍ଗା ପଡିଲା ସୁଖ ସଉକ



**ଭୁବନେଶ୍ୱର :** ସାଧାରଣ ଲୋକଙ୍କୁ ଉତ୍ତମ ସେବା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନେ ଯେତେବେଳେ ଲାଞ୍ଚଖୋର ହୋଇପଡନ୍ତି ଏହାର ପ୍ରଭାବ ସିଧାସଳଖ ସମ୍ପୃକ୍ତ ବିଭାଗ ବା କାର୍ଯ୍ୟାଳୟ ଉପରେ ପଡିବା ସହ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି ଲୋକେ। ସେବା ବଦଳରେ ଲାଞ୍ଚ ଓ ସେହି ଟଙ୍କାରେ ମଉଜ ମଜଲିସ କରୁଥିବା ଅଧିକାରୀମାନଙ୍କ ପାଇଁ ଦୁର୍ନୀତି ବଢ଼ିବଢ଼ି ଚାଲିଛି। ଦୁର୍ନୀତିଗ୍ରସ୍ତ ଅଫିସରମାନେ ପ୍ରତି କଥାରେ ଲୋକଙ୍କୁ ହଇରାଣ ହରକତ କରିବା ସହ ଅଧିକରୁ ଅଧିକ କଳାଧନ ଠୁଳ କରି ବହୁ ପ୍ରାସାଦ ନିର୍ମାଣ ଓ ବିଳାସମୟ ଜୀବନ ବିତାଇବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା ହୋଇଥିଲେ ବି ଏହାକୁ ବେଖାତିର କରୁଥିବା ପ୍ରଶାସନିକ ଅଧିକାରୀ କେମିତି ଯେ କଳଙ୍କିତ ହୋଇପଡନ୍ତି ନିକଟରେ ତାହାର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ଫେବୃଆରୀ ୧୫ ସଂଧ୍ୟାରେ କଟକ ସ୍ଥିତ ଓଏସ୍‌ଆଇସି କାର୍ଯ୍ୟାଳୟରୁ ନିଜ ଘରକୁ ଫେରୁଥିବା ବେଳେ ଏହାର ପରିଚାଳନା ନିର୍ଦ୍ଦେଶକ ପାର୍ଥସାରଥୀ ମିଶ୍ର କୋଟି କୋଟି ଟଙ୍କା ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍ ହାଜତର ଅନ୍ଧାରି କୋଠରୀରେ ରହିଛନ୍ତି। ପାର୍ଥସାରଥିଙ୍କ ଦୁଇଦିନିଆ ଜିମା ଗତ ଗୁରୁବାର ଶେଷ ହୋଇଛି। ଭିଜିଲାନ୍ସ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଚୌଦ୍ୱାର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଦୁଇଦିନିଆ ଜିମା ସମୟରେ ଭିଜିଲାନ୍ସ ଶ୍ରୀ ମିଶ୍ରଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିବାରେ ସମର୍ଥ ହୋଇଥିଲେ ମଧ୍ୟ ଆୟବର୍ହିଭୂତ ସମ୍ପତ୍ତି ସମ୍ପର୍କରେ ବିଶେଷ କିଛି ସଠିକ୍ ତଥ୍ୟ ହାସଲ କରିପାରିନାହିଁ। ଶ୍ରୀ ମିଶ୍ରଙ୍କ ମା'ଙ୍କ ନାମରେ ମୁମ୍ବାଇରେ ଏକ ଅଟ୍ଟାଳିକା ରହିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଛି। ତେବେ ଶ୍ରୀ ମିଶ୍ରଙ୍କ ବାସଭବନରୁ ମିଳିଥିବା କୋଟି କୋଟି ଟଙ୍କାର ସମ୍ପତ୍ତି ସେ କିପରି ଜମା କଲେ ସେ ସଂକ୍ରାନ୍ତରେ ଭିଜିଲାନ୍ସ କୌଣସି ଠୋସ୍ ପ୍ରମାଣ ଜୁଟେଇ ପାରିନାହିଁ। ଜେରାରେ ଶ୍ରୀ ମିଶ୍ର ବିଶେଷ ସହଯୋଗ ନ କରିବାରୁ ଭିଜିଲାନ୍ସ ସ୍ୱଳ୍ପ ସମୟରେ ତଥ୍ୟ ହାସଲ କରିପାରି ନଥିବା ତଦନ୍ତାଧିକାରୀ କହିଛନ୍ତି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ମିଶ୍ରଙ୍କୁ ପୁଣିଥରେ ଜିମାରେ ଆଣିବା ସକାଶେ କୋର୍ଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟ ଏକ ଘଟଣାରେ ଆୟକର ବିଭାଗ ପକ୍ଷରୁ ନୂଆପଡ଼ା ଜିଲ୍ଲା ଖଡିଆଳ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଶରତ ଚନ୍ଦ୍ର ପଣ୍ଡାଙ୍କ ବାସଭବନରେ ଯାଞ୍ଚ କରାଯିବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ➤ ପୃ-୭



### ଶେଷରେ ସତ ମାନିଲା ପାକିସ୍ତାନ

# ମୃତ୍ୟୁର ତାଣ୍ଡବ ରଚୁଛି ସୟିଦ୍



**ଲାହୋର :** ମୁମ୍ବାଇ ଆକ୍ରମଣ ଘଟଣାର ମାଷ୍ଟରମାଇଣ୍ଡ଼ ତଥା ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦ୍ ପାକିସ୍ତାନ ପାଇଁ ବିପଦ। ପାକିସ୍ତାନର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ଗୃହବନ୍ଦୀ କରାଯାଇ ଆତଙ୍କବାଦୀ ତାଲିକାରେ ସାମିଲ କରାଯାଇଛି। ଏକ ଅନ୍ତର୍ଜାତୀୟ ନିରାପତ୍ତା ସମ୍ମିଳନୀରେ ଏହା ସ୍ୱୀକାର କରିଛନ୍ତି ପାକିସ୍ତାନର ପ୍ରିରକ୍ଷାମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍।

ପାକିସ୍ତାନ ବିଶ୍ୱ ସମୁଦାୟର ଚାପ ଉପରେ ମୁଣ୍ଡ ନୁଆଁଇଛି। ଆତଙ୍କବାଦୀଙ୍କ ମାଷ୍ଟର ହାଫିଜ୍ ସୟିଦଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ସଙ୍କେତ ଦେଇଛି ଇସ୍‌ଲାମାବାଦ। ଭାରତ ସମେତ ବିଭିନ୍ନ ଦେଶରେ ମୃତ୍ୟୁର ତାଣ୍ଡବ ଓ ସଂହାରଲୀଳା ରଚୁଥିବା ସୟିଦୀଙ୍କୁ ଏକ ସାମାଜିକ କର୍ମୀ ଓ ଦାତବ୍ୟ ଅନୁଷ୍ଠାନର ପରିଚାଳକ ବୋଲି ଅଭିହିତ କରିଆସୁଥିବା ପଡ଼ୋଶୀ ଶେଷରେ ତାଙ୍କୁ ଆତଙ୍କବାଦୀ ବୋଲି ବିଶ୍ୱ ସମୁଦାୟ ନିକଟରେ ଅସ୍ୱୀକାର କରିବାକୁ ବାଧ ହୋଇଛି। ଜର୍ମାନୀସ୍ଥିତ ମ୍ୟୁଜିକ୍‌ରେ ମ୍ୟୁନିକ୍ ନିରାପତ୍ତା ସମ୍ମିଳନୀର ସୋମବାର ଆସିଫ୍ କହିଛନ୍ତି, ସୟିଦ୍ ନିଜ ଦେଶ ଓ ସମାଜ ପାଇଁ ଏକ ବଡ଼ ବିପଦ। ବୃହତ୍ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ତାଙ୍କୁ ଗୃହବନଦୀ କରାଯାଇଛି। ଆଗକୁ ମଧ ତାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେପଟେ ସୟିଦ ଓ ତାଙ୍କ ସହଯୋଗୀ ତଥା ଜେୟୁଡିର କେତେଜଣ ସଦସ୍ୟଙ୍କୁ ଜାରି କରାଯାଇଥିବା ଅସ୍ତ୍ରଶସ୍ତ୍ର ଲାଇସେନ୍ସକୁ ପାକିସ୍ତାନ ସରକାର ରଦ୍ଦ କରିଦେଇଛନ୍ତି। ସୁରକ୍ଷା କାରଣରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପଞ୍ଜାବ ପ୍ରଦେଶ ଗୃହ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ଆସିଫଙ୍କ ଏଭଳି ମନ୍ତବ୍ୟକୁ ପାକିସ୍ତାନର କେତେକ ମହଲରେ ନିନ୍ଦା କରାଯାଇଛି। ସୟିଦ୍ ଜଣେ ଦେଶଭକ୍ତ ନେତା ଏବଂ ଆସିଫ୍ ଭାରତର ମୁଖପାତ୍ର ସାଜି ତାଙ୍କ ବିରୋଧରେ କହିଛନ୍ତି ବୋଲି କେତୋଟି ଦଳ ସମାଲୋଚନା କରିଛନ୍ତି। ସୂଚନାଯୋଗ୍ୟ ସୟିଦଙ୍କୁ ଗତ ଜାନୁୟାରୀ ୩୦ରେ ଲାହୋରରେ ଗିରଫ କରାଯାଇଥିଲା। ଆତଙ୍କବାଦୀ ନିରୋଧୀ ଆଇନ(ଏଟିଏ)ର ଚତୁର୍ଥ ପରିଚ୍ଛେଦ ଅନୁସାରେ ତାଙ୍କୁ ୯୦ ଦିନ ପାଇଁ ଗୃହବନ୍ଦୀ କରାଯାଇଛି। ଏହାସହ ସୟିଦଙ୍କ ବିଦେଶ ଯାତ୍ରା ଉପରେ ରୋକ ଲଗାଇବାକୁ ଯାଇ ପାକିସ୍ତାନ ସରକାର ପ୍ରସ୍ଥାନ ନିୟନ୍ତ୍ରଣ ତାଲିକାରେ ତାଙ୍କ ନାମ ଅନ୍ତର୍ଭୁକ୍ତ କରିଛନ୍ତି। ୨୦୦୮ ନଭେମ୍ବର ୯ରେ ବମ୍ବେ ଆତଙ୍କବାଦୀ ଆକ୍ରମଣର ୧୬୬ ନିହତ ହେବା ପରେ ସୟିଦ୍‌ଙ୍କୁ ପ୍ରଥମଥର ପାଇଁ ଗୃହବନ୍ଦୀ କରାଯାଇଥିଲା। କିନ୍ତୁ ୨୦୦୯ରେ ପାକିସ୍ତାନର ଏକ କୋର୍ଟ ତାଙ୍କୁ ମୁକ୍ତ କରିଦେଇଥିଲେ। ନିକଟରେ ସିନ୍ଧ୍ ପ୍ରଦେଶର ସୁଫି ଦରଘାରେ ଏକ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ଶତାଧିକ ନିହତ ହେବା ସହ ଏପରିକି ୮ରୁ ଅଧିକ ବଡ଼ଧରଣର ବିସ୍ଫୋରଣ ହେବା ପରେ ସୟିଦଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

## ଆସିବନି ୧୦୦୦ ଟଙ୍କିଆ ନୋଟ୍

**ନୂଆଦିଲ୍ଲୀ :** ବଜାରକୁ ନୂଆ ହଜାର ଟଙ୍କିଆ ନୋଟ ଆଣିବା ନେଇ କୌଣସି ଯୋଜନା ନାହିଁ । ଏ ନେଇ କେତେକ ଗଣମାଧ୍ୟମରେ ଯେଉଁ ଖବର ପ୍ରକାଶ ପାଇଛି ତାହାକୁ ଖଣ୍ଡନ କରିବା ସହ ଉପରୋକ୍ତ ସ୍ପଷ୍ଟୋକ୍ତି ଦେଇଛନ୍ତି ଅର୍ଥନୈତିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ । ଏଭଳି ଆଶଙ୍କା ଅମୂଳକ ବୋଲି କହିବା ସହ ନୂତନ ୧୦୦୦ ଟଙ୍କିଆର ବଜାର ପ୍ରବେଶ ହେବାର କୌଣସି ଯୋଜନା ନଥିବା ସେ ସ୍ପଷ୍ଟ କରିଛନ୍ତି । ପ୍ରକାଶଥାଉକି ନଭେମ୍ବର ୮ରେ ପୁରୁଣା ୧୦୦୦ ଓ ୫୦୦ ଟଙ୍କିଆକୁ ଅଚଳ କରାଯିବା ପରେ ନୂତନ ୨୦୦୦ ଓ ୫୦୦ଟଙ୍କିଆ ନୋଟ ପ୍ରଚଳନ ହୋଇଛି । ତେବେ ବଡ଼ ନୋଟ ଦୃଷ୍ଟିରୁ ପୁଣି ୧୦୦୦ ଟଙ୍କିଆ ଆଣିବା ପାଇଁ ସରକାର ଯୋଜନା କରୁଥିବା କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏହା ଉପରେ ଟ୍ୱିଟର ଜରିଆରେ ନିଜ ପକ୍ଷ ରଖିଛନ୍ତି କେନ୍ଦ୍ର ଅର୍ଥ ସଚିବ ଶ୍ରୀ ଦାସ । ରିପୋର୍ଟକୁ ଖଣ୍ଡନ କରି ଟୁଇଟରରେ ସେ କହିଛନ୍ତି ଯେ, ୫୦୦ ଟଙ୍କିଆ ଏବଂ ଅନ୍ୟ ଛୋଟ ନୋଟ୍‌ର ଛାପା ଏବଂ ବଜାରକୁ ଯୋଗାଣ ଉପରେ ବର୍ତ୍ତମାନ ଅଧିକ ଗୁରୁତ୍ୱ ରହିଛି । ଏହି ଅବସରରେ ସେ ଆବଶ୍ୟକତା ଅନୁଯାୟୀ ଟଙ୍କା ଉଠାଣ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

# ୧ ମିନିଟ୍‌ରେ ୨ ଭାରତୀୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ :** ବାୟୁ ପ୍ରଦୂଷଣର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇଚାଲିଥିବାବେଳେ ଏହା ଏବେ ମହାମାରୀର ରୂପ ନେବାକୁ ଯାଉଛି। ପ୍ରତ୍ୟେକ ଦିନ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସର ପରିମାଣ ବୃଦ୍ଧି ହେଉଛି। ଏହି ବିଷାକ୍ତ ଗ୍ୟାସ ଭାରତୀୟ ଜନସଂଖ୍ୟା ପାଇଁ ବିପଦ ସୃଷ୍ଟି କରିଚାଲିଛି। ବାୟୁପ୍ରଦୂଷଣଜନିତ କୁପ୍ରଭାବର ବାସ୍ତବତାକୁ ଜଣେ ଜାଣିଲେ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇଯିବ। ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ଆମ ଦେଶରେ ପ୍ରତି ମିନିଟ୍‌ରେ ୨ଜଣ ପ୍ରାଣ ହରାଉଛନ୍ତି। ମେଡିକାଲ ଜର୍ଣ୍ଣାଲ 'ଦ ଲାନସେଟ'ର ରିପୋର୍ଟ ଅନୁଯାୟୀ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ୧୦ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରୁ କେତେକ ଭାରତରେ ଅବସ୍ଥିତ। ଚଳିତ ସପ୍ତାହରେ ପ୍ରକାଶ ପାଇଥିବା ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ ପ୍ରଦୂଷଣ କାରଣରୁ ବିଶ୍ୱରେ ପ୍ରତିବର୍ଷ ୨୭ରୁ ୩୪ ଲକ୍ଷ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମଗ୍ରହଣ କରୁଛନ୍ତି। ଏଥିରୁ କେବଳ ଆଫ୍ରିକା ମହାଦେଶରେ ୧୬ ଲକ୍ଷ ଶିଶୁ ଜନ୍ମ ହେଉଛନ୍ତି। ୨୦୧୦ର ଗବେଷଣା ଆଧାରରେ ଏହି ତଥ୍ୟ ପ୍ରକାଶ କରାଯାଇଛି। ବାୟୁପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଅଙ୍ଗାଅଙ୍ଗୀ ଭାବେ ଜଡିତ। ଏହାକୁ ଏକାଠି ମୁକାବିଲା କରାଯିବା ଦରକାର। ପ୍ରଦୂଷଣ ମାନବ ସ୍ୱାସ୍ଥ୍ୟ ହାନିର ମୂଳକାରଣ। ସ୍ୱାସ୍ଥ୍ୟହାନି କାରଣରୁ ଭାରତରେ ଯେଉଁ ଶ୍ରମ ଦିବସ ନଷ୍ଟ ହେଉଛି ତାହାର ମୂଲ୍ୟ ବର୍ଷକୁ ୩୮୦୦ କୋଟି ଡଲାର। ବିଶ୍ୱରେ ଏହାର ମୂଲ୍ୟ ହେଉଛି ୨୨, ୫୦୦କୋଟି ଡଲାର। ପ୍ରଦୂଷଣର ବିଭିନ୍ନ ପ୍ରକାର ମଧ୍ୟରୁ ବାୟୁ ପ୍ରଦୂଷଣ ସବୁଠାରୁ ମାରାତ୍ମକ। ଅପରିଣତ ବୟସରେ ମଣିଷର ମୃତ୍ୟୁର କାରଣ ମଧ୍ୟରୁ ବାୟୁ ପ୍ରଦୂଷଣ ତୃତୀୟ ବୃହତ କାରଣ। ରିପୋର୍ଟରେ ଉଲ୍ଲେଖ କରାଯାଇଛି କୋଇଲା ଦ୍ୱାରା ପରିଚାଳିତ ଶକ୍ତି

### ବାୟୁ ପ୍ରଦୂଷଣ

କେନ୍ଦ୍ରଗୁଡିକ ଦ୍ୱାରା ୫୦% ବାୟୁ ପ୍ରଦୂଷଣ ହେଉଛି। କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅନିଲ ମାଧବ ଡାଭେ ନିକଟରେ ସଂସଦରେ ସ୍ୱୀକାର କରିଥିଲେ ଯେ ବାୟୁ ପ୍ରଦୂଷଣକୁ ଯାଞ୍ଚ କରିବା ପାଇଁ ବାର୍ଷିକ ୭କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ବାୟୁ ପ୍ରଦୂଷଣ ଯୋଗୁଁ ଦେଶରେ ପ୍ରତିବର୍ଷ କେତେ ଲୋକ ଫୁସଫୁସ ଓ ଏ ସମ୍ପର୍କିତ ରୋଗରେ ପ୍ରାଣ ହରାଉଛନ୍ତି ତାର ସଠିକ୍ ଅନୁଧ୍ୟାନ କରାଯାଇପାରି ନାହିଁ। ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି ପ୍ରଦୂଷଣ ଛୋଟ ଶିଶୁଙ୍କ ଫୁସଫୁସକୁ ସଂକ୍ରମଣ କରୁଛି। ଏହା ଏକ ନୀରବ ଘାତକ ସଦୃଶ। ଏଥିପାଇଁ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ପ୍ରଦୂଷଣ ରୋକିବାକୁ ବହୁତ କିଛି କରାଯାଉଛି ଥିଲେ ମଧ୍ୟ ଆହୁରି ବହୁତ କିଛି କରାଯିବା ଦରକାର।

# ମେ'ରୁ ଅନ୍‌ଲାଇନ୍ ଇପିଏଫ୍ ଉଠାଣ

**ନୂଆଦିଲ୍ଲୀ :** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) କୁ ସହଜ ଓ ଅତିକମ୍ ସମୟ ମଧ୍ୟରେ ଉଠାଣ ସମ୍ପର୍କିତ ବିଭିନ୍ନ ଦାବି ସମାଧାନ ପାଇଁ ଆଉ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିବ ନାହିଁ କିମ୍ବା ଫର୍ଦ୍ଦ ଫର୍ଦ୍ଦ ଫର୍ମ ପୂରଣ କରିବାକୁ ହେବ ନାହିଁ। ଏଥର ଅନ୍‌ଲାଇନ୍‌ରେ ଇପିଏଫ ସେବା ମିଳିବ। ଏଥିସହିତ ମାର୍ଚ୍ଚ ମାସରୁ ଇପିଏଫ୍‌ଓର ଘର ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡିଛି। ସେହିପରି ଆସନ୍ତା ମେ ମାସରୁ ସଦସ୍ୟମାନଙ୍କୁ ଅନ୍‌ଲାଇନ୍ ସେବା ମିଳିଯିବ ବୋଲି ଆଶା କରାଯାଉଛି। ଏଥିପାଇଁ ଇପିଏଫଓର କାର୍ଯ୍ୟାଳୟ ଗୁଡ଼ିକ ଇପିଏଫ ଉଠାଣ, ପେନସନ୍ ନିର୍ଦ୍ଧାରର ଏବଂ ମୃତ ବ୍ୟକ୍ତିଙ୍କ ଗୋଷ୍ଠୀ ବୀମା ସୁବିଧା ପାଇବା ପାଇଁ ବର୍ଷକୁ ପ୍ରାୟ ୧ କୋଟି ଆବେଦନ ପାଉଛନ୍ତି ଏବଂ ସମସ୍ତ କ୍ଷେତ୍ରରେ କାର୍ଯ୍ୟାଳୟ ଗୁଡ଼ିକୁ ଏକ କେନ୍ଦ୍ରୀୟ ସର୍ଭର ସହିତ ଯୋଡିବା ପାଇଁ କାର୍ଯ୍ୟ ଚାଲିଛି। ମେ ମାସ ସୁଦ୍ଧା ଉପରୋକ୍ତ ସେବା ସବୁ ଅନ୍‌ଲାଇନ୍‌ରେ ଯୋଗାଇ ଦେବା ନେଇ ଆମେ ଆଶାବାଦୀ ରହିଛୁ ବୋଲି ଇପିଏଫଓର କେନ୍ଦ୍ରୀୟ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତ ଭି ପି ଜୟ କହିଛନ୍ତି।

ସୂଚନାଅନୁସାର ଅନ୍‌ଲାଇନ୍ ସେବା ଇପିଏଫଓ ଶୀଘ୍ର ଯୋଗାଇ ଦେବା ସହ ଅନ୍‌ଲାଇନ୍ ଆବେଦନର ୩ ଘଣ୍ଟା ମଧ୍ୟରେ ସମାଧାନ କରିବା ଲକ୍ଷ୍ୟ ରଖିଛି। ଏହା ସହ ଏହାର ୫୦ଟି କ୍ଷେତ୍ରୀୟ କାର୍ଯ୍ୟାଳୟକୁ କେନ୍ଦ୍ରୀୟ ସର୍ଭର ସହିତ ଯୋଡ଼ିସାରିଛିଏବଂ ନିକଟରେ ଇପିଏଫଓର ଡିଜିଟାଇଜେସନ୍ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ସଂଗଠନର ୧୨୩ଟି କାର୍ଯ୍ୟାଳୟକୁ କେନ୍ଦ୍ରୀୟ ସର୍ଭର ସହିତ ଯୋଡ଼ିବାକୁ ଏଥିରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଇପିଏଫଓ ପକ୍ଷରୁ ଏହାର ସମସ୍ତ ସଦସ୍ୟ ଏବଂ ପେନସନ୍‌ଭୋଗୀଙ୍କ ପାଇଁ ଆଧାର ନମ୍ବର ଦାଖଲକୁ ବାଧ୍ୟତାମୂଳକ କରାଯାଇଛି। ଏହାଦ୍ୱାରା ଇପିଏଫ୍ ଆକାଉଣ୍ଟ ସହିତ ଯୋଡାଯାଇ ପାରିବ। ଫଳରେ ଅନ୍‌ଲାଇନ୍‌ରେ ଟଙ୍କା ଉଠାଣ ଏବଂ ପେନ୍‌ସନ୍ ନିର୍ଦ୍ଧାରଣ ଭଳି ସେବା ମିଳିପାରିବ। ନିକଟରେ ଇପିଏଫଓ ଏହାର ସଦସ୍ୟ ଏବଂ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଆଦାର ନମ୍ବର ଦାଖଲର ଅବଧି ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି।

# ଆମେରିକାରେ ଭାରତୀୟଙ୍କ ପାଇଁ ସଙ୍କଟ ବଢୁଛି



**ୱାସିଂଟନ:** ବର୍ଣ୍ଣବୈଷମ୍ୟ ଓ ଘୃଣା ବଢ଼ିବା ଯୋଗୁଁ ଆମେରିକାରେ ପ୍ରବାସୀଙ୍କ ପ୍ରତି ଅତ୍ୟାଚାର ବଢ଼ିବା ଆରମ୍ଭ ହୋଇଛି। ଗତ ବୁଧବାର ସଂଧ୍ୟାରେ ଏହାର ଶିକାର ହୋଇଛନ୍ତି ଦୁଇ ଭାରତୀୟ ଇଞ୍ଜିନିୟର। କାନସାସ ସହର ଉପକଣ୍ଠ ଏକ ବାରରେ ଦୁଇ ଇଞ୍ଜିନିୟରଙ୍କୁ ଜଣେ ଶ୍ୱେତାଙ୍ଗ ଗୁଳିମାଡ କରିବାରୁ ଜଣଙ୍କର ମୃତ୍ୟୁ ହେବା ସହ ଆଉଜଣେ ଗୁରୁତର ହୋଇଛନ୍ତି। ମୃତ ଇଞ୍ଜିନିୟର ଶ୍ରୀନିବାସ କୁଚିଭୋଟଲା (୩୨) ଓ ଆହତ ଆଲୋକ ମାଦାସନି ଉଭୟଙ୍କ ଘର ହାଇଦ୍ରାବାଦରେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ଡ଼ୋନାଲ୍ ଟ୍ରମ୍ପ ଦିନକୁ ଦିନ ନିଜର କଠୋର ନୀତିକୁ ପରିପ୍ରକାଶ କରିବାରେ ଲାଗିଛନ୍ତି। ପୂର୍ବରୁ ୭ଟି ମୁସଲିମ୍ ରାଷ୍ଟ୍ରର ନାଗରିକଙ୍କ ବିରୋଧରେ କଠୋର ଭିସା କଟକଣା ଆରୋପକରି ବିଶ୍ୱରେ ଚହଳ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଆଜି ଆମେରିକାରେ ଥିବା ଅଣସ୍ୱୀକୃତ ପ୍ରବାସୀଙ୍କ ପାଇଁ ଦୁଇଟି ଇମିଗ୍ରେସନ ନିର୍ଦ୍ଦେଶନାମା ଜରି କରିଛନ୍ତି। ଏହାଦ୍ୱାରା ଆମେରିକାରେ ରହିଥିବା ୩ ଲକ୍ଷ ପ୍ରବାସୀ ଭାରତୀୟଙ୍କ ସମେତ ବିଶ୍ୱର ୧୧ ଲକ୍ଷ ପ୍ରବାସୀ ଚାକିରି ହରାଇବେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆମେରିକାରେ ପ୍ରାୟ ୩ ଲକ୍ଷ ଭାରତୀୟ ବିଭିନ୍ନ ସଂସ୍ଥାରେ କର୍ମରତ ରହିଛନ୍ତି। ସେମାନେ ଦେଶକୁ ବିପୁଳ ପରିମାଣର ଡଲାର ପଠାଉଥିବାରୁ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ବଳିଷ୍ଠ ରହିଛି। ଏହି ଭାରତୀୟମାନେ ଦେଶକୁ ଫେରିଲେ ବେକାରୀ ବୃଦ୍ଧି ସହିତ ବିଦେଶୀ ମୁଦ୍ରା ଆଗମନ ହାର ହ୍ରାସ ପାଇବ। ଯାହାକି ଦେଶପାଇଁ ଗୁରୁତ୍ୱର ସମସ୍ୟା ସୃଷ୍ଟି କରିବା ଆଶଙ୍କା କରାଯାଉଛି। ଆମେରିକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ଭାରତୀୟ ବୈଷୟିକବିତ୍‌ମାନେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ୟୁରୋପୀୟ ସଂପ୍ରଦାୟ ଓ ଜାପାନ ଭଳି ଉନ୍ନତ ରାଷ୍ଟ୍ରମାନେ ନିଜ ଦେଶରେ ସ୍ୱାଗତ କରିବେ ବୋଲି କହିଥିଲେ ମଧ୍ୟ ଏତେସଂଖ୍ୟକ ପ୍ରବାସୀ ଭାରତୀୟ ହଠାତ କର୍ମଯୋଗାଣ ପାଇବା ସମ୍ଭବ ହେବନାହିଁ। ତେଣୁ ଟ୍ରମ୍ପ ପ୍ରଶାସନର ଏହି କଠୋର ଇମିଗ୍ରେସନ ଆଇନକୁ ନେଇ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଦେଶରେ ରହିଥିବା ସମସ୍ତ ପ୍ରବାସୀଙ୍କ ନଥିପତ୍ର ଯାଞ୍ଚ କରାଯିବ ବୋଲି ଆମେରିକାର ଡିଏଚ୍‌ଏସ୍ ବିଭାଗ ପ୍ରକାଶ କରିଛି।

# ବେଆଇନ୍ ଖଣି ଖନନ ମାମଲାର ଶୁଣାଣି ଆରମ୍ଭ

**ନୂଆଦିଲ୍ଲୀ :** ବେଆଇନ୍ ଖଣି କାରବାର ମାମଲାରେ ସ୍ୱେଚ୍ଛାସେବୀ ସଂଗଠନ 'କମନ୍ କଜ୍' ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଆରମ୍ଭ ହୋଇଛି। ଜଷ୍ଟିସ ମଦନ ବି ଲୋକୁର, ଜଷ୍ଟିସ କୁରିଆନ ଯୋଶେଫ ଓ ଜଷ୍ଟିସ ଏକେ ସିକ୍ରିଙ୍କୁ ନେଇ ଗଠିତ ଖଣ୍ଡପୀଠରେ ପ୍ରଥମ ଦିନର ଶୁଣାଣିରେ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ରଖିଥିଲେ। ବେଆଇନ ଖଣି କାରବାରରେ ଲିପ୍ତ ଖଣି ମାଲିକଙ୍କ ଖଣି ଲିଜ ବାତିଲ ସହ ଖଣି ଉତ୍ତୋଳନ କାର୍ଯ୍ୟକୁ ସସ୍‌ପେଣ୍ଡ କରିବା ଏବଂ ସେମାନଙ୍କ ପାଖରୁ ଜୋରିମାନା ଆଦାୟ ପାଇଁ ଦାବି ଉପସ୍ଥାପନ କରିଥିଲେ। ଓଡ଼ିଶାରେ ଖଣି ଦୁର୍ନୀତିର ତଦନ୍ତ ପାଇଁ ତତ୍‌କାଳୀନ କେନ୍ଦ୍ର ସରକାର ଶାହା କମିଶନ ଗଠନ କରିଥିଲେ। କମିଶନଙ୍କ ରିପୋର୍ଟକୁ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନ କରାଯାଇଥିଲା। କମିଶନଙ୍କ ରିପୋର୍ଟ ଭିତ୍ତିରେ କେନ୍ଦ୍ରୀୟ ଉଚ୍ଚ କ୍ଷମତାସଂପନ୍ନ କମିଟି (ସିଇସି)କୁ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସିଇସି ମଧ୍ୟ ଓଡ଼ିଶାରେ ବେଆଇନ ଖଣି କାରବାର ସମ୍ପର୍କରେ ନିଜ ରିପୋର୍ଟରେ ଦର୍ଶାଇଥିଲେ। ବିଭିନ୍ନ ଖଣି ଉତ୍ତୋଳନକାରୀଙ୍କ ଦ୍ୱାରା ଏ ବାବଦ ସର୍ତ୍ତାବଳୀ, ନିୟମ, ସୁପ୍ରିମ୍‌କୋର୍ଟର ଆଦେଶର ଉଲ୍ଲଙ୍ଘନ ହୋଇଥିଲା ଏବଂ ବିନା ପରିବେଶ ମଞ୍ଜୁରିରେ ଲୁହାପଥର ଓ ମାଙ୍ଗାନିଜ ପଥର ଉତ୍ତୋଳନ କରାଯାଇଥିଲା ବୋଲି ପ୍ରଶାନ୍ତ ଭୂଷଣ କହିଛନ୍ତି। ସିଇସି ରିପୋର୍ଟ ପରେ ଖଣି ମାଲିକମାନଙ୍କ ଦ୍ୱାରା ମଧ୍ୟ ଅବ୍‌ଜେକ୍‌ସନ ଫାଇଲ କରାଯାଇଛି। ତେଣୁ ମାମଲାର ଶୁଣାଣିରେ ଆଉ ବିଳମ୍ବର କାରଣ ନାହିଁ ବୋଲି ସେ କହିଥିଲେ। ଶୁଣାଣି ସମୟରେ ଶାହା କମିଶନ ଓ ସିଇସି ରିପୋର୍ଟରେ ବେଆଇନ ଖଣି କାରବାର ସମ୍ପର୍କରେ ଯେଉଁସବୁ ତଥ୍ୟ ଉଲ୍ଲେଖ କରାଯାଇଥିଲା ସେ ସମ୍ପର୍କରେ ପ୍ରଶାନ୍ତ ଭୂଷଣ ବାରମ୍ବାର କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖଣି ଲିଜ୍ ବାତିଲ ସହିତ ଜୋରିମାନା ଆଦାୟ କରିବାକୁ ସେ ଯୁକ୍ତି ରଖିଥିଲେ। ଶୁଣାଣି ସମୟରେ ନିୟମ ୩୭ର ବ୍ୟାପକ ଉଲ୍ଲଙ୍ଘନ ହୋଇଥିବା ଦର୍ଶାଇ ସେ ତଥ୍ୟ ଉପସ୍ଥାପନ କରିଥିଲେ।

# ଓଡ଼ିଶା-ଆଇଓସି ମୁହାଁମୁହିଁ



**ନୂଆଦିଲ୍ଲୀ :** ଓଡ଼ିଶା ସରକାର ଟିକସ ସୁବିଧା ପ୍ରତ୍ୟାହାର କରିନେବା ପରେ ଭାରତୀୟ ତୈଳ ନିଗମ (ଆଇଓସି) ପାରାଦୀପ ବିଶୋଧନାଗାରରେ ନିବେଶ କରିବାକୁ ଥିବା ୫୨ ହଜାର କୋଟି ଟଙ୍କାର ନିବେଶ ନିଷ୍ପତ୍ତି ପୁନର୍ବିଚାର କରିବାକୁ ଧମକ ଦେଇଛି। ଏହି ଅର୍ଥ ବିନିଯୋଗ କରି କମ୍ପାନୀ ପାରାଦୀପ ବିଶୋଧନାଗାରର ସମ୍ପ୍ରସାରଣ ଓ ଏକ ପେଟ୍ରୋକେମିକାଲ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା ରଖିଥିଲା। ଆଇଓସି ପାରାଦୀପ ବିଶୋଧନାଗାରର ଉତ୍ପାଦନ କ୍ଷମତାକୁ ଆଉ ୫ ନିୟୁତ ଟନ୍ ବଢ଼ାଇବାକୁ ଯୋଜନା ରଖିଥିଲା। ବର୍ତ୍ତମାନ ଏହି କାରଖାନାର ଉତ୍ପାଦନ କ୍ଷମତା ବାର୍ଷିକ ୧୫ ନିୟୁତ ଟନ୍ ରହିଛି। ଏହାବ୍ୟତୀତ କମ୍ପାନୀ ଏଠାରେ ଏକ ପଲିପ୍ରୋପେଲିନ୍ କାରଖାନା ଓ ମୋନୋଇଥାଇଲିନ୍ ଗ୍ଲାଇକଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବାକୁ ଚାହୁଁଥିଲା।

ଏହି ପ୍ରକଳ୍ପ ପ୍ରତିଷ୍ଠା କରିବାରେ ୬ ବର୍ଷ ବିଳମ୍ବ ହେବାରୁ ଓଡ଼ିଶା ସରକାର ପ୍ରକଳ୍ପ ପାଇଁ ପ୍ରଦାନ କରିଥିବା ୧୧ ବର୍ଷିଆ ଟଇକସ ରିହାତି ସୁବିଧା ପ୍ରତ୍ୟାହାର କରିବା ଉପରେ ବିଚାର କରୁଛନ୍ତି ବୋଲି ଏକ ଚିଠି ମାଧ୍ୟମରେ ଜଣାଇଥିଲେ। ଏହା ପରେ କମ୍ପାନୀ ଚେତାବନୀ ଦେଇଛି ଯେ ଏହି ପ୍ରକଳ୍ପ ପାଇଁ ଯେଉଁସବୁ ଭବିଷ୍ୟତ ନିବେଶ ଯୋଜନା ପ୍ରସ୍ତୁତ କରାଯାଇଥିଲା ତାହାର ପୁନର୍ବିଚାର କରାଯିବ। କୁହାଯାଉଛି ଯେ, ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ ଓ ବିଜୁ ଜନତା ଦଳ (ବିଜେଡି)ର ରାଜନୈତିକ ଲଢ଼େଇ ଭିତରେ ଏହି ପ୍ରକଳ୍ପ ଫସିଯାଇଛି। ପୁଞ୍ଜିନିବେଶ ଯୋଜନାର ପୁନର୍ବିଚାର କରିବା ବିଷୟରେ ଆଇଓସି ପକ୍ଷରୁ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯାଇଛି। ୨୦୨୦ ସୁଦ୍ଧା ପାରାଦୀପ ବିଶୋଧନାଗାରରୁ ୟୁରୋ-୪ ମାନର ପେଟ୍ରୋଲ୍ ଓ ଡିଜେଲ୍ ଉତ୍ପାଦନ କରିବାକୁ ଆଇଓସି ଲକ୍ଷ୍ୟ ରଖିଥିଲା। କମ୍ପାନୀର ଭବିଷ୍ୟତ ନିବେଶ ଯୋଜନାର ଅର୍ଥ ଏଥିପାଇଁ ବିନିଯୋଗ କରାଯାଇଥାନ୍ତା। ଯଦି ଏହି ବିଶୋଧନାଗାରରେ ପୁଞ୍ଜିନିବେଶ କରାଯିବ ନାହିଁ ତେବେ ଆଇଓସିକୁ ଭାରତ ବାହାରେ ଏହି

### ଭାଟ୍

ମାନର ପେଟ୍ରୋଲ ଓ ଡିଜେଲ୍ ଆମଦାନି ବଜାର ସନ୍ଧାନ କରିବାକୁ ପଡିବ। କାରଣ ୨୦୨୦ ପରେ ଏହାଠାରୁ ନିମ୍ନମାନର ପେଟ୍ରୋଲ ଓ ଡିଜେଲ୍ ଦେଶରେ ବିକ୍ରି ହେବନାହିଁ। ପାରାଦୀପ ବିଶୋଧନାଗାରଠାରେ ୩୫୦୦ କୋଟି ଟଙ୍କା ବିନିଯୋଗରେପଲିପ୍ରୋପେଲିନ୍ କାରଖାନା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାକୁ ୨୦୧୭ ସପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ରାଜ୍ୟ ସରକାରଙ୍କୁ ଯେଉଁ ଚେତାବନୀ ଦେଇଛି ଯଦି ସେହି ଅନୁସାରେ ଆଗକୁ ବଢ଼ିବ ତେବେ ଏହି ପ୍ରକଳ୍ପ କାର୍ଯ୍ୟ ଅଧା ବାଟରେ ଅଟକି ଯିବାର ସନ୍ଦେହ ସୃଷ୍ଟି ହୋଇଛି। ୨୦୧୬ ଡିସେମ୍ବରରେ ରାଜ୍ୟ ସରକାର କମ୍ପାନୀକୁ ଏକ ନୋଟିସ୍ ପଠାଇ ଜଣାଇଥିଲେ ଯେ, ୩୪,୫୫୫ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା କରାଯାଇଥିବା ବିଶୋଧନାଗାରର ଧାର୍ଯ୍ୟ ସମୟଠାରୁ ୬ ବର୍ଷ ବିଳମ୍ବରେ ଆରମ୍ଭ କରାଯାଇଥିବାରୁ ୧୧ ବର୍ଷ ପର୍ଯ୍ୟନ୍ତ ଟିକସ ରିହାତି ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ଯେଉଁ ନିଷ୍ପତ୍ତି ହୋଇଥିଲା ତାହାକୁ କାହିଁକି ପ୍ରତ୍ୟାହାର କରାଯିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ୨୦୦୪ ଫେବୃଆରୀରେ ଆଇଓସି ଓ ରାଜ୍ୟ ସରକାରଙ୍କ ଭିତରେ ଟିକସ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ବୁଝାମଣା ଅନୁସାରେ ଆଇଓସିକୁ ବାର୍ଷିକ ୯ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ବିଶୋଧନାଗାର ୨୦୦୯-୧୦ରେ ଆରମ୍ଭ କରିବାର ଥିଲା। ମାତ୍ର ଏହି ପ୍ରକଳ୍ପ କାମ ବିଳମ୍ବିତ ହୋଇ ୨୦୧୬ ପ୍ରାରମ୍ଭରେ ହିଁ ଆରମ୍ଭ ହୋଇଥିଲା।

### ଗହଣା ବଜାରରେ ନୂଆ ସଂସ୍କାର

## ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା କିଣିଲେ ୧% ଟିସିଏସ୍

**ନୂଆଦିଲ୍ଲୀ :** ୨୦୧୭-୧୮ ଆର୍ଥିକ ବର୍ଷର ବଜେଟ ଗୃହୀତ ହେବା ପରେ ଗହଣା ବଜାରରେ ଏବେ ନୂଆ ସଂସ୍କାର ଆସିଛି ଯାହାଦ୍ୱାରା ନଗଦ ଅର୍ଥରେ ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଗହଣା କିଣିଲେ ଆସନ୍ତା ଏପ୍ରିଲରୁ ୧ ପ୍ରତିଶତ ଟିକସ(ଉତ୍ସରୁ ଟିକସ ସଂଗ୍ରହ- ଟିସିଏସ୍) ଗ୍ରାହକଙ୍କୁ ଦେବାକୁ ହେବ। ବର୍ତ୍ତମାନ ଏହି ସୀମା ୫ ଲକ୍ଷ ଟଙ୍କାରେ ରହିଛି। କିନ୍ତୁ ନୂଆ ନିୟମରେ ଗହଣାକୁ ମଧ୍ୟ ସାଧାରଣ ସାମଗ୍ରୀ ଭାବେ ବିଚାର କରାଯିବ। ଫଳରେ ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଗହଣା ନଗଦ ଅର୍ଥରେ କିଣିଲେ ୧ ପ୍ରତିଶତ ଟିସିଏସ୍ ଆସନ୍ତା ଏପ୍ରିଲ୍ ପହିଲାରୁ ଗ୍ରାହକଙ୍କୁ ଦେବାକୁ ପଡ଼ିବ। ଆଗରୁ ୩ ଲକ୍ଷ ଟଙ୍କାରୁ ଅଧିକ ନଗଦ କାରବାରକୁ ବଜେଟ୍‌ରେ ବେଆଇନ୍ ଘୋଷଣା କରାଯାଇଛି। ଯେଉଁ ବ୍ୟବସାୟ ଏହି ନିୟମକୁ ଉଲ୍ଲଂଘନ କରି ନଗଦ ଅର୍ଥ ଗ୍ରହଣ କରିବେ ସେମାନଙ୍କଠାରୁ ସମାନ ପରିମାଣର ଜରିମାନା ଆଦାୟ ବ୍ୟବସ୍ଥା କରାଯାଇଛି। ଫଳରେ ଗହଣା କ୍ଷେତ୍ରରେ ମଧ୍ୟ ଆଉ ୫ ଲକ୍ଷ ଟଙ୍କାର କାରବାର ହୋଇପାରିବ ନାହିଁ। ଆୟକର ଆଇନରେ ୨ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଏବଂ ସେବା କାରବାର କ୍ଷେତ୍ରରେ ୧ ପ୍ରତିଶତ ଟିକସ ଉତ୍ସରୁ କାଟି ରଖିବା ବ୍ୟବସ୍ଥା ରହିଛି ଯାହାଦ୍ୱାରା ପ୍ରତ୍ୟେକ ସୁନା ଓ ରୂପା ଆଦି ମୂଲ୍ୟବାନ ଧାତୁ ବା ବୁଲିଅନ୍ ନଗଦ ଭାବରେ ୨ ଲକ୍ଷରୁ ଅଧିକ ଟଙ୍କା ଉପରେ ୧ ପ୍ରତିଶତ ଟିସିଏସ୍ ଆଦାୟ କରାଯିବ।

# ଅସ୍ତ୍ର ଆମଦାନିରେ ବିଶ୍ୱରେ ୧ ନମ୍ବର ଭାରତ



**ନୂଆଦିଲ୍ଲୀ :** ବିଗତ ୫ ବର୍ଷ ମଧ୍ୟରେ ବିଶ୍ୱରେ ଅସ୍ତ୍ରଶସ୍ତ୍ର ବିକ୍ରି ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ଅସ୍ତ୍ର କିଣିବାରେ ଭାରତ ୧ ନମ୍ବର ସ୍ଥାନରେ ରହିଛି। ୧୯୯୦ ପରଠାରୁ ଭାରତ ସମଗ୍ର ବିଶ୍ୱରେ ସବୁଠାରୁ ବଡ ଅସ୍ତ୍ର ଆମଦାନୀକାରୀ ଭାବେ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିପ୍ରି)ର ଏକ ରିପୋର୍ଟରୁ ଏହା ଜଣାପଡିଛି। ୨୦୧୨ ରୁ ୨୦୧୬ ମଧ୍ୟରେ ବିଶ୍ୱବ୍ୟାପୀ ଯେତିକି ଅସ୍ତ୍ରଶସ୍ତ୍ର ବିକ୍ରି ହୋଇଛି, ତା'ର ହିସାବ ଅନୁଯାୟୀ ଭାରତ ୧୩% ଆମଦାନୀ କରି ଟପ୍‌ରେ ରହିଛି। ଏହା ପରକୁ ସାଉଦୀଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଚୀନ୍ ଓ ଆଲ୍‌ଜେରିଆ ଅଛନ୍ତି। ୨୦୦୭ରୁ ୨୦୧୧ ମଧ୍ୟରେ ଭାରତ ୯.୭% ଅସ୍ତ୍ରଶସ୍ତ୍ର ଆମଦାନୀକ କରି ଏ କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଥିଲା। ଅଧିକାଂଶ ଉପସାଗରୀୟ ରାଷ୍ଟ୍ର ୟେମେନ୍, ସିରିଆ କିମ୍ବା ସେମାନଙ୍କ ନିଜ ଅଞ୍ଚଳରେ ସଂଘର୍ଷରେ ବ୍ୟାପୃତ ରହିଥିବା ବେଳେ ଇରାନ ସହ ତିକ୍ତ ସମ୍ପର୍କ ଯୋଗୁ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବାକୁ ପଡୁଛି। ୨୦୧୨-୧୬ରେ ସାଉଦୀ ଆରବର ଅସ୍ତ୍ର ଆମଦାନୀ ୧୨% ବୃଦ୍ଧି ପାଇଥିଲା। ଏହାର ପୂର୍ବ ୫ ବର୍ଷର ଆମଦାନୀ ସହ ତୁଳନା କଲେ ଏହା ସ୍ପଷ୍ଟ ହୋଇଯାଏ। ବିଶ୍ୱରେ ଅସ୍ତ୍ର ବିକ୍ରିର ୮.୨% କେବଳ ସାଉଦୀ ଆରବ ଆମଦାନୀ କରିଥିଲା। ଭାରତର ରାଜନୈତିକ ଓ ଭୌଗୋଳିକ ପରିସ୍ଥିତି ଏହାକୁ ଅଧିକ ଅସ୍ତ୍ରଶସ୍ତ୍ର କରିବା ପାଇଁ ବାଧ କରୁଛି। ଭାରତର ଦୁଇ ପଡୋଶୀ ରାଷ୍ଟ୍ର ଚୀନ୍ ଓ ପାକିସ୍ତାନ ବିପୁଳ ଅସ୍ତ୍ର ଠୁଳ କରୁଥିବାରୁ ଏହା ଭାରତ ପାଇଁ ବିପଦର କାରଣ ହୋଇଛି। ଏଭଳି ପରିସ୍ଥିତିରେ ନୂଆଦିଲ୍ଲୀ ଆମେରିକା ଓ ଭିଏତ୍ନାମା ସହିତ ସାମରିକ ସମ୍ପର୍କ ବଢ଼ାଇବାରେ ଲାଗିଛି। ଦେଶରେ ଅସ୍ତ୍ର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଉ ଥିଲେ ମଧ୍ୟ ଦେଶର ଚାହିଦା ମୁତାବକ ଅସ୍ତ୍ରଶସ୍ତ୍ର ଉତ୍ପାଦନ ହୋଇପାରୁ ନାହିଁବୋଲି 'ସିପ୍ରି'ର ଜଣେ ବରିଷ୍ଠ ଗବେଷକ ସାଇମନ୍ ୱେଜେମ୍ୟାନ୍ କହିଛନ୍ତି। ତାଙ୍କ ମତରେ, 'ଭାରତରେ ଦେଶୀୟ ସଂସ୍ଥାଗୁଡିକ ଅସ୍ତ୍ର ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସମୟ ଓ ସାଧନ ବିନିଯୋଗ କରୁଥିଲେ ମଧ୍ୟ ତାହା ଚାହିଦା ପୂରଣ କରିପାରୁ ନାହିଁ। ସେଥିପାଇଁ ବିଦେଶରୁ ଆମଦାନୀ କରିବାକୁ ପଡୁଛି।'

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ପୁରୁଣା ପ୍ରତିରକ୍ଷା ସାମଗ୍ରୀର ଆଧୁନିକୀକରଣ କରିବା ଲାଗି ୨୫୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି। ଲଢୁଆ ଜେଟ୍ ଓ ବୁଡା ଜାହାଜ କିଣିବା ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ସରକାରୀ ଲକ୍‌ହିଡ୍ ମାର୍ଟିନ୍ କର୍ପୋରେସନ ଏବଂ ସାବ୍ ଏବି ଭଳି କମ୍ପାନୀଗୁଡିକ ସହ ସରକାର ଚୁକ୍ତି କରିବାକୁ ଯୋଜନା କରିଛନ୍ତି। ତେବେ ନାଲିଫିତା କାରସାଦି ଦ୍ୱାରା ଏହି ଯୋଜନା କେତେଦୂର ଅଗ୍ରଗତି କରିବ, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି କରିବ, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାରଣରୁ ଭାରତ ବିଦେଶରୁ ଅସ୍ତ୍ରଶସ୍ତ୍ର କିଣିବା ଉପରେ ଅଧିକ ଗୁରୁତ୍ୱ ଦେଉଛି। ବିଶେଷକରି ଋଷିଆ, ଆମେରିକା ଓ ଇସ୍ରାଏଲ ଉପରେ ଭାରତ ଅଧିକ ନିର୍ଭର କରୁଛି। ବିଶ୍ୱସ୍ତରରେ ଭାରତ ସବୁଠାରୁ ଅଧିକ ମାତ୍ରାରେ ଅସ୍ତ୍ରଶସ୍ତ୍ର ଆମଦାନୀ କରୁଥିବାରୁ ଚୀନ୍ ନିଜ ଦେଶରେ ଅଧିକ ପରିମାଣରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛି। ତେଣୁ ଅସ୍ତ୍ର ଆମଦାନୀ କ୍ଷେତ୍ରରେ ଚୀନ୍ ୪.୫% ଆମଦାନୀ କରି ଭାରତର ପଛରେ ରହିଛି। ୨୦୧୨ରୁ ୨୦୧୬ ମଧ୍ୟରେ ଚୀନ୍ ୪.୫% ଅସ୍ତ୍ର ଆମଦାନୀ କରିଥିଲା ବେଳେ ୨୦୦୭ରୁ ୨୦୧୧ ମଧ୍ୟରେ ୫.୫% ଆମଦାନୀ କରିଥିଲା। ୧୯୫୦ରୁ ଏପର୍ଯ୍ୟନ୍ତ ଭାରତୀୟ ସ୍ୱାବଲମ୍ବୀ କରାଯିବ ବୋଲି ବାରମ୍ବାର କହି ଆସୁଛନ୍ତି। କିନ୍ତୁ ଏହା ଏତେ ସହଜ ନୁହେଁ ବୋଲି ୱେଜେମ୍ୟାନ୍ କହିଛନ୍ତି।

### ନୀତି ଆୟୋଗଙ୍କ ପରାମର୍ଶ

## ସବୁ ଜିଲ୍ଲାକୁ ଚାଲୁ ରେଳ

**ନୂଆଦିଲ୍ଲୀ :** ଦେଶର ସବୁ ଜିଲ୍ଲାକୁ ରେଳ ଚଳାଚଳ ହୋଇପାରିନଥିବାରୁ କେମିତି ସବୁ ଜିଲ୍ଲାକୁ ରେଳ ଚଳାଚଳ କରିପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିବାକୁ 'ନୀତି ଆୟୋଗ' ପରାମର୍ଶ ଦେଇଛି। ଦେଶରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଏବଂ ଜାତୀୟ ରାଜପଥ



ବିକାଶ କାର୍ଯ୍ୟକ୍ରମ (ଏନ୍‌ଏଚ୍‌ଡିପି) ଯେଭଳି ଚାଲିଛି ରେଳ ନେଟୱାର୍କର ବିସ୍ତାର ପାଇଁ ସେଭଳି ଯୋଜନା କରିବାକୁ କୁହାଯାଇଛି। ଜାତୀୟ ସ୍ତରରେ ଏହାକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ। ଆଜିପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଏବଂ ଓଡ଼ିଶାର ସବୁ ଜିଲ୍ଲାକୁ ରେଳ ଯୋଗାଯୋଗ ନାହିଁ। ତେଣୁ ପିଏମ୍‌ଜିଏସ୍‌ୱାଇ ଓ ଏନ୍‌ଏଚ୍‌ଡିପି ଭଳି ଯୋଜନା ରେଳ କ୍ଷେତ୍ରରେ ମଧ୍ୟ ଆବଶ୍ୟକ ବୋଲି ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି। ଯେଉଁ ସବୁ ଜିଲ୍ଲାକୁ ରେଳ ଯୋଗାଯୋଗ ନାହିଁ। ସେଠାକୁ ରେଳ ଧାରଣା ନିର୍ମାଣ ଲାଗି ସ୍ୱତନ୍ତ୍ର ଭାବେ ପୃଥକ ପ୍ରକଳ୍ପ କରିବାକୁ କୁହାଯାଇଛି। ବର୍ତ୍ତମାନ ରେଳ ପାଇଁ ହୋଇଥିବା ସମ୍ବଳ ଆବଣ୍ଟନ ବାଦ୍ ଏଥିପାଇଁ ସମ୍ବଳ ଆବଣ୍ଟନ କରିବାକୁ କୁହାଯାଇଛି। ରେଳ ଯାତ୍ରୀ ସଂଖ୍ୟା ପ୍ରାୟତଃ ସ୍ଥିର ରହିଛି। ଏହା ରେଳବାଇ ପାଇଁ ଶୁଭଙ୍କର ନୁହେଁ। ରେଳରେ କିଭଳି ଅଧିକ ଯାତ୍ରୀ ଯାତାୟତ କରିବେ ଏବଂ ପ୍ରତିଯୋଗିତା ମୂଳକ ମୂଲ୍ୟରେ ବିମାନରେ ଯାତ୍ରୀ କରୁଥିବା ଲୋକଙ୍କୁ କିଭଳି ରେଳରେ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇ ଦିଆଯିବ ତାହା ଉପରେ ଧ୍ୟାନ ଦେବାକୁ ଅଧିକାରୀ ଜଣକ କହିଛନ୍ତି।

## କଟକରେ ମାଡିଲାଣି ଜଣ୍ଡିସ୍

**କଟକ :** ପୁଣି ଥରେ କଟକର ଘରେ ଘରେ ଏବେ ଜଣ୍ଡିସ୍ ମାଡିଛି। ସହରର ୪ଟି ୱାର୍ଡ଼ ଏବେ ଜଣ୍ଡିସ୍ କବଜାରେ ପଡ଼ିଛି। ଦିନକୁ ଦିନ ଜଣ୍ଡିସ୍ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ଜଣାପଡ଼ିଛି। ଗୋଟିଏ ସାହିରୁ ଅନ୍ୟ ସାହିକୁ ଦ୍ରୁତ ଗତିରେ ମାଡ଼ି ଚାଲିଛି ଏହି ବ୍ୟାଧି। ପ୍ରତିଦିନ ନୂଆ ନୂଆ ଜଣ୍ଡିସ୍ ଚିହ୍ନଟ ହେଉଛନ୍ତି ଯାହାକି ରୋଗୀଙ୍କ ସଂଖ୍ୟା ଶତାଧିକ ଟପିବାରେ ଲାଗିଲାଣି। କଟକ ମହାନଗର ନିଗମ(ସିଏମ୍ସି) ପକ୍ଷରୁ ସଂକ୍ରମିତ ରୋଗୀ ସଂଖ୍ୟା ୭୬ ବୋଲି କୁହାଯାଉଥିବା ବେଳେ ବାସ୍ତବିକ ଏହି ସଂଖ୍ୟା ଢ଼େର୍ ଅଧିକ। ସୂଚନାଅନୁସାରେ ଏହି ସଂଖ୍ୟା ଶତାଧିକ ଟପିସାରିଥିବା ବେଳେ ତୁଳସୀପୁର ଅଞ୍ଚଳରେ ଏବେ ଏହା ଘରେ ଘରେ ଦେଖାଦେଇଛି। ତଅଁଳାସାହି, ମଠସାହି, ବଙ୍ଗାଳିସାହି, ବାଉରୀ ସାହି, ଶ୍ରୀବିହାର କଲୋନୀ, ବିଲସାହି, ଷ୍ଟିୱାର୍ଟ ପାଟଣା, ଆଦି ଅଞ୍ଚଳରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ଦୁଇ ଦିନ ତଳେ ଜଣ୍ଡିସ୍ ଆକ୍ରାନ୍ତ ହୋଇ ଶ୍ରୀବିହାର କଲୋନୀ ଅଞ୍ଚଳରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ସିଏମ୍ସି ୮ ନମ୍ବର ୱାର୍ଡ ମଠସାହି ଅଞ୍ଚଳର ଆଉ ଜଣଙ୍କର ଦେହାନ୍ତ ହୋଇଛି। ସେହିପରି ବିଲସାହିରେ ୩ ଜଣଙ୍କୁ ଜଣ୍ଡିସ୍ ହୋଇଥିବା ସୂଚନା ମିଳିଥିବା ବେଳେ ଆଜି ଏ ରୋଗ ତଅଁଳାସାହିକୁ ବ୍ୟାପିଛି। ଉକ୍ତ ଅଞ୍ଚଳର ୪ ଜଣ ଜଣ୍ଡିସ୍ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

ପୂର୍ବରୁ ୨୦୧୪ ମସିହାରୁ କ୍ରମାଗତ ଭାବେ କଟକର ବିଭିନ୍ନ ଅଞ୍ଚଳରେ ଜଣ୍ଡିସ୍ ବ୍ୟାପୀ ବହୁ ଜନଜୀବନ ହାନୀ ଘଟାଇବାରେ ଲାଗିଛି। ସାଧାରଣତଃ ଜଣ୍ଡିସ୍ ବ୍ୟାପିବାର ମୂଳକାରଣ ହେଉଛି ଦୂଷିତ ପାଣି କିନ୍ତୁ ଏହି ସମସ୍ୟାର ସମାଧାନ କି ପ୍ରତିକାର କିନ୍ତୁ ପ୍ରଶାସନ ଏଯାଏ କରିପାରି ନାହିଁ। ସିଏମ୍ସି. ପିଏଚ୍ଡ଼ି ଓ ଜିଲ୍ଲା ପ୍ରଶାସନ ଏଥି ପାଇଁ ତତ୍ପରତା ଦେଖାଉଥିଲେ ମଧ୍ୟ ଜଣ୍ଡିସ୍ ଉପରେ ଲଗାମ କଷିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଯାହା ପରବର୍ତ୍ତୀ ମୁହୂର୍ତ୍ତରେ ଭୟଙ୍କର ରୂପ ନେବ।

# ବିଦ୍ୟାଳୟରେ ଖାଲିପଡିଛି ୨୭,୪୮୫ ଶିକ୍ଷକ ପଦ



**ଭୁବନେଶ୍ୱର :** ବିଦ୍ୟାଳୟ ପ୍ରାଥମିକ ସ୍ତରରେ ନିୟମିତ ଓ ହାଇସ୍କୁଲ ସ୍ତରରେ ଚୁକ୍ତି ଭିତ୍ତିକ ପଦରେ ୨୭ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ ପଦ ଖାଲିପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ ଅନୁସାରେ ୧୪,୦୮୭ ଶିକ୍ଷକ ପଦ ଖାଲିପଡ଼ିଛି। ଶିକ୍ଷକ ପଦ ନିମନ୍ତେ ଆବଶ୍ୟକ ସଂଖ୍ୟାରେ ଯୋଗ୍ୟ ପ୍ରାର୍ଥୀ ଅଭାବରୁ ଖାଲିଥିବା ଶିକ୍ଷକ ପଦ ପୂରଣ କରାଯାଇପାରୁନି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ବିଧାନସଭାରେ କହିଛନ୍ତି।

ବିଧାନସଭାରେ ମନ୍ତ୍ରୀ ରଖିଥିବା ଉତ୍ତରରୁ ଜଣାପଡ଼ିଛି ଯେ ୨୦୧୦-୧୧ରେ ରାଜ୍ୟର ୩୦ଟି ଯାକ ଜିଲା ପାଇଁ ୨୪ହଜାର ଶିକ୍ଷକ ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିବାବେଳେ ସେଥିମଧ୍ୟରୁ ୨୦,୭୩୫ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ସେହିପରି ୨୦୧୧-୧୨ରେ ୧୭,୫୪୩ ପଦରୁ ୧୬,୦୮୯, ୨୦୧୩-୧୪ରେ ୧୪,୧୮୧ ପଦରୁ ୧୦୦୦୭୮ ପଦ ପୂରଣ ହୋଇଥିଲା। ୨୦୧୪-୧୫ରେ ୧୬,୬୦୧ଟି ପଦ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିବାବେଳେ ସେଥିମଧ୍ୟରୁ ୯୩୦୦ ପଦରେ ଶିକ୍ଷକ ନିଯୁକ୍ତି ହୋଇଥିଲା। ତେବେ ୨୦୧୬-୧୭ରେ ୧୪,୦୮୭ଟି ଶିକ୍ଷକ ପଦ ନିମନ୍ତେ ସରକାର ବିଜ୍ଞାପନ ବାହାର କରିଥିବାବେଳେ ବର୍ତ୍ତମନ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ କେତେ ସଂଖ୍ୟାରେ ଶିକ୍ଷକ ପଦ ଖାଲିପଡ଼ିଛି ବୋଲି ବିଧାୟକ ନବକିଶୋର ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ଏ ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ କଳାହାଣ୍ଡିରେ ସର୍ବାଧିକ ୧୬୦୫ ଶିକ୍ଷକ ପଦ ଖାଲିପଥିବାବେଳେ ବଲାଙ୍ଗିରରେ ୧୫୪୭, ମୟୂରଭଞ୍ଜରେ ୧୨୯୨, କୋରାପୁଟରେ ୧୧୯୫ ଏବଂ କେନ୍ଦୁଝରରେ ୧୧୭୩ଟି ଶିକ୍ଷକ ପଦ ଖାଲିପଡ଼ିଛି। କଟକ, ଦେବଗଡ଼, ଢ଼େଙ୍କାନାଳ, ଜଗତସିଂହପୁର. ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ ଆଦି ଜିଲାରେ ଶିକ୍ଷକ ପଦ ଖାଲି ନଥିବା ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରେ କୁହାଯାଇଛି। ଅନ୍ୟପକ୍ଷରେ ୨୦୦୩-୦୪ରୁ ୨୦୧୬-୧୭ ମଧ୍ୟରେ ହାଇସ୍କୁଲଗୁଡ଼ିକରେ ୩୩୨୫୪ ଚୁକ୍ତିଭିତ୍ତିକ ଶିକ୍ଷକପଦରେ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିଥିବାବେଳେ ସେଥିମଧ୍ୟରୁ ୧୯,୮୮୩ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା।

## ମଧ୍ୟାହ୍ନଭୋଜନ ନେଇ ରିପୋର୍ଟ ମାଗିଲେ ଖାଦ୍ୟ ଆୟୋଗ

**ଭୁବନେଶ୍ୱର :** ରାଜ୍ୟରେ କେତେ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଉଛନ୍ତି ତାହା ସ୍ପଷ୍ଟ କରିବାକୁ ରାଜ୍ୟ ଖାଦ୍ୟ ଆୟୋଗ ରଙ୍ଗଲାଲ ଜାମୁଡ଼ା ଗଣଶିକ୍ଷାବିଭାଗ ସଚିବଙ୍କଠାରୁ ରିପୋର୍ଟ ଲୋଡିଛନ୍ତି। ଶ୍ରୀ ଜାମୁଡା ନିକଟରେ ବିଭାଗୀୟ ସଚିବ ରଞ୍ଜନା ଚୋପ୍ରାଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ ତଥ୍ୟ ଅନୁଯାୟୀ ରାଜ୍ୟରେ ୬୨ହଜାର ୭୮୪ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରସା ଯାଉଛି। ବିଭାଗ ପକ୍ଷରୁ ମଧ୍ୟାହ୍ନଭୋଜନ ଶୃଙ୍ଖଳିତ କରିବାପାଇଁ ମୋବାଇଲରେ ମଧ୍ୟାହ୍ନଭୋଜନ ବାର୍ତ୍ତା ଆପ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହାମଧ୍ୟ ସଂପୂର୍ଣ୍ଣ ଭାବେ ବିଦ୍ୟାଳୟମାନଙ୍କରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଇତିମଧ୍ୟରେ ୩୧ହଜାର ୯୧୯ ବିଦ୍ୟାଳୟ ପକ୍ଷରୁ ଏସ୍ଏମ୍ଏସ୍ ମାଧ୍ୟମରେ ମଧ୍ୟାହ୍ନଭୋଜନ ସମ୍ପର୍କିତ ଖବର ଆସୁଥିବା ବେଳେ ଅନ୍ୟାନ୍ୟ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନଭୋଜନ ତଥ୍ୟ କାହିଁକି ଠିକଣା ଭାବେ ପହଞ୍ଚୁ ନାହିଁ ତାହା ଅବଗତ କରାଇବାକୁ ଶ୍ରୀ ଜାମୁଡା ପତ୍ରରେ ଦର୍ଶାଇଛନ୍ତି। ଏହାକୁ ନେଇ ବିଭାଗୀୟ ସଚିବ ରଞ୍ଜନା ଚୋପ୍ରାଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟାହ୍ନଭୋଜନ ରାଜ୍ୟ ସଂଯୋଜକ ଗଙ୍ଗାଧର ସାହୁ ସମସ୍ତ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନଭୋଜନର ସଠିକ୍ ବଣ୍ଟନ ବ୍ୟବସ୍ଥାକୁ ଜାଣିବାପାଇଁ ବିଭାଗ ପକ୍ଷରୁ ନିକଟରେ କାର୍ଯ୍ୟକାରୀ କରାଯାଇଥିବା ଏସ୍ଏମ୍ଏସ୍ ସିଷ୍ଟମକୁ ଶତପ୍ରତିଶତ କାର୍ଯ୍ୟକାରୀ କରିବାକୁ ଶ୍ରୀ ସାହୁ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଚିଲିକାରୁ ବାହୁଡ଼ି ଗଲେ ବିଦେଶୀ ପକ୍ଷୀ



**ବାଲୁଗାଁ :** ରାଜ୍ୟରେ ଶୀତ ସରିବା ସହିତ ତାତି ବଢ଼ି ଜଳବାୟୁର ଉଷ୍ମତା ବୃଦ୍ଧି ପାଉଛି। ତେଣୁ ନୀଳାମ୍ବୁ ଚିଲିକାର ମୋହ ଛାଡ଼ି ଏବେ ଶୀତଋତୁରେ ଏଠାକୁ ଆସିଥିବା ବିଦେଶାଗତ ରଙ୍ଗ ବେରଙ୍ଗର ପକ୍ଷୀମାନେ ଘରମୁହାଁ ହୋଇଛନ୍ତି। ଏଠାରୁ ବାହୁଡ଼ି ଯିବା ପୂର୍ବରୁ ଚିଲିକା ମଝିରେ ଥିବା ନଳବଣ ଆକାଶର ରଙ୍ଗବେରଙ୍ଗର ବିଭିନ୍ନ ପ୍ରଜାତିର ପକ୍ଷୀ ଏକତ୍ରିତ ହୋଇ ପର୍ଯ୍ୟାୟ କ୍ରମେ ସ୍ୱଦେଶକ ଫେରିବା ଆରମ୍ଭ କରିଛନ୍ତି। ଦଳ ଦଳ ହୋଇ ପକ୍ଷୀମାନେ ଫେରି ଯାଉଥିବା ଦୃଶ୍ୟ ମନୋମୁଗ୍ଧକର ହୋଇଥିଲେ ମଧ୍ୟ ପକ୍ଷୀପ୍ରେମୀଙ୍କ ପାଇଁ ଦୁଃଖଦାୟକ।

ସୂଚନାଅନୁସାରେ ଗତ ନଭେମ୍ବର ପ୍ରଥମ ସପ୍ତାହରେ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟଥିଲା। ଚଳିତ ବର୍ଷ ଚିଲିକାରେ ମୋଟ ୯ଲକ୍ଷ ୪୭ହଜାର ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ସେଥି ମଧ୍ୟରୁ ଅଭୟାରଣ୍ୟ ନଳବଣରେ ୩ ଲକ୍ଷ ୭୪ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା ବୋଲି ଗତ ଜାନୁୟାରୀ ୯ ତାରିଖରେ ବିଭାଗୀୟ ଗଣନାରୁ ଜଣାପଡ଼ିଥିଲା।

## ଅକ୍ଟୋବର ସୁଦ୍ଧା ସରିବ ୬ କୁଳପତିଙ୍କ କାର୍ଯ୍ୟକାଳ

**ଭୁବନେଶ୍ୱର :** ରାଜ୍ୟର ୬ଟି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଆସନ୍ତା ମେ' ରୁ ଅକ୍ଟୋବର ମାସ ମଧ୍ୟରେ ଶେଷ ହେଉଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟ ଜୁନ୍ରେ ଶେଷ ହେଉଥିବାବେଳେ ଫକିରମୋହନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଜୁଲାଇ, ଉତ୍ତର ଓଡ଼ିଶା କୁଳପତିଙ୍କ କାର୍ଯ୍ୟକାଳ ଅଗଷ୍ଟ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟକାଳ ଅକ୍ଟୋବରରେ ଶେଷ ହେଉଛି। ସେହିପରି ନବଗଠିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ମେ'ରେ ଶେଷ ହେଉଛି। ଏଥିପାଇଁ ରାଜ୍ୟ ତଥା ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଓ ଗବେଷକ ଲବି କରିବା ଆରମ୍ଭ କରିଦେଇଛନ୍ତି। କୌଣସି ବିଶ୍ୱବିଦ୍ୟାଳୟର କୁଳପତି ମନୋନୟନ ପାଇଁ ସର୍ଚ୍ଚ କମିଟି ବସି ନାହିଁ। ଅପରପକ୍ଷରେ କେତେକ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ କାର୍ଯ୍ୟଦକ୍ଷତାକୁ ଆଧାର କରି ସେମାନଙ୍କ କାର୍ଯ୍ୟାଳୟ ଅବଧିକୁ ବୃଦ୍ଧି କରାଯିବା ନେଇ ବିଚାର ବିମର୍ଶ ଚାଲିଥିବା ଜଣାପଡ଼ିଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଅଶୋକ କୁମାର ଦାସ, ଫକିର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଶିବପ୍ରସାଦ ଅଧିକାରୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଚିତ୍ତରଞ୍ଜନ ତ୍ରିପାଠୀଙ୍କ କାର୍ଯ୍ୟକାଳ ଜୁନ୍ରୁ ଅକ୍ଟୋବର ମଧ୍ୟରେ ଶେଷ ହେଉଛି। ଓଏସ୍ଡିରୁ କୁଳପତି ଭାବେ ନିଯୁକ୍ତି ହୋଇଥିବା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପଦ୍ମଜା ମିଶ୍ର, ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ମନ୍ମଥ ପାଢ଼ୀ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସୁଧାଂଶୁ ଶେଖର ରଥଙ୍କୁ ଏକ ବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିବାବେଳେ ସେମାନଙ୍କ ମଧ୍ୟ କାର୍ଯ୍ୟକାଳ ମେ'ରେ ଶେଷ ହେଉଛି। ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟ ନାକ୍ ଏ+ ମାନ୍ୟତା ପାଇଛି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ନାକ୍ ଏ+ ମାନ୍ୟତା ପାଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ଭାରତୀୟ ପ୍ରଶାସନିକ ଅଧିକାରୀ, ଜାତୀୟ ତଥା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରଫେସର ଓ ଗବେଷକ କୁଳପତି ପଦ ପାଇଁ ଆଶାୟୀ ଥିବା ଜଣାପଡ଼ିଛି। ସେଥିମଧ୍ୟରେ ଉତ୍କଳକୁ ନାକ୍ ବି+ରୁ ଏ+ ମାନ୍ୟତା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା କିଛି ପ୍ରଫେସର କୁଳପତି ଦୌଡ଼ରେ ରହିବେ ବୋଲି ଜଣାପଡ଼ିଛି। ସେହିପରି ନବଗଠିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଖଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଏକ ବର୍ଷ ମଧ୍ୟରେ ସର୍ଚ୍ଚ କମିଟି କରାଯାଇ କୁଳପତି ମନୋନୟନ କରାଯିବ ବୋଲି ନିୟମ ଜାରି କରାଯାଇଥିଲା। କିନ୍ତୁ ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ଏହି ତିନୋଟି ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ କିମ୍ବା ଅବସ୍ଥାପତି କୁଳପତିଙ୍କ କାର୍ଯ୍ୟକାଳକୁ ନବୀକରଣ ମଧ୍ୟ କରାଯିବାର ସମ୍ଭାବନା ରହିଛି। କୁଳପତି ହେବା ପାଇଁ ଆଶାୟୀଙ୍କ ବୟସ ୬୦ରୁ ୬୫ବର୍ଷ ନିର୍ଦ୍ଧାରଣ କରାଯାଇଥିବାବେଳେ ତାଙ୍କର ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବ। ସେ ଜଣେ ବିଶିଷ୍ଟ ଶିକ୍ଷାବିତ୍, ଗବେଷକ କିମ୍ବା ପ୍ରଶାସକ ହୋଇଥିବେ ଏବଂ ତାଙ୍କର ୧୦ବର୍ଷରୁ ଉର୍ଦ୍ଧ୍ୱ ପ୍ରଫେସର ଭାବେ ଶିକ୍ଷାଦାନ ଅଭିଜ୍ଞତା ଥିବା ଦରକାର। ଏହି ପରିପ୍ରେକ୍ଷୀରେ ପଦବୀ ପୂରଣ ନିମନ୍ତେ ଆଶାୟୀଙ୍କ ଭିଡ ଲାଗିଥିବା ଜଣାପଡିଛି।

### ବିନା ଅନୁମତିରେ ଜଳକ୍ରୀଡ଼ା

## ଜବାବ ତଲବ କଲେ ହାଇକୋର୍ଟ

**କଟକ :** ପୁରୀ ଚନ୍ଦ୍ରଭାଗା ବେଳାଭୂମି ତଟରେ ଏକାଧିକ ଘରୋଇ କଂପାନୀ ବିଭିନ୍ନ ପ୍ରକାର ଜଳକ୍ରୀଡା କରାଇ ପର୍ଯ୍ୟଟକଙ୍କୁ ପ୍ରଲୁବ୍ଧ କରୁଛନ୍ତି। ଉକ୍ତ କ୍ରୀଡା ମଧ୍ୟରେ ହୋଭରକ୍ରାଫ୍, ସ୍ପିଡ୍ ବୋଟ୍ ଓ ଜେଟ୍ ସ୍କାଏଜ୍ ଆଦି ନିୟମିତ ଚାଲୁରହିଛି। ବିଶେଷକରି ବେଆଇନ ଭାବେ କୋଷ୍ଟାଲ ରେଗୁଲେଟାରୀ ଜୋନ୍(ସିଆରଜେଡ୍) ଅଞ୍ଚଳରେ ଏସବୁ ଚାଲିଛି। ଏସବୁ କ୍ରୀଡା କରାଇବା ପାଇଁ ସିଆରଜେଡ୍ର ଅନୁମତି ନିହାତି ଆବଶ୍ୟକ। ମାତ୍ର ୯ଟି କଂପାନୀ ମଧ୍ୟରୁ ୩ଟି କଂପାନୀ ଅନୁମତି ପାଇଥିବା ବେଳେ ଅନ୍ୟଗୁଡିକ ବେଆଇନ୍ ଭାବେ ଚାଲିଛି। କେତେକ କଂପାନୀକୁ ପରିବେଶ ମନ୍ତ୍ରଣାଳୟ ନିର୍ଦ୍ଦେଶକ ମଧ୍ୟ ଅନୁମତି ଦେଇଛନ୍ତି। ମାତ୍ର ସେମାନଙ୍କ ନିକଟରେ ସିଆରଜେଡ ଅନୁମତି ନାହିଁ। ତଞ୍ଚକତା କରି ଏଭଳି ଅନୁମତି ଆଣି ଘରୋଇ କଂପାନୀମାନ ଜଳକ୍ରୀଡା କରାଇ ପ୍ରଚୁର ଲାଭ କରିବା ସଂଗେସଂଗେ ଜନସାଧାରଣଙ୍କ ଜୀବନକୁ ବିପଦାପନ୍ନ କରାଉଥିବାର ଅଭିଯୋଗ କରି ଆଇନଜୀବୀ ବିଭୁପ୍ରସନ୍ନ ମହାପାତ୍ର ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ବିନୀତ୍ ଶରଣ ଓ ବିଚାରପତି ବି.ଆର ଷଡଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ମାମଲାଟିକୁ ବିଚାର ପାଇଁ ଗ୍ରହଣ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିବା ସହିତ ୯ଟି ଘରୋଇ ଜଳକ୍ରୀଡା କଂପାନୀକୁ ମଧ୍ୟ ନୋଟିସ୍ କରିଛନ୍ତି। ତା'ଛଡା ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ମରୁଡ଼ି ସ୍ଥିତିର ସଠିକ୍ ପରିଚାଳନା ପାଇଁ ଓସ୍ଡମାକୁ ଦାୟିତ୍ୱ



**ଭୁବନେଶ୍ୱର :** ଏଣିକି ରାଜ୍ୟରେ ମରୁଡ଼ି ସ୍ଥିତିର ସଠିକ୍ ପରିଚାଳନା ଦାୟିତ୍ୱ ଓଡ଼୍ସମା (ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ହିଁ କରିବେ। ବର୍ତ୍ତମାନର ମରୁଡ଼ି ସ୍ଥିତିର ଆକଳନ ବ୍ୟବସ୍ଥା, ପଦ୍ଧତିର ଅନୁସରଣ କରି ଏହାକୁ ଅଧିକ ସଠିକ୍, ନିର୍ଭରଯୋଗ୍ୟ ଓ ତ୍ରୁଟିମୁକ୍ତ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଏଥିନିମନ୍ତେ ଆଧୁନିକ ବୈଷୟିକ କୌଶଳ ଅବଲମ୍ବନ କରାଯିବ ଏବଂ ଉପଗ୍ରହ ମାଧ୍ୟମରେ ମିଳୁଥିବା ତଥ୍ୟକୁ ମଧ୍ୟ ଆଧାର ରୂପେ ବ୍ୟବହାର କରାଯିବ। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି।

ମରୁଡ଼ି ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ସ୍ୱୟଂକ୍ରିୟ ବୃଷ୍ଟିପାତ ମାପକ ଯନ୍ତ୍ର (ଏଆର୍ଜି) ଓ ସ୍ୱୟଂକ୍ରିୟ ପାଗ ମାପକ ଯନ୍ତ୍ର (ଏଡ଼ବ୍ଲ୍ୟୁଏସ୍) ସ୍ଥାପନ କରାଯିବ। ପ୍ରତ୍ୟେକ ପଞ୍ଚାୟତରେ ଏହି ଯନ୍ତ୍ର ଲଗାଇବା ପାଇଁ ଯୋଜନା କରାଯାଇଥିଲେ ହେଁ ପ୍ରଥମ ପର୍ଯ୍ୟାୟରେ ୬୮୦୦ ପଞ୍ଚାୟତରୁ ୫୧୦୦ ସ୍ଥାନରେ ବୃଷ୍ଟିପାତ ମାପକ ଯନ୍ତ୍ର ଓ ୧୦୧୫ଟି ସ୍ଥାନରେ ପାଗ ନିର୍ଣ୍ଣୟ ଯନ୍ତ୍ର ସ୍ଥାପନ ହେବ। ଏହି ଯନ୍ତ୍ର ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳର ପ୍ରକୃତ ବୃଷ୍ଟିପାତ, ମାଟିର ଆର୍ଦ୍ରତା, ଶସ୍ୟ ସଂକ୍ରାନ୍ତ ଜଳବାୟୁ ଆଦି ବିଷୟରେ ନିର୍ଭରଯୋଗ୍ୟ ତଥ୍ୟ ମିଳିପାରିବ। ଗୋଟିଏ ବୃଷ୍ଟିପାତ ମାପକ ଯନ୍ତ୍ର ୨୫ ବର୍ଗ କିଲୋମିଟର ଅଞ୍ଚଳର ତଥ୍ୟ ପ୍ରଦାନ କରିପାରିବ। ସେହିପରି ପାଗ ଓ ଫସଲ ସଂକ୍ରାନ୍ତରେ କୃଷକମାନଙ୍କର ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ଏକ ଚବିଶିଘଣ୍ଟିଆ କଲ୍ ସେଣ୍ଟର ସ୍ଥାପନ ହେବ। ଏହାଫଳରେ ଉତ୍ପାଦନ ଓ ଫସଲ ବୀମା ସଂକ୍ରାନ୍ତ କ୍ଷତିପୂରଣ ଓ କୃଷକଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କାର୍ଯ୍ୟ ଅଧିକ ସଠିକ୍ ଓ ସମୟୋପଯୋଗୀ ହୋଇପାରିବ। ଏହି ଅବସରରେ ମୁଖ୍ୟ ସଚିବ ବନ୍ୟାବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପଞ୍ଚାୟତକୁ ହସ୍ତାନ୍ତର କରିବା ଓ ସ୍ଥାନୀୟ ପରିଚାଳନା କମିଟିରେ ସରପଞ୍ଚଙ୍କୁ ଅଧ୍ୟକ୍ଷ କରିବା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ମୁଖ୍ୟ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୯ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ଏହାମଧ୍ୟରୁ ୭୧୩ଟି କାର୍ଯ୍ୟକ୍ଷମ କରାଯାଇଛି। ଅବଶିଷ୍ଟ ୧୬୬ଟିର ନିର୍ମାଣ କାର୍ଯ୍ୟ ମେ ମାସ ସୁଦ୍ଧା ଶେଷ କରିବାକୁ ଶ୍ରୀ ପାଢ଼ୀ ନିଦେଶ ଦେଇଛନ୍ତି। ଅପରପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବାସ୍ତବ ସେବା ଯୋଗାଣ ବ୍ୟବସ୍ଥାରେ ଉନ୍ନତି କରିବା ଏବଂ ଏଥିନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିବାକୁ ଉନ୍ନୟନ କମିଶନର ଆର୍.ବାଲାକ୍ରିଷ୍ଣନ ପରାମର୍ଶ ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ୍ତ ମହାପାତ୍ରଙ୍କ ସୂଚନା ଅନୁସାରେ ମରୁଡ଼ି ପରିଚାଳନା ନିମନ୍ତେ ଓସ୍ଡ଼ମାରେ ସ୍ୱତନ୍ତ୍ର ସେଲ୍ ଗଠନ ନିମନ୍ତେ ନିଷ୍ପତ୍ତି କରାଯାଇଛି। ଏଥିନିମନ୍ତେ ପ୍ରାରମ୍ଭିକ ଭାବରେ ୯୪ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି। ଫସଲ ସଂକ୍ରାନ୍ତ ତଥ୍ୟ ସଂଗ୍ରହ, ପାଣିପାଗ ସୂଚନା ସହ ତଥ୍ୟାନୁସରଣ ଓ ଅନୁଶୀଳନ ନିମନ୍ତେ ଆବଶ୍ୟକ ସଫ୍ଟୱେର ଓ ହାର୍ଡ଼ୱେର ବ୍ୟବସ୍ଥା ଏହି ସେଲ୍ ଜରିଆରେ କରାଯିବ। ଯାହା ଫଳରେ ପାଗ, ଫସଲ ସଂକ୍ରାନ୍ତ ନିର୍ଭୁଲ ତଥ୍ୟ ମିଳିପାରିବ। ବୈଠକରେ ପୁଲିସ ମହାନିର୍ଦ୍ଦେଶକ କେ.ବି.ସିଂହ, ଅବସରପ୍ରାପ୍ତ ଆଇଏଏସ୍ ଅରବିନ୍ଦ ବେହେରା, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ସଚିବ ଡ. ମୋନା ଶର୍ମା, ଗୃହ ବିଭାଗ ପ୍ରମୁଖ ସଚିବ ଅସିତ୍ ତ୍ରିପାଠୀ, ଅଗ୍ନିଶମ ବିଭାଗ ଡ଼ିଜି ବିନୟ ବେହେରା, ପଞ୍ଚାୟତିରାଜ ବିଭାଗ ସଚିବ ଡି.କେ.ସିଂହ, ଓସ୍ଡମା ଜିଏମ୍ ଶୁଭେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଖଣି ଅଞ୍ଚଳ ଲୋକଙ୍କ ଯନ୍ତ୍ରଣା ବଢୁଛି

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର :** ଖଣିଜ ଅଞ୍ଚଳ, କଳାକାରଖାନା ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଜିଲା ଖଣି ଫାଉଣ୍ଡେସନ ନିୟମ-୨୦୧୫ ତିଆରି ହୋଇଛି। ଆଭିମୁଖ୍ୟ ରହିଛି ଯେ ଖଣିଜ ଅଞ୍ଚଳବାସୀଙ୍କ ହିତକୁ ଦୃଷ୍ଟିରେ ରଖି ସମସ୍ତ ରେଭିନ୍ୟୁ ଡ଼ିଭିଜିନାଲ କମିଶନର(ଆର୍ଡ଼ିସି) ଏବଂ ଜିଲାପାଳମାନେ ଏହି ନିୟମକୁ ନିଜସ୍ୱ ଜିଲାରେ କାର୍ଯ୍ୟକାରୀ କରିବେ। ଏନେଇ ଶିଳ୍ପ ବିଭାଗ ପକ୍ଷରୁ ମଧ୍ୟ ୨୦୧୬ ଅଗଷ୍ଟରେ ସମସ୍ତ ଜିଲାପାଳ ଓ ଆର୍ଡ଼ିସିମାନଙ୍କୁ ଏକ ରାଜ୍ୟସ୍ତରୀୟ ବୈଠକ ଅନୁଯାୟୀ କାର୍ଯ୍ୟକାରୀ କରିବାକୁ କୁହାଯାଇଥିଲା। ଏହା କାର୍ଯ୍ୟକାରୀ ନହେବାରୁ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମଧ୍ୟ ସବୁ ଜିଲାପାଳଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ହେଲେ ଇତିମଧ୍ୟରେ ଦୀର୍ଘ ଦିନ ବିତି ଯାଇଥିଲେ ହେଁ ଜିଲାପାଳମାନେ ଏହି ନିୟମ ଅନୁଯାୟୀ ଯାହାସବୁ କରାଯିବା କଥା ସେଦିଗରେ କାର୍ଯ୍ୟକାରୀ କରୁ ନାହାନ୍ତି। ଯାହାଫଳରେ କି ଖଣିଜ ଅଞ୍ଚଳବାସୀ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଆରମ୍ଭ କରି ଜୀବନ ଜୀବିକା ନେଇ ଛଟପଟ ହେଉଛନ୍ତି। ତେବେ ଏନେଇ ଭିନ୍ନକ୍ଷମ ବିଭାଗ ପକ୍ଷରୁ ପୂର୍ବରୁ ପ୍ରମୁଖ ଶାସନସଚିବ ନିତେନ ଚନ୍ଦ୍ରା ସମସ୍ତ ଜିଲାପାଳ ଓ ଆର୍ଡ଼ିସିଙ୍କୁ ଅବଗତ କରାଇଥିଲେ ବି କେହି ପଦକ୍ଷେପ ଉଠାଇ ନଥିବାବେଳେ ନିକଟରେ ବିଭାଗୀୟ ଯୁଗ୍ମଶାସନସଚିବ ଦେବେନ୍ଦ୍ରପ୍ରସାଦ ଦାଶ ପତ୍ର ଲେଖି ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବାକୁ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ ଯେ ନିୟମ ୧୦ ଅନୁଯାୟୀ ଜିଲାସ୍ତରରେ ଭିନ୍ନକ୍ଷମ ଆଶ୍ରୟସ୍ଥଳ କରାଯିବା ସହିତ ବୃଦ୍ଧାଶ୍ରମ, ମାନସିକ ବିକାରଗ୍ରସ୍ତ ଆଶ୍ରମ, ବିକଳାଙ୍ଗ ନିମନ୍ତେ ସ୍ୱତନ୍ତ୍ର ବିଦ୍ୟାଳୟ, ଛାତ୍ରାବାସ, ନିଶା ନିବାରଣ କେନ୍ଦ୍ର, ଭିକାରି ଏବଂ ବାସଚ୍ୟୁତଙ୍କ ଲାଗି ଥଇଥାନ କେନ୍ଦ୍ର କରାଯିବା କଥା। ମାତ୍ର ଉକ୍ତ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ, ସାମାଜିକ ନିରାପତ୍ତା, ଦକ୍ଷତା ବୃଦ୍ଧି ଦିଗରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ କରାଯାଇ ନାହିଁ। ଏନେଇ ଜିଲା ପ୍ରଶାସନ ପକ୍ଷରୁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବା କରାଯିବାକୁ ରହିଛି ତାହାର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ବାରମ୍ବାର ଅବଗତ କରାଉଥିଲେ ହେଁ ପ୍ରଶାସନ ଚୁପ୍ ରହିଛି। ତେଣୁ ଅବହେଳିତ ତଥା ଅଞ୍ଚଳବାସୀଙ୍କ ଯନ୍ତ୍ରଣା ବଢ଼ି ଚାଲିଥିବା ବେଳେ ସରକାରଙ୍କ ଯୋଜନା କାଗଜପତ୍ରରେ ରହିଛି।

### ଭାରତମାଳା ପ୍ରକଳ୍ପ

# ପାରାଦୀପ ରୂପ ବଦଳିବ



**ପାରାଦୀପ :** ପାରାଦୀପର ରୂପରେଖ ବଦଳିତବ ନେଇ ଆରମ୍ଭ ହୋଇଗଲାଣି ସର୍ଭେ। ଭାରତମାଳା ପ୍ରକଳ୍ପ ପାଇଁ ପାରାଦୀପରେ ସର୍ଭେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପୂରା କୋଷ୍ଟାଲ ଅଞ୍ଚଳର ଢାଞ୍ଚା ବଦଳାଇ ଦେବ ବୋଲି ପୂର୍ବାନୁମାନ କରାଯାଉଛି। ଦୈନିକ କେତେ ମାଲବାହୀ ଗାଡି ଚଳାଚଳ କରୁଛି ଓ କି ପ୍ରକାର ପଣ୍ୟ ପରିବହନ ହେଉଛି ଏଠାରେ ତାହାକୁ ମଧ୍ୟ ହିସାବକୁ ନିଆଯାଉଛି। ପଣ୍ୟ ସବୁ କେଉଁଠାରୁ ଆସୁଛି ଆଉ କେଉଁଆଡେ ଯାଉଛି। ଏଥିସହ କେଉଁ ଯାନବାହନ କେତେ ସଂଖ୍ୟାରେ ଯାତାୟତ କରୁଛି। ରାଜପଥ ଉପରେ କେତେ ପରିମାଣ ଓଜନର ଚାପ ପଡୁଛି। ସର୍ଭେ କରିବାକୁ ଆସିଥିବା ଟିମ୍ ଏସବୁ ତଥ୍ୟ ସାଉଣ୍ଟୁଛନ୍ତି। ଏପରିକି ମୁଖ୍ୟ ରାସ୍ତାରେ ମଧ୍ୟ ଭିଡିଓ କ୍ୟାମେରା ଲଗାଯାଇ ଆବଶ୍ୟକ ତଥ୍ୟ କ୍ୟାମେରା ଲେନ୍ସରେ କଏଦ କରାଯାଉଛି। ହାଇଦ୍ରାବାଦର ଆର୍ବି ଆସୋସିଏଟ୍ସ ନାମକ ଏକ ସଂସ୍ଥା ଏହି ସର୍ଭେ କାର୍ଯ୍ୟ ଚଳାଇଛି। ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ଏହା ସର୍ଭେ କରିବାକୁ ଥିବା ବେଳେ ଅନ୍ୟଏକ ସଂସ୍ଥା ଅବଶିଷ୍ଟ ରାସ୍ତାର ସର୍ଭେ କରିବ ବୋଲି ଶୁଣାଯାଉଛି। ଏଠାରେ ଏକକାଳୀନ ଟ୍ରାଫିକ ସର୍ଭେ, ଏକ୍ସିଲ ରୋଡ୍ ସର୍ଭେ ଏବଂ ଅରିଜିନ୍ ଡେଷ୍ଟିନେସନ ସର୍ଭେ କରାଯାଉଛି। ପାଞ୍ଚ ନମ୍ବର (କ) ଜାତୀୟ ରାଜପଥର ଦୋଛକିଠାରେ ଉଭୟ ପାର୍ଶ୍ୱ ଲେନ୍ରେ ଅତ୍ୟାଧୁନିକ ଯନ୍ତ୍ର ଲଗାଇ ଟେକ୍ନିସିଆନମାନେ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। କେନ୍ଦ୍ର ସରକରଙ୍କ ଏହି ଯୋଜନାରେ ଓଡ଼ିଶା ଉପକୂଳ ଅଞ୍ଚଳର ୧୭୮ଟି ଗାଁର ଚିତ୍ର ବଦଳିଯିବ। ଏହି ଗାଁ ଗୁଡିକ ମଧ୍ୟ ଦେଇ ୪୫୧ କିମି ଲମ୍ବ ଜାତୀୟ ରାଜପଥ ନିର୍ମାଣ କରାଯିବ। ଏଥିପାଇଁ ୫୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯିବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ପାଇଁ ପାରଦାପୀରେ ଏବେ ସର୍ଭେ ଚାଲିଛି। ଏହି ଗାଁ ଗୁଡିକ ଅଧିନରେ ଆସୁଥିବା ଗୁରୁତ୍ୱପୂର୍ଣ୍ଣ ସଦର ମହକୁମାଗୁଡିକ ହେଉଛି ପାରାଦୀପ, ରତନପୁର, ସାତଭାୟା, ଧାମରା, ବାସୁଦେବପୁର, ତାଳପଦା, ଚାନ୍ଦିପୁର, ଚନ୍ଦେନଶ୍ୱର, ଛତ୍ରପୁରର ସାତପଡା, କୋଣାର୍କ, ଅସ୍ତରଙ୍ଗ, ନୂଆଗାଁ ଦେଇ କୋଷ୍ଟାଲ ରୋଡ୍ ତିଆରି ହେବ। ଏହି ରୋଡ୍ ନିର୍ମାଣ ହୋଇ ପଶ୍ଚିମବଙ୍ଗ ଦୀଘାରେ ଲାଗିବ। ସର୍ଭେ ଶେଷ ହେବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ମୋଦି ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ହୋଇଥିବା ବେଳେ ରାଜମାର୍ଗ ଓ ସଡକ ପରିବହନ ମନ୍ତ୍ରଣାଳୟ ଏହାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜରିଆରେ କାର୍ଯ୍ୟକାରୀ କରୁଛନ୍ତି। ମୁଖ୍ୟ ସଡକ ସଂଯୋଗୀକରଣ ସହିତ ଉପକୂଳ ଅଞ୍ଚଳରେ ଥିବା ପର୍ଯ୍ୟଟନୀ ସ୍ଥଳୀଗୁଡିକର ବିକାଶ ଏବଂ ସଂଯୋଗୀକରଣ ସହ ପ୍ରାକୃତିକ ବିପର୍ଯ୍ୟୟ କରିବା ଦିଗରେ ଏହି କୋଷ୍ଟାଲ ରୋଡ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। ଦେଶର ସୀମାବର୍ତ୍ତୀ ଇଲାକା ବନ୍ଦର ସମୂହ ଓ ଧର୍ମୀୟ ତଥା ପର୍ଯ୍ୟଟନସ୍ଥଳ ଏବଂ ୧୦୦ଟି ଜିଲ୍ଲା ସଦର ମହକୁମାକୁ ଏହା ସଂଯୋଗ ବୋଲି ଜଣାପଡିଛି। ଫଳରେ ୧୦୦ଟି ଜିଲ୍ଲାର ସଦର ମହକୁବାକୁ ୨୫୦୦ କିମି ରାସ୍ତା ନିର୍ମାଣ କରାଯିବ। କେବଳ ଜଗତସିଂହପୁର ଜିଲ୍ଲାର ୫୪କିମି ରାଜପଥ ନିର୍ମାଣ ହେବାକୁ ଥିବା ବେଳେ ଚିଲିକା ହ୍ରଦ ଉପରେ ୪ କିମି ଲମ୍ବ ବିଶିଷ୍ଟ ରାଜ୍ୟର ଦୀର୍ଘତମ ସେତୁ ନିର୍ମାଣ କରାଯିବ। କେନ୍ଦ୍ରାପଡ଼ାରେ ୪୯କିମି, ଭଦ୍ରକରେ ୬୧ କିମି, ଗଞ୍ଜାମରେ ୨୯ କିମି, ବାଲେଶ୍ୱରରେ ୯୯ କିମି କୋଷ୍ଟାଲ ରୋଡ୍ ତିଆରି କରାଯିବ ବୋଲି ଜଣାପଡିଛି।

EKAMAATRA

ଏକମାତ୍ର

ଅନୁସନ୍ଧାନ ପରେ ଖବର




# ଭାଇଚାରା ବଞ୍ଚିରହୁ

ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ପ୍ରଚାର ସମୟରୁ ଆରମ୍ଭ ହୋଇଥିବା ରାଜନୈତିକ ହିଂସା ନିର୍ବାଚନ ସରିବା ପରେ ମଧ୍ୟ ଜାରିରହିଛି । କେଉଁଠି କେଉଁଠି ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି କାହାର ଜୀବନ ଯାଇଛି ତ ଆଉ କିଏ ଗୁରୁତ୍ୱର ଆହତ ହୋଇ ଚିକିତ୍ସାଧୀନ ରହିଛନ୍ତି ।କେତେକ ସ୍ଥାନରେ ହିଂସା ଯୋଗୁଁ ଲକ୍ଷାଧିକ ଟଙ୍କାର ସଂପତ୍ତି ମଧ୍ୟ ନଷ୍ଟ ହୋଇଯାଇଛି । କାହାର ଘରଦ୍ୱାର ତ ଆଉ କାହାର ଦୋକାନବଜାର, ଗାଡ଼ିମଟର ଆଦି ଭଙ୍ଗାଯାଇଛି । ଏଥିସହିତ ଆକ୍ରମଣ ଜନିତ କାରଣ ଯୋଗୁଁ କିଛି ସ୍ଥାନରେ ନିର୍ବାଚନ ରଣଭୂଇଁ ପାଲଟିଛି । ନିଆଳି ହେଉ କି ଗଞ୍ଜାମ ଜିଲ୍ଲା ହେଉ ଭୋଟ ପୂର୍ବରୁ ଗୋଷ୍ଠୀ ସଂଘର୍ଷର ଘଟି ବହୁ ମୂଲ୍ୟ ଜୀବନ ଚାଲିଯାଇଛି । ହିଂସା ଓ ପ୍ରତିହିଂସା କାରଣରୁ ପଞ୍ଚାୟତ ନିର୍ବାଚନରେ ଚଳିତ ଥର ହିଂସାକାଣ୍ଡ ସୀମା ଲଙ୍ଘିଛି । କିନ୍ତୁ ଏସବୁ ଭିତରେ ଯେଉଁମାନଙ୍କ ଘର ପରିବାର ଉଜୁଡ଼ିଯାଇଛି ସେମାନଙ୍କ କଥା ବିଚାର କରୁଛି କିଏ ?

ରାଜନୀତିର ଗୋଲକଧନ୍ଦାରେ ଫସିଥିବା ଗାଁଗହଳିର ସାଧାରଣକର୍ମୀମାନେ ନିଜେ ସମର୍ଥନ କରୁଥିବା ରାଜନୈତିକ ଦଳ ପାଇଁ ନିଜର ଜାତି, କୁଟୁମ୍ବ, ପରିବାର ଓ ସହୋଦରଙ୍କୁ ପର କରିଦେବାକୁ ମଧ୍ୟ ପଛାଇ ନାହାନ୍ତି । ରାଜନୀତି ପାଇଁ ପାରିବାରିକ ସଂପର୍କ ଓ ଭାଇଚାରା ମଧ୍ୟ କ୍ଷୁର୍ଣ୍ଣ ହୋଇଛି । ପରିସ୍ଥିତି ଏଭଳି ହୋଇଛି ଯେ ଭଲମନ୍ଦ ଦିନରେ ମଧ୍ୟ କେହି କାହାଘରେ ପଙ୍ଗତ ପକାଇବାକୁ ରାଜି ନୁହନ୍ତି । ଏଭଳି ସ୍ଥିତିରେ ଗଣତନ୍ତ୍ର ଓ ସାମାଜିକ ସମ୍ପର୍କ କିଭଳି ସୁରକ୍ଷିତ ରହିପାରିବ ସେ ନେଇ କୌଣସି ରାଜନୈତିକ ଦଳ ଚିନ୍ତିତ ନୁହନ୍ତି । ଯଦିଓ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ତଥାପି ନେତା ବା ଦଳ ଗୁଡ଼ିକ ଏ ସଂପର୍କରେ କେତେଦୂର ଚିନ୍ତା କରୁଛନ୍ତି ତାହା ସ୍ପଷ୍ଟଭାବେ କହି ନହେଲେ ମଧ୍ୟ ସାମ୍ପ୍ରତିକ ସମୟରେ ଘଟୁଥିବା ରାଜନୈତିକ ହିଂସାକାଣ୍ଡ ଅତି ଉଦ୍‌ବେଗର କାରଣ ପାଲଟିଛି । ଏଭଳି ସମୟରେ ଗାଁର ବିକାଶ ଓ ଗାଁର ଭାଇଚାରା ସୁରକ୍ଷିତ ରହି ପଞ୍ଚାୟତିରାଜ ବ୍ୟବସ୍ଥା କିଭଳି ଅକ୍ଷୁର୍ଣ୍ଣ ରହିବ ସେ ନେଇ ଆଶଙ୍କା ଦେଖାଦେଇଛି । ଯେଉଁ ସ୍ୱପ୍ନକୁ ନେଇ ଏହି ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା ତାହା ଏବେ ଅବାସ୍ତବ ମନେହୁଏ । ଭାଇଚାରା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ ବଦଳରେ ଯେବେ ଦଳୀୟ ସମର୍ଥନରେ ଗାଁ ଗାଁରେ ଭୋଟ ହେବ ତେବେ ଏଥିରେ ବ୍ୟବସ୍ଥାର ମୌଳିକତା ହ୍ରାସ ପାଇବା ସ୍ୱାଭାବିକ । ଗାଁର ଉନ୍ନତି ଗାଁ ଲୋକଙ୍କ ଦ୍ୱାରା ସମାପନ ହେବା ପରିବର୍ତ୍ତେ ଏଥିରେ ରାଜନୀତି ବହୁରଙ୍ଗୀ ଲାଗି ଗାଁରେ ଗାଁରେ ହିଂସା ବ୍ୟାପି ଚାଲିବ । ଦଳ ଦଳ ମଧ୍ୟରେ ମତ ପାର୍ଥକ୍ୟ, ମନ ପାର୍ଥକ୍ୟ ଓ ଚିତ୍ତ ପାର୍ଥକ୍ୟର ପ୍ରତିଫଳନ ଗାଁ ରାଜନୀତିରେ ଦେଖାଦେବ । ହିଂସା ଯୋଗୁଁ କିଏ ବାପଛେଉଣ୍ଡ ହେବ ତ ଆଉ କେହି ପୁତ୍ରଶୋକରେ ଶଯ୍ୟାଶାୟୀ ହୋଇପଡ଼ିବେ ତେବେ ଏସବୁ ଘଟଣା ପାଇଁ କିଏ ଦାୟୀ ସେ ସମ୍ପର୍କରେ ବିଚାର କରିବାର ବେଳ ଆସିଯାଇଛି ।

ଭୋଟ ରାଜନୀତିରୁ ହିଂସାକାଣ୍ଡ ପରେ ନେତମାନେ ଆଉ କାଦୁଅଫିଙ୍ଗା ରାଜନୀତି ନ କରି ଏହାର ସ୍ଥାୟୀ ସମାଧାନ ଦିଗରେ କାର୍ଯ୍ୟ କରିବା ଉଚିତ୍ । ନଚେତ୍ ଭବିଷ୍ୟତରେ ଏଭଳି ଘଟଣା ଭୟଙ୍କର ରୂପ ନେବାର ଆଶଙ୍କା ରହିଛି । ତେଣୁ ନିର୍ବୋଧ ଭାବେ ଭଲମନ୍ଦର ବିଚାର ନକରି ଯେଉଁ କର୍ମୀମାନେ ଦଳୀୟ ନେତାଙ୍କ ହାତବାରିସି ସାଜୁଛନ୍ତି ସେମାନଙ୍କ ଘର ପରିବାର ଉଜୁଡ଼ି ଗଲେ ନେତାମାନେ ତାଙ୍କର ଦାୟିତ୍ୱ ବହନ କରିବେକି ନାହିଁ ସେ କଥା ମଧ୍ୟ ବୁଝିରଖିବା ଉଚିତ୍ । ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନର ଆବଶ୍ୟକତା ଥିବା ଭଳି ସାମାଜିକ ସମ୍ପର୍କକୁ ବଜାୟ ରଖିବା ଦିଗରେ ମଧ୍ୟ ଭାଇଚାରାର ଗୁରୁତ୍ୱ ରହିଛି । ତେଣୁ ଭାଇଚାରା ବଞ୍ଚିରହୁ ।

# ନେତାଜୀ ବେଙ୍ଗଲରେ ଜନ୍ମ ହୋଇଥିଲେ !



ଉମାକାନ୍ତ ରାଉତ (ଅରୂପ)

ଗତ କିଛି ଦିନ ତଳେ ବା ଜାନୁଆରୀ ୨୩ ତାରିଖ ଦିନ ଭାରତବର୍ଷର ଦୁଇ ମହାପୁରୁଷଙ୍କ ଜନ୍ମଜୟନ୍ତୀ ସମ୍ପର୍କିତ ଖବର ସମ୍ବାଦପତ୍ର ପୃଷ୍ଠାମାନଙ୍କରେ ଦେଖିଲାପରେ, ବିଗତଦିନର କିଛି ଅପ୍ରୀତିକର ସ୍ମୃତି ଓ ତତ୍‌ସମ୍ପର୍କିତ ଉଦ୍‌ବେଗ ମୋତେ ଉଚ୍ଛନ୍ନ କଲା । ଉପରୋକ୍ତ ଦିନଟି ଥିଲା ସ୍ୱାଧୀନତା ସଂଗ୍ରାମର ଦୁଇଜଣ ମହାନ୍ ବୀର ଓ ବିପ୍ଳବୀଙ୍କର ଜନ୍ମଜୟନ୍ତୀ । ସେମାନେ ହେଲେ ମହାନ୍ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ । କହିବା ବାହୁଲ୍ୟ ଯେ, ଉଭୟ ଓଡ଼ିଆ ମାଟିର ସନ୍ତାନ- ଜଣେ ପୂର୍ବ ଓଡ଼ିଶାର କଟକ ସହରର ଓ ଅନ୍ୟ ଜଣେ ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରୁ ୪୦ କି.ମି ଉତ୍ତରରେ ଥିବା ଲପଙ୍ଗା ନିକଟସ୍ଥ ଖିଣ୍ଡା ଗ୍ରାମର ।

ଠିକ୍ ପରଦିନ, ଅର୍ଥାତ୍ ଜାନୁଆରୀ ୨୪ ତାରିଖ ଦିନ ଆଉ ଜଣେ ଅନନ୍ୟ ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କର ଜନ୍ମଜୟନ୍ତୀ ମଧ୍ୟ ପାଳନ କରାଗଲା । ପ୍ରସଙ୍ଗକ୍ରମେ କହିରଖିବା ଉଚିତ୍ ହେବ ଯେ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଅଭିହିତ କରାଯାଉଥିବା ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ, ବସ୍ତୁତଃ ପ୍ରଥମ ସ୍ୱାଧୀନତା ସଂଗ୍ରାମ ହିଁ ଥିଲା ଓଡ଼ିଶାର ପାଇକ ବିଦ୍ରୋହ, ଯାହାର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭମରବର ରାୟ । ହେଲେ, ଏହା ସର୍ବଭାରତୀୟ ପ୍ରେକ୍ଷାପଟରେ ଉପଯୁକ୍ତ ଭାବେ ଅବତାରଣା ନ ହେବାର କାରଣ ଭାବେ ଆଜିବି ଓଡ଼ିଆ ବୁଦ୍ଧିଜୀବୀମାନଙ୍କର ନିସ୍ପୃହତା, ଇତିହାସକାରମାନଙ୍କର ଅପାରଗତା ଓ ଅନ୍ୟମାନଙ୍କର ଷଡଯନ୍ତ୍ର ଦାୟୀ ବୋଲି ଆକ୍ଷେପ ଅଭିଯୋଗ କରାଯାଏ । (ଯଦିଓ ଏହାର ନିରାକରଣ ପାଇଁ କେହି ବିଶେଷ ତତ୍ପର ଥିବା ଜଣାପଡ଼େ ନାହିଁ ।)

ଓଡ଼ିଶା ଭୂଇଁରେ ବ୍ରିଟିଶ୍ ରାଜତ୍ୱ, ଓଡ଼ିଆମାନଙ୍କର ସଂଗ୍ରାମ, ପ୍ରଥମ ସ୍ୱାଧୀନତା ସଂଗ୍ରାମ ତଥା ପାଇକ ବିଦ୍ରୋହ ଏବଂ ଏହାର ନେତୃତ୍ୱ ନେଇଥିବା ମହାନ୍ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ବିଷୟରେ ଆଲୋକପାତ କରିବା ଏଠାରେ ପ୍ରସଙ୍ଗ ନୁହେଁ । ପ୍ରସଙ୍ଗ ହେଲା, ଏସବୁକୁ ଅଣଦେଖା କରିବାଠାରୁ ଆହୁରି ଗୁରୁତର ଓ ଅକ୍ଷମଣୀୟ ତ୍ରୁଟି ଥାଇ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ସୁଭାଷ ଚନ୍ଦ୍ରଙ୍କ ସମ୍ପର୍କିତ ତଥ୍ୟ ପରିବେଷଣରେ ତଥ୍ୟଗତ ତ୍ରୁଟି(କାରସାଦି !) । ସତ୍ୟ ଉନ୍ମୋଚନକୁ ଏକ କାଳକ୍ଷେପଣକ ଅବାଞ୍ଛିତ କାମ ବୋଲି ମନେ କରି, ନଭମଞ୍ଚାଦି ଓ ଦୃଶ୍ୟଶ୍ରାବ୍ୟର ତଥ୍ୟାବଳୀ ମଧ୍ୟରେ ନିଜକୁ କ୍ରମଶଃ ହଜେଇ ଚାଲିଥିବା ଆଜିର ଉତ୍ତରପିଢ଼ି(ମୁଖ୍ୟତଃ ଯୁବପିଢ଼ି) ଏଥିରୁ କ'ଣ ବୁଝିବେ ? ପରବର୍ତ୍ତୀ ସମୟରେ ଇତିହାସର ବିକଳାଙ୍ଗ ଅବତାରଣା ଯୋଗୁଁ ପ୍ରକୃତ ତଥ୍ୟ ଗୋପନ ରଖାଯାଇ, ତାହାକୁ ସେମାନଙ୍କ ସମ୍ମୁଖରେ ଭିନ୍ନ ଭାବରେ ପ୍ରତିଭାତ କରାଯାଇଥିବାରୁ ଏହା ପରୋକ୍ଷରେ ସେମାନଙ୍କର ଦେଶପ୍ରେମ, ଜାତିପ୍ରେମ, ମାଟିପ୍ରେମ, ସ୍ୱାଭିମାନ ତଥା ଅସ୍ମିତା ସୃଷ୍ଟିପାଇଁ ସୂକ୍ଷ୍ମ ବାଧକ ବୋଲି ଧରାଯିବ ନାହିଁ କି ? ଏ ସମ୍ପର୍କିତ ସ୍ୱଅଭିଜ୍ଞତା ଆହୃତ ନିଛକ ସତ୍ୟଟିକୁ ଉପସ୍ଥାପନ କଲେ, ସବୁକଥା ସଠିକ୍ ବୁଝାପଡ଼ିବ ।

ଦିଲ୍ଲୀ ବୈଷୟିକ ବିଶ୍ୱବିଦ୍ୟାଳୟରେ ମୋ' ପୁଅ ଜଣେ ଛାତ୍ର । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଅନୁଷ୍ଠାନମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି(ଏନ୍‌ଏସ୍‌ଆଇଟି) ଏକ ଉତ୍କୃଷ୍ଟ ଶିକ୍ଷା ସଂସ୍ଥାନ । ସେଠାରେ ଓଡ଼ିଆ ପିଲାଙ୍କ ସଂଖ୍ୟା ସୀମିତ । (ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ) । ଯେହେତୁ ଏହି ମର୍ଯ୍ୟାଦାଜନକ ଶିକ୍ଷାୟତନଟି ନେତାଜୀ ସୁଭାଷଙ୍କ ନାମରେ ପ୍ରତିଷ୍ଠିତ, ତେଣୁ ସେଠାରେ ତଥା ଡି.ଟି.ୟୁ ରେ ସୁଭାଷ ଚନ୍ଦ୍ରଙ୍କ ସମ୍ପର୍କିତ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଆ ପିଲାମାନେ ନେତୃତ୍ୱ ନେଇ କାର୍ଯ୍ୟ କରିବା ଉଚିତ୍ ବୋଲି ମୁଁ ମୋର ପୁଅକୁ ଏବଂ ତା'ର କେଇଜଣ ସାଙ୍ଗଙ୍କୁ ପରାମର୍ଶ ଦେଲି । ମୋର ଏତାଦୃଶ ଆଗ୍ରହ ଦେଖି, ସେମାନେ ସ୍ୱାଭାବିକ ଭାବେ ମୋର ଅତ୍ୟଧିକ ଆଗ୍ରହର କାରଣ ସମ୍ପର୍କରେ ପ୍ରଶ୍ନକଲାରୁ ମୁଁ କହିଲି- ଯେହେତୁ ଜାତୀୟ ବୀର ସୁଭାଷ ଚନ୍ଦ୍ର ଓଡ଼ିଶା ମାଟିର ସନ୍ତାନ, ତେଣୁ ଓଡ଼ିଆ ପିଲାମାନଙ୍କର ଏହା ପ୍ରଥମ କର୍ତ୍ତବ୍ୟ ହେବା ଯୁକ୍ତିଯୁକ୍ତ ।

ଏହାର ଉତ୍ତରରେ ସେମାନେ ମୋତେ ଯେଉଁ ଯୁକ୍ତି ଦେଖାଇଲେ, ସେଥିରେ ମୁଁ କେବଳ ହତବାକ୍ ହେଲିନାହିଁ ମର୍ମାହତ ମଧ୍ୟ ହେଲି । ସେମାନଙ୍କର ଯୁକ୍ତି ଥିଲା-ସୁଭାଷ ଚନ୍ଦ୍ର ବୋଷ ବଙ୍ଗଳାରେ ଜନ୍ମ ହୋଇଥିବାରୁ ଏବଂ ବଙ୍ଗବାସୀମାନେ ତାହାକୁ ଧୁମ୍‌ଧାମ୍‌ରେ ପାଳନ କରୁଥିବାରୁ ଆମର ଆଉ ବିଶେଷ ତତ୍ପରତା ପ୍ରକାଶ କରିବାର ସେମିତି କିଛି ପ୍ରମୁଖ ଓ ସ୍ୱତନ୍ତ୍ର କାରଣ ନାହିଁ ।

ମୁଁ ଯେତେବେଳେ ସେ ବେଙ୍ଗଲରେ ନୁହେଁ ଓଡ଼ିଶାର କଟକରେ ଜନ୍ମହୋଇ ପାଠ ପଢ଼ିଛନ୍ତି, ଓଡ଼ିଆ ବଜାରରେ ହିଁ ତାଙ୍କର ପୈତୃକ ଘର ଏବଂ ତାଙ୍କର ବାପା ସ୍ୱର୍ଗତ ଜାନକୀ ନାଥ ବୋଷ କଟକରେ ଓକିଲାତି କରୁଥିଲେ ବୋଲି କହିଲି; ଜବାବ୍‌ରେ ସେମାନେ ମୋ ପାଖକୁ ଏକ ସମ୍ପୂର୍ଣ୍ଣ ପ୍ରାମାଣିକ ଚଳଚ୍ଚିତ୍ର ମେଲ୍ କରିଦେଲେ ଯାହାର ନାମ ହେଲା- ନେତାଜୀ ସୁବାଷ ଚନ୍ଦ୍ର ବୋସ ଡକ୍ୟୁମେଣ୍ଟାରୀ ।

ଉପରୋକ୍ତ ଡକ୍ୟୁମେଣ୍ଟାରୀଟି ବହୁଳ ପ୍ରସାରିତ । ବିଶେଷ କରି ବାହାରେ ଉଚ୍ଚଶିକ୍ଷା ଲାଭ କରୁଥିବା ଯୁବପିଢ଼ିଙ୍କ ମଧ୍ୟରେ ଏହାକୁ ବହୁଳଭାବେ ପ୍ରଚାରିତ କରାଯାଇଛି । ସୁତରାଂ, ଏଥିରୁ ସମସ୍ତଙ୍କ ମନରେ ଉପରୋକ୍ତ ଭ୍ରମଧାରଣା ଜନ୍ମିବା ସ୍ୱାଭାବିକ ।

ଏହି ଇଂରାଜୀ ଡକ୍ୟୁମେଣ୍ଟାରୀ ଫିଲ୍ମଟିର ନିର୍ଦ୍ଦେଶକ ହେଉଛନ୍ତି, ଟିଲ୍‌ମାନ ରେମ୍ମେ । ଏହାର ନଥି ଏବଂ ଧାରଣା ଦେଇଛନ୍ତି, ଅଂଜା ଫ୍ରେହୋଫ ଓ ଥୋମାସ୍ ଉହିମାନ । ସଂପାଦକ- ଆଙ୍କେ ଉଇସେନ୍‌ଥାଲ ଓ ସେଣ୍ଟିନ୍ ଟୁଟକ୍ । ଏହାର ପ୍ରଯୋଜକ ଡାନିଏଲ୍ ପେଟ୍ରି, ଏ ଡବ୍ଲ୍ୟୁ ପଉସେକ୍, ରୋନାଲଡ଼ ଜେଲେସ୍ ଥିଲାବେଳେ ଲାଇନ୍ ପ୍ରଡ୍ୟୁସର୍, ମୁଖ୍ୟ ପ୍ରଯୋଜକ ଓ ସହ-ପ୍ରଯୋଜକ ଯଥାକ୍ରମେ, ଏଭଲିୟନ୍ ଓ୍ୱେଞ୍ଜେଲ୍ ଏଓ୍ୱେରହାର୍ଡ ଏଞ୍ଜେଲସ୍ ଓ ଖ୍ରୀଷ୍ଟୋଫର ବର୍ଣ୍ଣ ଅଛନ୍ତି । ଏଥିରେ ଗବେଷକ ଭାବେ ଖ୍ରୀଷ୍ଟୋଫର ବର୍ଣ୍ଣ ଓ ଇଜି ଚାରମେନ କାର୍ଯ୍ୟ କରିଛନ୍ତି । ଡକ୍ୟୁମେଣ୍ଟାରିଟି ଇଉରୋପୀୟାନ୍ କମ୍ୟୁନିଟିର ଗଣମାଧ୍ୟମ କାର୍ଯ୍ୟକ୍ରମ ସହାୟତାରେ ନିର୍ମିତ ହୋଇଥିଲା ବେଳେ ଯେଉଁ ଗୁଡ଼ିକର ସହାୟତା ନିଆଯାଇଛି, ସେଗୁଡ଼ିକ ହେଲେ-

(କ) ନେତାଜୀ ରିସର୍ଚ୍ଚ ବ୍ୟୁରୋ, କଲକତା

(ଖ) ଦି ନେସ୍‌ନାଲ୍ ଆର୍‌କାଇଭସ୍ ୟୁ.ଏସ୍.ଏ, ଓ୍ୱାସିଂଟନ୍‌ଡିସି ।

(ଗ) ଦି ନେସ୍‌ନାଲ୍ ଆରକାଇଭସ୍ ୟ.କେ,କ୍ୟୁ

(ଘ)ଫୁଟେଜ ଫାର୍ମ, ଲଣ୍ଡନ୍

(ଙ)ଆରି ଇଣ୍ଟର୍ ନ୍ୟାସନାଳ ମ୍ୟୁନିକ୍

(ଚ) ଟ୍ରାନ୍‌ଜିଟି ଫିଲ୍ମ ଗିମ୍‌ଏସ୍, ମ୍ୟୁନିକ୍

(ଛ) କର୍ଣ୍ଣସ୍ ଫିଲ୍ମ, ପୋଟ୍‌ସଡାମ୍ ।

ବିଡମ୍ବନାର ବିଷୟ ହେଲା, ଏହି ପ୍ରାମାଣିକ ଚଳଚ୍ଚିତ୍ରଟିରେ ସୁଭାଷ ଚନ୍ଦ୍ର ବୋଷ ବେଙ୍ଗଲରେ ଜନ୍ମଲାଭ କରିଥିଲେ ବୋଲି ସ୍ପଷ୍ଟ ଭାବେ ଉଚ୍ଚାରଣ କରାଯାଇଥିଲା ବେଳେ, କୋଲକାତାକୁ ତାଙ୍କର ଘରୋଇ ସହର ବୋଲି ଦୃଢ଼ ସୂଚନା ଦିଆଯାଇଛି । ସୁଭାଷ ଚନ୍ଦ୍ରଙ୍କ ବିଷୟରେ ଅଷ୍ଟ୍ରିୟାରେ ରହୁଥିବା ତାଙ୍କ କନ୍ୟା ପ୍ରଫେସର ଅନିତା ଫାଫ୍ କିଛି କହିଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଡକ୍ଟର ରଡଲଫ୍ ହାର୍ଟଣ, ଭି-୧୮୦ ର କ୍ରୁ-ମେମ୍ବର, ଉଇଲି କାନେଟି, ଇତିହାସକାର ପ୍ରଫେସର ଲିଓନାର୍ଡ ଗର୍ଡନ୍, ଇର୍ଟଆନ୍ ନ୍ୟାସନାଲ ଆର୍ମିର ପ୍ରମୁଖ ପୂର୍ବତନ ଯୋଦ୍ଧା କ୍ୟାପ୍‌ଟେନ୍ ଏସ୍.ଏସ୍ ଯାଦବ ଓ କର୍ଣ୍ଣେଲ ଲକ୍ଷ୍ମୀ ସେହଗଲ, ଐତିହାସିକ ତଥା ବୋଷଙ୍କ ପୁତୁରା ପ୍ରଫେସର ସୁଗତ ବୋଷ, ବୋଷଙ୍କର ଅନ୍ୟ ପୁତୁରା ଓ ଝିଂଆରୀ ଯଥାକ୍ରମେ ସୁ'ବ୍ରତ ବୋଷ ଓ ଶିଳା ସେନଗୁପ୍ତ ଆଦି ବିଶିଷ୍ଟ ବ୍ୟକ୍ତିମାନେ । ସୁତରାଂ, ଏଥିରେ ସଂଯୋଗ କରାଯାଇଥିବା ତଥ୍ୟ ନିର୍ଭୁଲ ବୋଲି ବଦ୍ଧ ଧାରଣା ଜନ୍ମିବା ସ୍ୱାଭାବିକ ।

ଏଥିରେ କୌଣସିଠାରେ ଓଡ଼ିଶା କି କଟକର ଲେସ୍‌ମାତ ଗନ୍ଧ ନାହିଁ, ଯଦିଓ ସୁଭାଷ ଚନ୍ଦ୍ର ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ପୂର୍ବାହ୍ନ ୧୨ଟା ୧୦ ମିନିଟ୍ ସମୟରେ ପିତା ଶ୍ରୀ ଜାନକୀ ନାଥ ବୋଷଙ୍କ ଔରସରୁ ମାତା ଶ୍ରୀମତୀ ପ୍ରଭାବତୀ ଦେବୀଙ୍କ ଗର୍ଭରେ କଟକରେ ଜନ୍ମଲାଭ କରିଥିଲେ । ପ୍ରଥମେ ପ୍ରୋଟେଷ୍ଟାଣ୍ଟ ୟୁରୋପିଆନ୍ ସ୍କୁଲ ଓ ତା'ପରେ ଶ୍ରୀଯୁକ୍ତ ବେଣୀମାଧବ ଦାସ ପ୍ରଧାନ ଶିକ୍ଷକ ଥିବା ରେଭେନସା କଲେଜଏଟ୍ ସ୍କୁଲରୁ ସଫଳତାର ସହ ହାଇସ୍କୁଲ ଶିକ୍ଷା ସମାପ୍ତ କରିଥିଲେ ।

ଅଙ୍କୁରୋଦ୍‌ଗମର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବିଦ୍ୟାଳୟର ପରିବେଶ, ପାରିପାର୍ଶ୍ୱିକ ସ୍ଥିତି ତଥା ତାଙ୍କର ଖୁବ୍‌ପ୍ରିୟ ମହାନଦୀ ଓ କାଠଯୋଡି ପଠାର ଅସୀମ ବାଲୁକାରାଶି ଉପରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ରଙ୍ଗ ଦେଖପାଇ ନିଜକୁ ଏକ ସୈନ୍ୟାସୀ-ସୈନିକ ଭାବରେ ଗଢ଼ିବାପାଇଁ ତାଙ୍କୁ ଖୁବ ପ୍ରେରଣା ଯୋଗାଇଥିଲା । ହେଲେ ବିଡ଼ମ୍ବନା ଓ ପରିତାପର ବିଷୟ ଯେ, ଏହି ବହୁଳ ପ୍ରଚାରିତ ପ୍ରାମାଣିକ ଚଳଚ୍ଚିତ୍ରରେ ଏସବୁର ଲେସ୍‌ମାତ୍ର ଗନ୍ଧ ନାହିଁ । ବରଂ ଚଞ୍ଚକପୂର୍ଣ୍ଣ ଢ଼ଙ୍ଗରେ ନେତାଜୀଙ୍କ ଜନ୍ମ ବେଙ୍ଗଲରେ ଓ କୋଲକାତା ତାଙ୍କର ହୋମଟାଉନ୍ ବୋଲି ଦର୍ଶାଯାଇଛି । (କ୍ରମଶଃ)

# ମୁଖରେ ରାମନାମ, ଅଣ୍ଟିରେ ଛୁରୀ



ସୌମେନ୍ଦ୍ର ଜେନା

**ଦକ୍ଷିଣ-ପୂର୍ବ ଏସିଆରେ ନିଜର ଆଧିପତ୍ୟକୁ ସବୁକ୍ଷେତ୍ରରେ ଜାହିର କରି ଅନ୍ୟମାନଙ୍କ ଆର୍ଥିକ ସ୍ୱାର୍ଥରେ ପ୍ରତିବନ୍ଧକ ସାଜିବା ବେଜିଂ ସରକାରଙ୍କ ଏକ ବହୁ ପୁରୁଣା ରଣକୌଶଳ । ସେଥିପାଇଁ ଭିଏତନାମର ଉପକୂଳରେ ଭାରତ ସହଯୋଗରେ ତୈଳଉତ୍ସ ଅନ୍ୱେଷଣ ହେଉ କିମ୍ବା ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି ହେବା ହେଉ ସବୁଥିରେ ଚୀନ ଆପତ୍ତି ଉଠାଉଛି । ପାକିସ୍ଥାନକୁ ଯୁଦ୍ଧାସ୍ତ୍ର ବିକ୍ରି କରିବା ହେଉ କିମ୍ବା ପାକ ଅଧିକୃତ କାଶ୍ମୀର ଅଞ୍ଚଳରେ ସଡକ ନିର୍ମାଣ ହେଉ କିମ୍ବା ଗ୍ୱାଦର ବନ୍ଦର ନିର୍ମାଣ ହେଉ, ଏସବୁ କ୍ଷେତ୍ରରେ ଭାରତର ମତାମତକୁ କେବେ ଚୀନ ଗୁରୁତ୍ୱ ଦେଇନାହିଁ । ଅପରପକ୍ଷେ ଦୀର୍ଘ ଦଶନ୍ଧିଧରି ଭାରତର ସାମ୍ୟବାଦୀ ନେତାମାନଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ, ଚୀନକୁ ମାଗଣାଗସ୍ତ, ନକସାଲମାନଙ୍କୁ ଅସ୍ତ୍ରଶସ୍ତ୍ର ପ୍ରଦାନ, ଆର୍ଥିକ ସହାୟତା, ଉତ୍ତର ପୂର୍ବର ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ସାମରିକ ପ୍ରଶିକ୍ଷଣ ଓ ସହାୟତା ଦେଇ ଚୀନ ପାକିସ୍ଥାନ ପରି ଭାରତରେ ଅସ୍ଥିରତା ଓ ରକ୍ତପାତ ସୃଷ୍ଟିକରି ଆସିଛି ।**




କିଛିମାସ ହେବ ଚୀନର ଭାରତ ବିରୋଧୀ ବୟାନବାଜି ଓ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । କେବେ କେବେ ଭାରତରେ ଥିବା ତିବ୍ବତୀୟ ଶରଣାର୍ଥୀ କିମ୍ବା ଦଲାଇଲାମାଙ୍କୁ ନେଇ ହେଉ, ଅଥବା କେବେ କେବେ ସନ୍ତ୍ରାସବାଦୀ ମାସୁଦ ଆଝାରକୁ ନେଇ ହେଉ, ପୁଣି କେବେ ସୀମାନ୍ତର ଅରୁଣାଚଳ ପ୍ରଦେଶରେ ସଡକ ନିର୍ମାଣକୁ ନେଇ ହେଉ, ଏମିତି ଏମିତି ଭାରତ ବିରୋଧୀ ବୟାନବାଜି ମାଧ୍ୟମରେ ଏକ ମାନସିକ ଯୁଦ୍ଧ ବା ପ୍ରଚ୍ଛରଯୁଦ୍ଧ ଚୀନ ଚଳାଇ ରଖିବାକୁ ଚାହୁଁଛି । ଗୋଟିଏ ପଟେ ଉଇଘୁର ଲୋକଙ୍କୁ ସନ୍ତ୍ରାସୀ କହୁଥିବା ଚୀନ ମାସୁଦ ମାମଲାରେ ଯେପରି ପାକିସ୍ଥାନର ମଲମ ଲଗାଉଛି ତାହା ଚୀନର ଦୋମୁହାଁ ନୀତିକୁ ଦର୍ଶାଉଛି ।

ବିଗତ ଦଶନ୍ଧିମାନଙ୍କରେ ଚୀନ କେବେହେଲେ ଭାରତର ହିତୈଷୀ ଭାବେ କାର୍ଯ୍ୟ କରିନାହିଁ । ପ୍ରଚଣ୍ଡ ସ୍ୱାର୍ଥବାଦୀ, ପୁଞ୍ଜିବାଦୀ ଅର୍ଥନୀତିର ପ୍ରସାରକ ଚୀନ ସବୁବେଳେ ସଂକୀର୍ଣ୍ଣ ଦୃଷ୍ଟି ନେଇ କାର୍ଯ୍ୟ କରିଆସିଛି । 'ମୁଖରେ ରାମନାମ, ଅଣ୍ଟିରେ ଛୁରା ପରି ଚୀନର କୂଟନୀତି ରହିଆସିଛି । ପାକିସ୍ଥାନର ସ୍ୱାର୍ଥରେ ଭାରତ ଉପରେ ମାନସିକ ଚାପ ସୃଷ୍ଟି କରିବାକୁ ବେଜିଂର ସରକାରୀ ଗଣମାଧ୍ୟମ ଗ୍ଲୋବାଲ ଟାଇମସ୍‌ରେ ନିୟମିତ ଭାରତ ବିରୋଧୀ ଲେଖା ପ୍ରକାଶ ପାଇବା ସହ ଧମକପୂର୍ଣ୍ଣ ଗାଳି ମଧ୍ୟ ରହୁଛି । ଯେବେ ବି ଭାରତ କୌଣସି କ୍ଷେପଣାସ୍ତ୍ର ପରୀକ୍ଷା କରୁଛି ଗ୍ଲୋବାଲ ଟାଇମସ ସେ ସମୟରେ ଆପତ୍ତି ଉଠାଉଛି ଏବଂ ଏହି ପରୀକ୍ଷା କ୍ଷେତ୍ରୀୟ ସୁରକ୍ଷା ନଷ୍ଟ କରିବ ବୋଲି ଅଭିଯୋଗ କରୁଛି । ତେବେ ଏହି ଅଭିଯୋଗ ସରକାରଙ୍କ ନିଜ ମତ ବୋଲି ଧରିନେବାକୁ ହେବ । କାରଣ ଗ୍ଲୋବାଲ ଟାଇମସ ସରକାରୀ ନିୟନ୍ତ୍ରିତ ଗଣମାଧ୍ୟମ । ଏଥିରେ ପ୍ରକାଶିତ ବିଷୟ ଓ ମନ୍ତବ୍ୟ ଚୀନର ସରକାରୀ ନୀତି ଅନୁଯାୟୀ ହୋଇଥାଏ । ଭାରତର ଗବେଷଣା, ପ୍ରଗତି, ଆଧୁନିକୀକରଣ ଆଦି ଦେଖିଲେ ଚୀନର ନାହି ଡେଇଁବାରେ ଲାଗିଛି, ପ୍ରବଳ ଗାତ୍ରଦାହ ହେଉଛି । ଅପରପକ୍ଷେ ସେଠାକାର ଗଣମାଧ୍ୟମରେ ପ୍ରକାଶ ପାଉଛି ଯେ ଭାରତର ଆଭ୍ୟନ୍ତରୀଣ ସମସ୍ୟାଯୋଗୁ ସରକାରୀ ଦଳ ଏସବୁ ପରୀକ୍ଷା କରୁଛି, ବିରୋଧୀମାନଙ୍କ ଉପରେ ଚାପ ପ୍ରୟୋଗଲାଗି ଏସବୁ କରାଯାଉଛି । ଏ ପ୍ରକାର ଅବଧାରଣା ଚୀନର ପ୍ରଶାସନିକ ସ୍ତରରେ ଥିବା କୋମଳ ବିଦେଶ ଦୃଷ୍ଟିର ପରିଚୟକ । ଇତିହାସରେ ଆଜିଯାଏ ଚୀନ ଏକ ଶୋଷଣବାଦୀ, ବିସ୍ତାରବାଦୀ ପରମସ୍ୱାର୍ଥପର ଦେଶଭାବେ ପରିଚୟ ପାଇଆସିଛି । ଦୀର୍ଘଦିନ ଧରି ଆମେରିକା ସହ ଭଲ ସଂପର୍କରେ ଥିବା ଚୀନ ଏବେ ଭାରତ-ଆମେରିକା ବନ୍ଧୁତାକୁ ଭଲଦୃଷ୍ଟିରେ ଦେଖିବାକୁ ପ୍ରସ୍ତୁତ ନାହିଁ । ସେମିତି ଚୀନର ଶତ୍ରୁ ଜାପାନ ହେଉ କି ପଡୋଶୀ ଦେଶ ଭିଏତନାମ ହେଉ, କାହା ସହ ଭାରତର ଆଲୋଚନାକୁ କିମ୍ବା ସଂପର୍କ ବୃଦ୍ଧିକୁ ମଧ୍ୟ ଚୀନ ଗ୍ରହଣ କରିବାକୁ ରାଜି ନୁହେଁ । ଆର୍ଥିକ ଦୃଷ୍ଟିରୁ ଚୀନ ଛୋଟ ପଡୋଶୀ ଦେଶଗୁଡ଼ିକୁ ଶୋଷଣ କରିବା ସମସ୍ତଙ୍କୁ ଜଣାଅଛି । ସେମାନେ ଚୀନର ଆଧିପତ୍ୟରୁ ମୁକୁଳିବାକୁ ଚେଷ୍ଟା କଲାବେଳେ ଚୀନର ଶୂଳବିଦ୍ଧ ଯନ୍ତ୍ରଣା ହେଉଛି । ଜାପାନ ଭାରତକୁ ଶସ୍ତାରେ ଯୁଦ୍ଧ ହେଲିକପଟର ବିକ୍ରିକରିବା, ସ୍ମାର୍ଟ ସିଟି ପ୍ରକଳ୍ପରେ ସହଯୋଗୀ ହେବା, ବୁଲେଟ ଟ୍ରେନ୍ ଚଳାଚଳ କ୍ଷେତ୍ରରେ ପୁଞ୍ଜିନିବେଶ କରିବା, ଚୀନ ଦେହରେ କଣ୍ଟା ଗଳିଯିବା ପରି ମନେ କରୁଛି ।

ଦକ୍ଷିଣ-ପୂର୍ବ ଏସିଆରେ ନିଜର ଆଧିପତ୍ୟକୁ ସବୁକ୍ଷେତ୍ରରେ ଜାହିର କରି ଅନ୍ୟମାନଙ୍କ ଆର୍ଥିକ ସ୍ୱାର୍ଥରେ ପ୍ରତିବନ୍ଧକ ସାଜିବା ବେଜିଂ ସରକାରଙ୍କ ଏକ ବହୁ ପୁରୁଣା ରଣକୌଶଳ । ସେଥିପାଇଁ ଭିଏତନାମର ଉପକୂଳରେ ଭାରତ ସହଯୋଗରେ ତୈଳଉତ୍ସ ଅନ୍ୱେଷଣ ହେଉ କିମ୍ବା ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକ୍ରି ହେବା ହେଉ ସବୁଥିରେ ଚୀନ ଆପତ୍ତି ଉଠାଉଛି । ପାକିସ୍ଥାନକୁ ଯୁଦ୍ଧାସ୍ତ୍ର ବିକ୍ରି କରିବା ହେଉ କିମ୍ବା ପାକ ଅଧିକୃତ କାଶ୍ମୀର ଅଞ୍ଚଳରେ ସଡକ ନିର୍ମାଣ ହେଉ କିମ୍ବା ଗ୍ୱାଦର ବନ୍ଦର ନିର୍ମାଣ ହେଉ, ଏସବୁ କ୍ଷେତ୍ରରେ ଭାରତର ମତାମତକୁ କେବେ ଚୀନ ଗୁରୁତ୍ୱ ଦେଇନାହିଁ । ଅପରପକ୍ଷେ ଦୀର୍ଘ ଦଶନ୍ଧିଧରି ଭାରତର ସାମ୍ୟବାଦୀ ନେତାମାନଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ, ଚୀନକୁ ମାଗଣାଗସ୍ତ, ନକସାଲମାନଙ୍କୁ ଅସ୍ତ୍ରଶସ୍ତ୍ର ପ୍ରଦାନ, ଆର୍ଥିକ ସହାୟତା, ଉତ୍ତର ପୂର୍ବର ସନ୍ତ୍ରାସବାଦୀ ଗୋଷ୍ଠୀଙ୍କୁ ସାମରିକ ପ୍ରଶିକ୍ଷଣ ଓ ସହାୟତା ଦେଇ ଚୀନ ପାକିସ୍ଥାନ ପରି ଭାରତରେ ଅସ୍ଥିରତା ଓ ରକ୍ତପାତ ସୃଷ୍ଟିକରି ଆସିଛି । ଅନେକ ସମୟରେ ନକ୍‌ସାଲମାନଙ୍କ ଘାଟୀରୁ ଚୀନ ନିର୍ମିତ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ନେପାଳରେ ଥିବା ପାକ୍ ସନ୍ତ୍ରାସୀ ଯେପରି ଭାରତରେ ଟ୍ରେନ୍ ଦୁର୍ଘଟଣା ଘଟାଉଛନ୍ତି ସେମିତି ନେପାଳୀ ମାଓବାଦୀମାନେ ଭାରତର ମାଓବାଦୀମାନଙ୍କୁ ନିୟମିତ ପ୍ରଶିକ୍ଷଣ ଓ ଅସ୍ତ୍ରଯୋଗାଣ କରୁଛନ୍ତି । କାଠମାଣ୍ଡୁରେ ଥିବା ଚୀନ ଦୂତାବାସ ଏ କ୍ଷେତ୍ରରେ ଅଧିକ ସକ୍ରୀୟ ରହିଆସିଛି । ଏପରିକି ଭୂମିକମ୍ପ ସମୟରେ ଭାରତର ସହାୟତା ବିରୋଧରେ ପାକିସ୍ଥାନୀ ଗଣମାଧ୍ୟମ ଓ ସୋସିଆଲ ମିଡିଆ ମାଧ୍ୟମରେ ଚୀନ ଅପପ୍ରଚାର ଚଳାଇ ନେପାଳୀ ଲୋକଙ୍କ ମନକୁ ବିଷାକ୍ତ କରିବାରେ ସଫଳ ହୋଇଥିଲା । ଦଲାଇଲାମା ମାମଲାକୁ ଭାରତ ଅଧିକ ଗୁରୁତ୍ୱ ନଦେବା, ଅରୁଣାଚଳର ଉତ୍ସବ, ବୋଧଗୟାର ଉତ୍ସବକୁ ବେଆଇନ କହିବା ସତ୍ତ୍ୱେ ଭାରତ ସରକାର ସେଥିପ୍ରତି ଅଧିକ ଧ୍ୟାନ ନଦେବା ଚୀନର ଚିନ୍ତାକୁ ବଢାଇଛି । ଆମେରିକା ସହ ଭାରତର ସାମରିକ ବିମାନଘାଟୀ ବ୍ୟବହାର ନେଇ ଲେମୋଆ ଚୁକ୍ତିନାମା ଚୀନ କର୍ତ୍ତୃପକ୍ଷଙ୍କୁ ଅସୁବିଧାରେ ପକାଇଛି । ଏହାକୁ ଆଧାର କରି ଆମେରିକା ସେନା ଆବଶ୍ୟକ ହେଲେ ଭାରତର ସାମରିକଘାଟୀକୁ ଚୀନ ବିରୋଧରେ ବ୍ୟବହାର କରିପାରେ ବୋଲି ବେଜିଂ କର୍ତ୍ତୃପକ୍ଷ ଆଶଙ୍କା କରୁଛନ୍ତି । ତିବ୍ବତକୁ ଦଖଲ କରିବା ପରେ ଅରୁଣାଚଳ ଓ ସିକ୍କିମକୁ ନିଜର ବୋଲି କହିବାରେ ଲାଗିଛି ଚୀନ । ଆଙ୍ଗୁଠି ପ୍ରବେଶରେ ବାହୁ ପ୍ରବେଶ ହେଉଛି ଚୀନର ପୁରୁଣା କୌଶଳ । ଯେହେତୁ ତିବ୍ବତ ଦଖଲ ବେଳେ ଭାରତ ବିରୋଧ କଲା ନାହିଁ, ତେଣୁ ଏମିତି ଭାରତର ପ୍ରଦେଶଗୁଡ଼ିକ ଚୀନର ବୋଲି କହି ମିଛ ଅଧିକାର ସାବ୍ୟସ୍ତ କରିବାକୁ ଚୀନ କର୍ତ୍ତୃପକ୍ଷ ପ୍ରଚ୍ଛରଯୁଦ୍ଧ ଚଳାଇଛନ୍ତି ।

ଚୀନ ସରକାର ଯେହେତୁ ଗ୍ୱାଦର ବନ୍ଦର ନିର୍ମାଣ କରି ଆର୍ଥିକ- ସଡକପଥ ପାକ୍-ଅଧିକୃତ ଅଞ୍ଚଳରେ କରୁଛନ୍ତି ଏବଂ ଭାରତ ସରକାର ଏହି ନିର୍ମାଣ ବିରୋଧରେ ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହ ସଡକ ନିର୍ମାଣକୁ ବିରୋଧ କରୁଥିବା ଗିଲଗିଟ୍ ଓ ବଲଟିସ୍ଥାନର ଲୋକଙ୍କୁ ସମର୍ଥନ ଜଣାଇ ସାରିଛନ୍ତି । ସେଥିପାଇଁ ଚୀନ ଚିନ୍ତାରେ ପଡିଛି । ପାକ୍ ଅଧିକୃତ ଅଞ୍ଚଳକୁ ପାକ୍ ସରକାର ଖାଲି କରିବାକୁ ପୂର୍ବରୁ ଜାତିସଂଘ କହିସାରିଥିଲେ ହେଁ ଆଜିଯାଏ ପାକ୍ ସରକାର ସେଥିପ୍ରତି ଧ୍ୟାନ ଦେଇନାହାନ୍ତି । ତେଣୁ ଭାରତ ଆଗାମୀ ଦିନରେ ଏ ଅଞ୍ଚଳକୁ ଦଖଲ କରିବାକୁ ଚାହିଁଲେ ସଡକ ନିର୍ମାଣ ସମ୍ଭବ ହେବନାହିଁ ବୋଲି ଚୀନ ସରକାରଙ୍କୁ ଜଣାଅଛି । ଏହି ସଡକ ୨୦୩୦ସୁଦ୍ଧା ନିର୍ମାଣ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି । ବେଲୁଚିସ୍ଥାନରେ ଗ୍ୱାଦର ବନ୍ଦର ନିର୍ମାଣକୁ ବିରୋଧ କରୁଥିବା ବଲୋଚଲୋକଙ୍କ ଆନ୍ଦୋଳନକୁ ଭାରତ ସରକାର ସମର୍ଥନ ଜଣାଇବା ସହ ବଲୋଚ ନେତାଙ୍କୁ ରାଜନୀତିକ ଆଶ୍ରୟ ଦେବାପାଇଁ ବ୍ୟବସ୍ଥା କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଲାଲକିଲ୍ଲା ଅଭିଭାଷଣରେ ବଲୋଚମାନଙ୍କ ଉପରେ ପାକ୍ ସେନାର ଦମନକୁ ପରୋକ୍ଷରେ ବିରୋଧ କରିଛନ୍ତି ।

ଆଗାମୀ ଦିନରେ ଭାରତ-ଚୀନ ସୀମାନ୍ତରେ ଅଧିକରୁ ଅଧିକ ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ସୁଖୋଇ ଓ ରାଫେଲ ବିମାନକୁ ଭାରତ ମୁତୟନ କରିବ ବୋଲି ଚୀନ ଜାଣିଛି । ସେହି ଲକ୍ଷ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ଅରୁଣାଚଳରେ ବାୟୁସେନା ଘାଟୀ ନିର୍ମାଣ, ଉଡାଣସ୍ଥଳୀ ପ୍ରସ୍ତୁତିପାଇଁ ଭାରତ ସରକାର ଅର୍ଥ ପ୍ରଦାନ କରିସାରିଛନ୍ତି । ୨୦୧୭ ଡିସେମ୍ବର ସୁଦ୍ଧା ୬ଟି ବାୟୁସେନା ଘାଟୀ ନିର୍ମାଣ ଶେଷ ହେବ । ଏବେ ଆସାମରୁ ଅରୁଣାଚଳକୁ ରେଳପଥ ନିର୍ମାଣ ପାଇଁ ସରକାର ଅନୁମତି ଦେବା ପରେ ଆଗାମୀ ଦିନରେ ଦୁଇଟି ରେଳପଥ ଅରୁଣାଚଳକୁ ଯୋଡିବ । ଏହା ହେଲେ ସେନାବାହିନୀର ଯାତାୟାତ, ପରିବହନ ସୁବିଧାଜନକ ହୋଇପାରିବ ।

ରଷିଆଠାରୁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ପ୍ରଣାଳୀ ଭାରତ ହାସଲ କରିବାକୁ ବୁଝାମଣା କରିସାରିଛି । ଉକ୍ତ ପ୍ରଣାଳୀ ଭାରତକୁ ନଦେବା ପାଇଁ କୂଟନୀତିକ ଚାପ ରଷିଆ ଉପରେ ପକାଇବାକୁ ଚୀନ କର୍ତ୍ତୃପକ୍ଷ ଉଦ୍ୟମ କରି ସଫଳ ହୋଇପାରି ନାହାନ୍ତି । ଭାରତ ସରକାର ଯେପରି ସାମରିକ ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକୀକରଣ, ବିକାଶପାଇଁ ପ୍ରତିବର୍ଷ ବ୍ୟୟବରାଦ ବଢାଇବାରେ ଲାଗିଛନ୍ତି ତାହା ଚୀନ ତୁଳନାରେ ବହୁତ କମ୍ ହୋଇଥିଲେ ହେଁ ଚୀନ କର୍ତ୍ତୃପକ୍ଷ ଏଥିପାଇଁ ଅସନ୍ତୋଷ ପ୍ରକାଶ କରିବାରେ ଲାଗିଛନ୍ତି । ସେହିପରି ଭାରତ ସରକାର ପ୍ରଥମଥର ପାଇଁ ବିଶ୍ୱଯୁଦ୍ଧାସ୍ତ୍ର ବଜାରରେ ପ୍ରବେଶ କରି ୨୦୧୫-୧୬ରେ ୪୧୬୩.୫୮ କୋଟିର ବ୍ୟବସାୟ କରିଛନ୍ତି । ଅନ୍ତରୀକ୍ଷ ବଜାରରେ ଇସ୍ରୋ ମଧ୍ୟ ଏକ ସଙ୍ଗେ ୧୦୧ ବିଦେଶୀ ଉପଗ୍ରହ ଛାଡି ରେକର୍ଡ କରିଛି, ଯାହାକି ସଂସ୍ଥାର ମୋଟ ଖର୍ଚ୍ଚର ୪୦ ପ୍ରତିଶତ ପ୍ରଦାନ କରିବ । ଭାରତର ଅଗ୍ନି-୫ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ ପରେ ଏହାକୁ ଭାରତ ସୀମାରେ ମୁତୟନ କରିବ ବୋଲି ଚୀନ ଆଶଙ୍କା ପ୍ରକାଶ କରିଛି । ପୂର୍ବରୁ ଭାରତର ପ୍ରତିରକ୍ଷା ନୀତି ଆତ୍ମରକ୍ଷାତ୍ମକ ଥିଲାବେଳେ ଏବେ ମୋଦି ସରକାର ତାଙ୍କୁ ଆକ୍ରମଣାତ୍ମକ ସ୍ତରକୁ ନେଇଛନ୍ତି । ସାମୟିକ କିମ୍ବା ଆକସ୍ମିକ ଯୁଦ୍ଧପାଇଁ ତତ୍‌କାଳ ଜବାବ ଦେବାକୁ ସେନାକୁ ଅଧିକାର ଦିଆଯାଇଛି । ଇସ୍ରାଏଲ, ଫ୍ରାନ୍ସ, ଆମେରିକା ଆଦି ଦେଶରୁ ଆବଶ୍ୟକ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ବରାଦ ଦିଆଯାଇଛି । ଆଗାମୀ ଦିନରେ ମେକ-ଇନ୍-ଇଣ୍ଡିଆ ପ୍ରକଳ୍ପରେ ଆମେରିକାର ଯୁଦ୍ଧବିମାନ ନିର୍ମାଣକାରୀ କମ୍ପାନୀମାନେ ଭାରତରେ ଯୁଦ୍ଧବିମାନ ନିର୍ମାଣପାଇଁ ଆଗ୍ରହ ପ୍ରକାଶ କରିବା ପରେ ଭାରତରେ ଅତ୍ୟାଧୁନିକ ଯୁଦ୍ଧବିମାନ ନିର୍ମାଣ ଓ ରପ୍ତାନୀ ସହଜ ହେବ । ଦକ୍ଷିଣ-ଚୀନ ସାଗର ମାମଲାରେ ଆମେରିକାର ଚୀନ ପ୍ରତି କଠୋର ମନ୍ତବ୍ୟ, ତାଇଓ୍ୱାନ ସରକାରଙ୍କ ସହ ରାଷ୍ଟ୍ରପତି ଟ୍ରମ୍ପଙ୍କ ଫୋନ୍‌ରେ କଥାବାର୍ତ୍ତା, ଭାରତ ସହ ସହଯୋଗ ବୃଦ୍ଧି ଘୋଷଣା, ପାକିସ୍ଥାନକୁ ଆମେରିକାର ଚେତାବନୀ, ଇସଲାମିକ ସନ୍ତ୍ରାସକୁ ନେଇ ଟ୍ରମ୍ପଙ୍କ କଠୋର ଆଭିମୁଖ୍ୟ ଏବେ ଚୀନକୁ ଅଧିକ ଚିନ୍ତାଗ୍ରସ୍ତ କରିଛି ।

ଅପରପକ୍ଷେ ଆର୍ଥିକ କ୍ଷେତ୍ରରେ ଚୀନର ବିକାଶ ହାର ମାନ୍ଦାସ୍ଥିତିରେ ରହିଛି । ଇଉରୋପୀୟ ଦେଶ ଓ ଭାରତ ଅନେକ ଛୋଟ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟିକ ସଂପର୍କ ପାଇଁ ସୁବିଧା ପ୍ରଦାନ କରିବା ଦ୍ୱାରା ଆଗାମୀ ଦିନରେ ଚୀନ ବିଶ୍ୱ ବଜାରରେ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବ । ସୁଲଭ ଦରରେ ଔଷଧ, ଚିକିତ୍ସା ଉପକରଣ ପ୍ରଦାନନ ନିର୍ମାଣ ଯନ୍ତ୍ରପାତି, କୃଷି ପାଇଁ ସହାୟତା, ବୈଷୟିକ ଜ୍ଞାନ-କୌଶଳ ପ୍ରଦାନ ଓ ଶିକ୍ଷାରେ ସହଯୋଗ ପରି ବିକାଶମୁଖୀ ସହାୟତା ଘୋଷଣା କରି ଭାରତ ଏସିଆ ଓ ଆଫ୍ରିକାର ଅନେକଗୁଡ଼ିଏ ଦେଶକୁ ନିଜ ସପକ୍ଷରେ ନେଇଯିବ ବୋଲି ଚୀନ ମନରେ ଆଶଙ୍କା ସୃଷ୍ଟି ହୋଇଛି । ଗ୍ଲୋବାଲ ଟାଇମ୍‌ସ ଓ ଚୀନର ଅନେକ ନେତୃତ୍ୱବୃନ୍ଦଙ୍କ ଭାରତ ବିରୋଧୀ ବକ୍ତବ୍ୟ ଉପରେ ମୋଦି ମନ୍ତବ୍ୟ ନଦେଇ ନୀରବ ରହିବାକୁ ଚୀନ ସହଜରେ ଗ୍ରହଣ କରିପାରୁନାହିଁ । ବିଶେଷକରି ରାଷ୍ଟ୍ରବାଦୀ ଟ୍ରମ୍ପଙ୍କ ସହ ରାଷ୍ଟ୍ରବାଦୀ ମୋଦି ମିଶି ସାମ୍ୟବାଦୀ ଚୀନ ବିରୁଦ୍ଧରେ ମେଣ୍ଟ ଗଠନ କରିପାରନ୍ତି ବୋଲି ଚୀନ ଆଶଙ୍କା ପ୍ରକାଶ କରିଛି । ଏହିସବୁ କାରଣରୁ ଚୀନର ଚିନ୍ତା ଏବେ ଢେର ବଢ଼ିଯାଇଛି ।

*ଭାରତୀୟ ସମ୍ବାଦସେବା (ଭାସ୍)*

*ମୋ-୯୮୫୩୩୩୫୦୭୮*

ଆମ ଠିକଣା

ଏକମାତ୍ର

ସମ୍ପାଦନା କାର୍ଯ୍ୟାଳୟ

ଏଚଆଇଜି-୧୩୭, ଧର୍ମବିହାର

ଖଣ୍ଡଗିରି, ଭୁବନେଶ୍ୱର-୩୦

ଦୂରଭାଷ : ୦୮୭୬୩୩୬୮୦୨୯

୦୭୦୦୮୩୪୦୩୮୯

# ବେଦନାର ବେଦ-୬

ଧାରାବାହିକ ଉପନ୍ୟାସ




**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍ : khirod65@gmail.com




**ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

**"ସେ** ତ୍ରେତୟା ଯୁଗ କଥା ଛାଡ଼୍।"- ଜୀବନରେ ପ୍ରଥମଥର ପାଇଁ ଚକ୍ରଧର ବୁଢ଼ୀମା' ମୁହଁ ଉପରେ ଜବାବ ଦେଲା- "ସେ ବେଳକାଳ ଅଲଗା, ଆଜିକାର କଥା ଅଲଗା। ଯୁଗ ଯାଇ କୋଉଠି ପହଞ୍ଚିଲାଣି, ସେକଥା ତୋତେ କ'ଣ ମାଲୁମ ଅଛି ? ତୁ ଚକୁଳି ଖାଇବା ଲୋକ, ବିନ୍ଧ କାଇଁକି ଗଣୁଛୁ ? ଖାଇପିଇ ଚୁପ୍ ଚାପ୍ ବସ। ସବୁ କଥାରେ ମୁଣ୍ଡ ପୁରାନା। ଯାହା କରିବା କଥା ମୁଁ କରିବି।"

ବୁଢ଼ୀକୁ କିଏ ଯେପରି ବାଡ଼େଇ ପକାଇଲା, ସେହିପରି ଭୋ ଭୋ ଡକାପାରି କାନ୍ଦି କାନ୍ଦି କହିଲା- "ହାଁ ରେ ଚକରା, ଶେଷରେ ତୁ ପୁଣି କହିଲୁ ଏକଥା ? ଆରେ, ଚାରିବରଷର ହେଇଥିଲୁ , ତୋ ମା' ସବାଖାଇ ମୁହଁମୋଡିଦେଇ ଚାଲିଗଲା ଆରପୁରକୁ। କି ବେମାରୀ ତାକୁ ଧଇଲା କେଜାଣି ଡ଼ାକତର କବିରାଜ କାହା ଓଷଦ କାଟୁ କଲାନି। ବାପ ଅଲପେଇଷାଟା ତ ଅଫିମଖିଆ ଗଞ୍ଜୋଡ଼ଟା। ଡ଼କାହକା ହୋଇ ଯିବାପରି ସେ ମାଇପି ବୁଦ୍ଧିଆଟା ବି ଚାଲିଗଲା ତା' ପଛେ ପଛେ। କିଏ ତୋ ଗୁହମୂତ ପୋଛିଥିଲା ? କାଖେଇ କୁଣ୍ଢେଇ କିଏ ମଣିଷ କରିଥିଲା ତତେ ? ଅଝଟ ହେଲେ କିଏ ତୋ ମୁହଁରେ ଗୁଞ୍ଜିଦେଉଥିଲା ଏ ଶୁଖିଲା ଥନ ? ଦେହ ପା' ଅସୁଖରେ କିଏ ତୋ ପାଖରେ ଜଗିବସୁଥିଲା ରାତି ରାତି ? ଖେଳିବାକୁ ଯାଇ ଫେରିବାକୁ ଡ଼େରି ହେଲେ କିଏ ତୋ ଫେରିବାବାଟକୁ ଅନେଇ ବସୁଥିଲା ଚାତକ ପରି ? ଆଜି ତୋ ମୁଣ୍ଡକୁ ହାତ ପାଇଗଲା ବୋଲି ମୋ ମୁହଁ ଉପରେ ମାଡ଼ ମାରୁଚୁ.... ?"

ବୁଢ଼ୀମା'ର କାନ୍ଦ ଚୁପ୍ କରିଦେଲା ଚକ୍ରଧରକୁ। ସେ ଆଉ ରାମକୃଷ୍ଣ କିଛି ନ କହି ଦୁମ୍ ଦୁମ୍ ହୋଇ ବାହାରକୁ ଚାଲିଯାଉଥିବା ବେଳେ ଚମ୍ପା ଆସି ବୁଝେଇ ବାଝେଇ ତୁନିକଲା ବୁଢ଼ୀମା'କୁ। ସେପାଖ ଘରକୁ ଡ଼ାକି ଚକ୍ରଧରକୁ କହିଲା- "ସେ ବେଳ ତ ଆଗକୁ ଅଛି ! ତମେ ଆଜିଠୁଁ ନଈ ନଦେଖୁଣୁ ଲଙ୍ଗଳା ହେଉଚ କାହିଁକି ? ସେ ତ ପୁରୁଣାକାଳିଆ ବୁଢ଼ୀଲୋକ ! ତାଙ୍କ ଅମଳକଥା କହୁଚନ୍ତି। ତାଙ୍କୁ ବୁଝେଇ ଦେଲେ ତ କଥା ସରିଲା। ସିଏ ଯେମିତି ହଉଛନ୍ତି, ତମେ ତାଙ୍କଠୁ ବଳି।"

ବାସ୍ତବିକ ଚମ୍ପା ଚାହୁଁନଥିଲା କାହା ମନରେ ଆଘାତ ଦେବାକୁ। ଏ ସାରା ସଂସାରକୁ ମମତାର ପଣତକାନିରେ, ପରମ ସ୍ନେହ ଓ ଶ୍ରଦ୍ଧାରେ, ଗଭୀର ଆନ୍ତରିକତାର ଡ଼ୋରିରେ ବାନ୍ଧିପକାଇବାକୁ ଇଚ୍ଛା ହେଉଥିଲା ତାର। ତାକୁ ଲାଗୁଥିଲା ଏ ସମଗ୍ର ସଂସାରଟା ହେଉଚି ତା' ପରିବାର। ଏ ସଂସାରରେ ବସବାସ କରୁଥିବା ସବୁ ମଣିଷ ହେଉଛନ୍ତି ତାର ଭାଇବନ୍ଧୁ କୁଟୁମ୍ବ। ଗୋଟାଏ ମନମୁଗ୍ଧକର ସ୍ୱପ୍ନ ସବୁବେଳେ ଆଚ୍ଛନ୍ନ କରି ରଖୁଥିଲା ତାକୁ। ସେ ସ୍ୱପ୍ନ ଏତେ ମଧୁର, ଏତେ କୋମଳ, ଏତେ ଛନ ଛନ, ଏତେ ତନ୍ଦ୍ରାବିଜଡ଼ିତ ଯେ, ତାହା ତୁଚ୍ଛ କରିପକାଇଥିଲା ଜୀବନର ସବୁ ଅବସାଦକୁ। ଧୋଇ ନେଉଥିଲା ଦୁନିଆର ସବୁ ଆବର୍ଜନାକୁ। ଜୀବନକୁ ଅଧିଷ୍ଠିତ କରିପକାଉଥିଲା ଏକ ମହିମାନ୍ୱିତ ସିଂହାସନରେ।

ଏସବୁ ସତ୍ୱେ ସବୁବେଳେ ଏକ ଆଶଙ୍କା ତାକୁ ମାଡ଼ି ବସୁଥିଲା। ବେଳେବେଳେ ଭୟରେ ଶିହରି ଉଠୁଥିଲା ତା' ଦେହ ଏତେ ବଡ଼ ବିପତ୍ତିରୁ କେମିତି ଭଲରେ ଭଲରେ ଉଦ୍ଧାର ପାଇଯିବ, ସେଥିପାଇଁ ସେ ଶୟନେ ସ୍ୱପନେ ଜାଗରଣେ ସୁମରଣା କରୁଥିଲା ଜଗତରନାଥ କାଳିଆ ଠାକୁରଙ୍କୁ।

ସେଦିନ ସୋମବାର। ସକାଳୁ ଗାଧୋଇ ପାଧୋଇ ଚମ୍ପା ଯାଇଥିଲା ଗାଁ ସେମୁଣ୍ଡ ମହାଦେବଙ୍କ ମନ୍ଦିରକୁ। ସକାଳୁ ପଖାଳ ଗଣ୍ଡାଏ ଖାଇ ଦେଇ ଚକ୍ରଧର ହଳନେଇ ବାହାରି ଯାଇଥିଲା ବିଲକୁ। ବୁଢ଼ୀମା' ଏକା ଥିଲା ଘରେ। ଠିକ୍ ସାଢ଼େ ନ'ଟା ବେଳକୁ ପରଜଙ୍ଗ ହସ୍‌ପିଟାଲର କମଳାଦିଦି ଆସି ପହଞ୍ଚିଲେ ଚକ୍ରଧର ଘରେ। ପରିବାର କଲ୍ୟାଣ ବିଭାଗ ତରଫରୁ ଗାଁ ଗାଁ ବୁଲି ଗର୍ଭବତୀ ମହିଳାମାନଙ୍କୁ ଠାବ କରାଯାଇ ଟିଟାନସ୍ ଇଞ୍ଜେକ୍‌ସନ୍ ଦିଆଯିବ।

କମଳାଦିଦିଙ୍କୁ ଦେଖି ବୁଢ଼ୀମା' ଭାବିଲା, କେଉଁ ଦୂର ଗାଁରୁ ବୋଧହୁଏ କୁଣିଆ ଆସିଛନ୍ତି ତା' ଘରକୁ। ବୁଢ଼ୀ ମନେ ମନେ ବିରକ୍ତ ହେଲା ଚମ୍ପା ଉପରେ। - "ବାରବୁଲୀଟା ଘଡ଼ିଏ ହେଲା ଯାଇଛି ଯେ ଯାଇଛି। କୋଉଠି ଠିଆ ହୋଇ କୋଉ ମାଇକିନିଆ ସାଙ୍ଗରେ ଗପୁଥିବ। ତା' ମନ କ'ଣ ଆଉ ଘର ଧରୁଚି ! କୋଉଠି ଥେଲା ଅଲାଜୁକି ମାଇକିନିଆଟା କେଜାଣି !"

ବୁଢ଼ୀ ମନକୁ ମନ ଗରଗର ହେଇ କମଳା ଦିଦିଙ୍କୁ ଘର ଭିତରକୁ ଡ଼ାକି ବସାଇ କହିଲା- "ମତେ କ'ଣ ଆଉ ଦୁରୁଶ୍ୟ ହଉଚି କିଲୋ ମା ? ବଅସ ଆସି ପରା ପାଞ୍ଚକୋଡ଼ିକୁ ଧକ୍‌କା ଖାଇଲାଣି ! ତୋ ଘର କୋଉଁ ଗାଁ କିଲୋ ଝୁଅ ? ତୋ' ବାପା ନାଁ କ'ଣ ?"

କମଳା ଦିଦି କହିଲେ- "ମାଉସୀ, ଆମ ଘର ଏଆଡ଼େ ନୁହେଁ। ଭୁବନେଶ୍ୱର ପାଖାପାଖି। ମୁଁ ପରଜଙ୍ଗ ହସ୍‌ପିଟାଲ୍‌ରେ ନର୍ସ ଅଛି। ମୋ ନାଁ କମଳା। ତମ ନାତୁଣୀବୋହୂ ପରା ସାତମାସର ଗର୍ଭବତୀ ଅଛି ! ଖବର ପାଇ ମୁଁ ଆସିଛି। ତାଙ୍କୁ ଟିଟାନସ୍ ଇଞ୍ଜେକ୍‌ସନ୍ ଦିଆଯିବ ! ତାଙ୍କୁ ଡ଼ାକ।

ବୁଢ଼ୀର ଆଖି ତାଳୁ ଉପରକୁ ଉଠିଗଲା। ରାଗରେ ତା' ଦେହ ବରଡ଼ାପତ୍ର ପରି ଥରି ଉଠିଲା। ତା' ଉଗ୍ରରୂପ ଆଉ ଦେଖେ କିଏ ? ଗୋଖର ସାପ ପରି ଫଁ ଫଁ ଗର୍ଜନ କଲା- "ଆଲୋ ତୁ ନର୍ସିଆଣୀଟା ! ଆଗରୁ କହୁନୁ ସେ କଥା ! କୁହାନାଇଁ ବୋଲାନାଇଁ, ଏକାବେଳକେ ଆସି ମୋ ଦେଇପିଣ୍ଡି ପାଖରେ ହାଜର ! ଘଣ୍ଟାଏ ହେବ ଆସି ମୋ ପାଖରେ ଗଜର ଗଜର ହଉଚୁ ! ଉଠ୍.... ଉଠ୍..... ଏଠୁ। ବାହାର ମୋ ଘରୁ। କହିଲା କ'ଣ ନା ମୋ ନାତୁଣୀବୋହୂକୁ ଇଞ୍ଜେସନ୍ ଦବ ! କି ମା' ଘଇତା ଇଞ୍ଜେସନ୍ କିଲୋ ?"

ବିଚାରୀ ନର୍ସଦିଦି ଜଣକ ବୋଧହୁଏ ତାଙ୍କ ଜୀବନକାଳ ଭିତରେ କେବେ ସାମନାସାମନି ହୋଇନଥିବେ ଏପରି ଅପ୍ରୀତିକର ପରିସ୍ଥିତି ସହିତ ! ଲଜ୍ଜା ଓ ଅପମାନରେ ତାଙ୍କ ମୁହଁ ଲାଲ୍ ପଡ଼ିଗଲା। କାନମୁଣ୍ଡା ଗରମ ହୋଇଉଠିଲା। ଦୁଃଖରେ ତାଙ୍କ ଦୁଇ ଆଖିରୁ ଜକେଇ ଆସିଲା ଲୁହ। ତଥାପି ଦାୟିତ୍ୱ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ ବୁଢ଼ୀର ଅଜ୍ଞତାକୁ ମାଫ୍ କରିଦେଇ, ଯାବତୀୟ ଅପମାନକୁ ଢ଼ୋକି ନେଇ କମଳାଦିଦି ମୁହଁରେ ଜବରଦସ୍ତ ହସ ଟିକିଏ ଖେଳାଇ କହିଲେ, "ମାଉସୀ, ତମେ ବୁଢ଼ୀ ମଣିଷ, ସରକାରଙ୍କ ନିୟମ କାନୁନ୍ ବିଷୟରେ ଜାଣିନା। ଗର୍ଭବତୀ ମହିଳା ଟିଟାନସ୍ ଇଞ୍ଜେକ୍‌ସନ୍ ନେବା ନିହାତି ଜରୁରୀ। ନେଲେ ମା' ଛୁଆ ସୁସ୍ଥ ରହିବେ।"

"ସେ ସରକାର ବାଡ଼ିପଡ଼ାଟା କିଏ ବା ? ନାଟ୍‌ସାବ୍ ନା ପ୍ରଧାନମନ୍ତିରୀ ? ସିଏ ଯିଏ ହେଇଥାଉ, ସେ କ'ଣ ମୋ ଘରର ମୁରବୀ ହେଇଚି ନା କ'ଣ ଯାହା କହିବ, ସେଇଆ ହବ ! ମୋ ବୋହୂକୁ ମୁଁ ସେ ନିଆଁପାଉଁଶ ଇଞ୍ଜେସନ ନଦେଲି, ସେ ଜୋଗଣିଖିଆ ସରକାରର କିସ ଯାଏ ଆସେ ? ମୋ ଘର ପାଇଁ ତା' ମୁଣ୍ଡ ଏତେ ବଥାଉଚି କାଇଁକି ? ଆଁ ?"- ବୁଢ଼ୀ ଆହୁରି ବଡ଼ ପାଟିରେ ଚିଲେଇଲା। ତା' ପାକୁଅ ପାଟିର କଥାସବୁ ପବନରେ ଫିସ୍‌ଫିସ୍ ହୋଇ ଉଡ଼ିଯାଉଥିଲେ। ବୁଢ଼ୀ ପାଟି ଶୁଣି ଗାଁ ଗୋଟାକର ଅଧାଲୋକ ଆସି ପହଞ୍ଚିଯାଇଥିଲେ ସେଠି।

- "ମାଉସୀ, ଟିକେ ଚୁପ୍ ରୁହ.... ମୋ କଥାଟିକେ ଶୁଣ....

*କ୍ରମଶଃ...*

# ଚାହାଣି

**ଡ.ସତ୍ୟନାରାୟଣ ମିଶ୍ର**

**ସେ** ଚାହାଣି ଏବେ ନାହିଁ ଗୋ ସହୀ ପ୍ରଥମ ଦେଖାର,
ପ୍ରୀତିରଙ୍ଗ ବୋଳା ଆଉ ଭରା ସରାଗର
ସେନେହର ମଧୁସିକ୍ତ ପ୍ରେମ ଜରଜର
ସେ ନଜର, ଏବେ କାହିଁ ଲାଗ ଚିରସ୍ରୋତା ପାଲଟିଲା ମରୁଝର।
ସ୍ୱପ୍ନ ବିଭୋର ସେ ଚାହାଣି, ଦେଖାଇଲା ବଞ୍ଚିବାର ସ୍ୱପ୍ନ
କ୍ୱଚିତ୍ କାମନାର ଆମନ୍ତ୍ରଣ ହେଲେ ନଥିଲା ତ ଉଦ୍ଦାମ ଆହ୍ୱାନ
ଆଜି ଲାଗେ ନା କାମନା ନା ସପନ, ରିକ୍ତ ସେ ନୟନ
କାହିଁକି ହେଲା ଗୋ ସହୀ, ଜୀବନ ଜଞ୍ଜାଳ କି ତା ଲୁଚିଛି ଲାବଣ୍ୟ ?
ଏବେ ଦେଖେ ସେ ଚାହାଣି
ଯନ୍ତ୍ରଣାର ଘୋଡଣିଟା ପ୍ରେମକୁ ତ ଦେଇଛି କବର
ବଦଳି ଯାଇଛି ଚାହାଣି ଭିତରେ ସଞ୍ଜା ସବୁ ଓ ସବୁର
ଦିନ କେଇଟାର ବନ୍ଧନୀ ଭିତରେ ଏବେ ଲାଗେ ଡର
ଆଖିରେ ଆଖି ମିଶାଇ ଖୋଜିବାକୁ ଚାହିଁବାକୁ, ତଉଲିବାକୁ ଚାହାଣି ତଳର
ଅତୀତ ଓ ବର୍ତ୍ତମାନ, କାହିଁକି ଜାଣେ ଗୋ ସହୀ,
ପ୍ରେମିକା ଓ ସ୍ତ୍ରୀ ଭିତରେ ତଫାତ୍ ଆକାଶ ପାତାଳର।

*ଲିଙ୍ଗରାଜ ବିହାର, ଭୁବନେଶ୍ୱର-୨୦*

# ଇନ୍ଦ୍ରଧନୁ



ମୂଳହିନ୍ଦୀ-ଅବଧେଶ ଶ୍ରୀବାସ୍ତବ
ଅନୁବାଦ- ରମେଶ ପାତ୍ର

**ସେ**ଦିନର ପାଗ ବିଶେଷ ଥଣ୍ଡା ନଥିଲା କିମ୍ବା ବିଶେଷ ଗରମ ଅନୁଭୂତ ହେଉଥିଲା ମନକୁ ଲୋଭେଇଲା ଭଳି ପାଗ ଥାଏ। କେତେ ବର୍ଷ ଆଗରୁ ବିବେକ ଓ ଏଲିନାର ହୋଲି ପାଇଁ କାର୍ଯ୍ୟକ୍ରମରେ ଏଇ ମନ୍ଦିରରେ ଉପସ୍ଥିତ ଥିଲେ ଦୁହେଁ ଦୁହିଁଙ୍କୁ ମିଶିଥିଲେ। ଏଙ୍ଗ୍ଲୋଇଣ୍ଡିଏନ୍ ହୋଇଥିଲେ ମଧ୍ୟ ଏଠିକାର ମହିଳାମାନଙ୍କ ଅନୁରୋଧ କ୍ରମେ ସବୁର ଉତ୍ସବରେ ଏଲିନା ଯୋଗ ଦେଇଥିଲେ। ଏଠାରେ ହଠାତ୍ ବିଜୟ ତା' ପାଇଁ ଆକର୍ଷିତ ହେଉଥିଲା। ମନ୍ଦିର ଚାରିପାଖରେ ବହୁତ ଲୋକଙ୍କ ସମାଗମ୍ ଅନେକ ଦର୍ଶକ ଭକ୍ତ ଜମା ହୋଇପଡିଥିଲେ। ମନ୍ଦିରରେ ପରସ୍ପର ଭିତରେ ରଂଗ ବୋଳା ବୋଳି ହେଉଥିଲେ। ଅଚାନକ ବିବିକେ ଏଲିନା ପାଖକୁ ଆସି ଏଲିନା ମୁହଁରେ ରଂଗ ବୋଳିଦେଇଗଲା।

ସହର ବହୁତ ଛୋଟ ଆଉ ସବୁ ସାମାଜିକ କାର୍ଯ୍ୟକ୍ରମ ମନ୍ଦିର, ଚର୍ଚ୍ଚ କିମ୍ବା ମସଜିଦ୍‌ରେ ହେଉଥିଲା। ଚର୍ଚ୍ଚ ପାଖରେ ତିଆରି ହୋଇଥିବା କ୍ୱାଟରରେ ରହୁଥିବା ଏକ ଫାଦର ଏଲିନାକୁ ବୁଝାଇଥିଲେ ଯେ ବିବେକ ସହରରେ ଜଣେ ଜଣାଶୁଣା ଭଦ୍ରଲୋକ ଠାକୁର ରଘୁବଂଶ ସିଂହଙ୍କ ନାତୀ। ତାଙ୍କର ଜେଜେ ଓ ବାପା ରିଟାଏର୍ଡ ଫୌଜି ଅଫିସର। ତାର ମଧ୍ୟ ଫୌଜିରେ ଯିବା ଇଚ୍ଛା ଅଛି। ସେଥିପାଇଁ ବିବେକ କୋଂଚି ଗ୍ରହଣ କରୁଛି।

ମନ୍ଦିର ଓ ଚର୍ଚ୍ଚ ମଧ୍ୟରେ ତିଆରି ହୋଇଥିବା ପାର୍କରେ ଏଲିନା ଆଉ ବିବେକର ଦେଖା ସାକ୍ଷାତ ହୋଇଥିଲା। ବିବେକର ବ୍ୟକ୍ତିତ୍ୱ ଏଲିନାକୁ ଆକର୍ଷିତ କରିଥିଲା। ବିବେକ କହିଥିଲା ଏଲିନା ମୋର ସ୍ୱପ୍ନ ଯେ ମୁଁ ମଧ୍ୟ ସୈନ୍ୟ ବିଭାଗରେ ଯୋଗଦେଇ ଜେଜେ ଓ ବାପାଙ୍କ ପରି ଦେଶର ସେବା କରିବି। ଏହି ସ୍ୱପ୍ନକୁ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ମୋର ଜେଜେ ଓ ପିତାଙ୍କ ପାଖରୁ ବହୁତ ପ୍ରେରଣା ମିଳେ। ଯେଉଁମାନେ ସୈନ୍ୟ ବିଭାଗରେ ରହି ନିଜ ଜନ୍ମଭୂମିର ସୁରକ୍ଷା କରୁଥିଲେ ଏବଂ ଦେଶର ସୁରକ୍ଷାରେ ଜୀବନ ବିତାଇଲେ। ବିବେକ ପଚାରିଲା " ତୁମର କ'ଣ ସ୍ୱପ୍ନ ରହିଛି ?" ଏଲିନା କରିଥିଲା ମୁଁ ପୋଷ୍ଟ ଗ୍ରାଜୁଏଟ କରି କୌଣସି ଗୋଟାଏ କୋର୍ସ କରିବାକୁ ଇଂଲଣ୍ଡ ଚାଲିଯିବି"। ଆଉ ଭଲ ଚାକିରୀଟାଏ କରି ସେଠାରେ ବସବାସ କରି ରହିଯିବି।

'କଣ ଭାରତରେ ତୁମେ ଖୋଜୁଥିଲା ପରି କାମ ଖଣ୍ଡେ ମିଳିବନି ?' ନା ତୁମର ଏ ଦେଶ ପ୍ରତି ଭଲପାଇବା ମନୋଭାବ ନାହିଁ। ହେଲେ ସବୁଠାରୁ ବଡ଼ କଥା ହେଲା ଏଲିନାକୁ ବିବେକ ବହୁତ ଭଲ ପାଇଯାଇଛି ସେଥିପାଇଁ ତାର ମହତ୍ୱାକାଂକ୍ଷା ଜାଣିପାରି ତାର ମନ ବଡ଼ ବିଚଳିତ ହୋଇ ପଡ଼ିଥିଲା।

ସେମିତି କିଛି କଥା ନୁହେଁ। ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ଭାବେ ସ୍ଥିର କରିନାହିଁ ଯେ ଇଂଲଣ୍ଡ ଯିବି ବୋଲି। ପ୍ରଥମେ ଭଲ ନମ୍ବର ରଖି ପାସ୍ ତ ହୋଇଯାଏ କହି ଏଲିନା ବିବେକକୁ ବୁଝେଇବାରେ ଲାଗିଲା।

ହେଲେ ବିବେକ କିନ୍ତୁ ଏଲିନାକୁ ନିଜ ପାଖରୁ ଦୂରେଇ ରଖିବାକୁ ଚାହେଁନା ବିବେକର ମାତୃଭୂମିର ସେବା କରିବା ସ୍ୱପ୍ନ ସ୍ୱୀକାର ହୋଇଥିଲା। ବିବେକ ଏନଡିଏ ପାଶ୍ କରିଥିଲା। ତାର ଜେଜେ ଓ ବାପା ସାରା କଲୋନି ବୁଲି ମିଠେଇ ବାଣ୍ଟିଥିଲେ ତାଙ୍କର ସେହି ଠାକୁର ପରିବାରରେ ବିବେକ ପରି ନାତି ଯେ ତାଙ୍କର ଆଶା ପୂରଣ କରିବ ଏ କଥା ସେମାନଙ୍କୁ ବଡ ମୁଗ୍ଧ କରିଥିଲା। ପୁଅକୁ କିପରି ପଗୋଡ଼ି ପିନ୍ଧାଇବେ ତାହା ହିଁ ସ୍ୱପ୍ନଥିଲା। ସେ ବିବେକ ଏଲିନାକୁ ବହୁତ ଭଲ ପାଉଥିଲା ଓ ଆଗାମୀ ଦିନରେ ତାକୁ ବିବାହ କରିବା କଥା ମଧ୍ୟ ମାଁ ଆଗରେ ବିବେକ ପ୍ରକାଶ କରିସାରିଥିଲା। ଏଲିନାର ମାଙ୍କ ସହିତ ବିବେକ ତା ମାଆଁଙ୍କୁ ଆଗରୁ କଥାବାର୍ତ୍ତା କରାଇ ନେଇଥିଲା।

ମା ଏଲିନା ଓ ବିବେକକୁ ବୁଝାଇବାକୁ ଚେଷ୍ଟା କରୁଥିଲେ। ସେମାନଙ୍କ ବିବାହ କେବେ ହୋଇପାରିବନାହିଁ। କାରଣ ଏହ ବିବାହକୁ ବିବେକର ବାପା ଓ ଜେଜେ କେବେ ବି ସ୍ୱୀକୃତି ଦେବେ ନାହିଁ।

ଦିନେ ଏଲିନାର କେଶ ଦେଖି ବିବେକ କହିଥିଲା " କାନ୍ଧ ପର୍ଯ୍ୟନ୍ତ କେଶରେ ଏଲିନା ତୁମେ କେତେ ସୁନ୍ଦର ଦେଖାଯାଉଛ। ତୁମର ସେହି ସ୍ନିଗ୍ଧ ପରି ଆଖି ଦୁଇଟିରେ ସବୁ ସମୟରେ ବୁଡ଼ି ରହିବାକୁ ଇଚ୍ଛା ହୁଏ।

ହେଲେ ମୁଁ ଭାବୁଛ ବିବେକ ଯାଇ ଭାରତୀୟ ପରିଧାନ ପିନ୍ଧେ ପ୍ରଭାସୀ ଭାରତୀୟର ଭିନ୍ନ ପରିଚୟ ବଢ଼ାଇବି ଓ କେଶ ବଢ଼ାଇବି"।

ବିବେକ ତାକୁ ଅବାକ ହୋଇ ଚାହିଁ ରହିଗଲା। ଏଲିନା କେତେ ଥର ତା ମନକୁ ବୁଝାଇବାକୁ ଚାହିଁଛି। ବିବେକ କିନ୍ତୁ ବୁଝିପାରିନି। ବିବେକର ବାପା ଓ ଜେଜେଙ୍କ ସ୍ୱପ୍ନ ଥିଲା ବିବେକ ଦେଶର ଫୌଜରେ କାମ କରି ଦେଶକୁ ସୁରକ୍ଷା ଦେବ। ଆଉ ସେ ଭଲ ପାଉଥିବା ଝିଅଟିକୁ ବିବାହ କରିନେବ। ସେ ମଧ୍ୟ ନିଜେ ବିଦେଶ ଯିବାର ସ୍ୱପ୍ନ ଦେଖୁଥିଲା। ସେ ଯଦି ବିଦେଶ ଚାଲିଯିବ ବିବେକର ପରିବାରର ସ୍ୱପ୍ନ ସୁଧାରିଯିବ। ହେଲେ ଏଲିନା ବିବେକର ଭାବନାକୁ କ୍ଷତି ପହଞ୍ଚାଇବାକୁ ଚାହେଁନା।

ବିକେକକୁ ମଧ୍ୟ ସେ ବୁଝେଇବାକୁ ଚେଷ୍ଟା କରିଥିଲା ପରେ ବିବେକ କହିଥିଲା କ'ଣ ଆମର କୌଣସି ସ୍ୱପ୍ନ ହୋଇପାରିବ ନାହିଁ।

ତାର ହୋଲି ଜଳାଇବା ଚାହୁଁ ଚ ତ ? ଏଥିରେ ଦୁଇଟି ଜୀବନ ନଷ୍ଟ ହୋଇଯିବ ପିଲାଙ୍କର ମନୋଭାବକୁ ମଧ୍ୟ ବଡ଼ ମାନେ ଚିନ୍ତା କରିବା କଥା।

ଏଥିରେ ଏଲିନା ବିବେକକୁ କହିଥିଲା। "ଏବେ ତ ଆମ ଭଲପାଇବା ସେଠାରେ ଅଛି ଯେଉଁଠାରେ କୌଣସି ସମାନ ଧର୍ମ ନାହିଁ ହେଲେ ଏଥିରେ ଆଗୁ ବଢ଼ିଲେ ସମାଜରେ ରହିବା ପାଇଁ କିଛି ସର୍ତ୍ତ ରହିବ। ଜାତି ଧର୍ମ ବିବାଦ ଲୋକମାନେ ଠିଆ କରାଇବେ।

ବିବେକ ପ୍ରତିବାଦ କଲେ। ଏହି କଥା ଦୁର୍ବଳ ହୃଦୟର ଲୋକମାନେ କରନ୍ତି ପ୍ରେମର ଫୁଲତୋଡ଼ା ପ୍ରତ୍ୟେକ ଜାତି, ଧର୍ମ ଆଉ ସମୁଦାୟର ଫୁଲ ଖେଳୁଅଛି ଆଉ ବିଭିନ୍ନ ସଂସ୍କୃତିର ସମାଗମ ହୋଇଥାଏ।

ମୋବାଇଲର ଘଣ୍ଟି ବାଜିବା ପରେ ଏଲିନାର ସ୍ମୃତି ଭାଙ୍ଗିବାରେ ଲାଗିଲା ଆଉ ସେ ବର୍ତ୍ତମାନକୁ ଆସିଗଲା। ଫୋନ୍ ତା'ର ..... ଆଶାର ଥିଲା ଯାହାର ଆଗ୍ରହରେ ଗତବର୍ଷ ସେ ମନ୍ଦିରରେ ହୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିଲା।

ବିବେକର ମଧ୍ୟ ଫୋନ ଆସିଥିଲା। ସେ ମଧ୍ୟ ହୋଲିରେ ଘର ଯିବା ପାଇଁ ଓ ଉତ୍ସବରେ ମିଶିବା ପାଇଁ କୁହାଯାଇଥିଲା ସେ ଅସମଞ୍ଜସରେ ଥିଲା ଯେ ସେ ମନ୍ଦିର ଯାଇ ପାରିବ ନା ନ ଯାଇପାରିବ।

କାରଣ ସେ ଚାହୁଁନଥିଲା ଯେ ପରିବାରରେ କୌଣସି ଅଶାନ୍ତି କରି କୌଣସି ନିର୍ଣ୍ଣୟ ନେବ। ତା ସାଙ୍ଗ ଆଶା ଆସିବା ପରେ ସେ (ଏଲିନା) ତାର ଜିଦ୍ ଆଗରେ ନା କରିପାରିଲା ନାହିଁ ପରେ ସେ ନିର୍ଣ୍ଣୟ ନେଲା ଯେ ସେ ମନ୍ଦିରର ସେହିବାଟେ ଯିବ ନାହିଁ" ଯେଉଁଠାରେ ଉତ୍ସବ ହେଉଛି। ସେହି ସାମନାର ପାର୍କ ଆସିବାକୁ ବିବେକକୁ କହିବାରେ ଚେଷ୍ଟା କରିବ। ଏଲିନା ତାର ମୋବାଇଲ ସ୍ୱିଚ୍ ଅଫ କରି ରଖିନେଲେ। ଆଉ ଆଶା ସାଥିରେ ପାର୍କ ଆଡେ ଚାଲିଲା ଏବଂ ଦେଖିଲା ଯେଉଁଠି ସେ ବିବେକ ସାଥିରେ ବେଞ୍ଚରେ ବସି କଥାକୁ ସତରେ ସେଠାରେ କେହି ଜଣେ ଆଗରୁ ବସିଛି। ଆଶା ସେଠାରେ ଆଉଜଣେ ବସିଛନ୍ତି ଆମେ ଆଉ ଗୋଟାଏ ବେଞ୍ଚରେ ବସିବା। ଏଲିନା ମଧ୍ୟ ସେଠିକି ଗଲା। ଆଶା କହିଲା। ଚାଲ ସେହି ପଛ ବେଞ୍ଚରେ କିଏ ବସିଛି ଦେଖିବା। ସେହି ବେଞ୍ଚରେ ଆଉ କିଏ ନୁହଁ ହେଲେ ବିବେକ ହି ମୁଣ୍ଡ ନୁହାଇଁ ବସିଥିଲା। ଫୌଜି ପୋଷାକରେ ସେ ସେଦିନ ଆହୁରି ହେଣ୍ଡସାମ ଦେଖାଯାଉଥିଲା। ଏଲିନା ଭାବିଲା ବିବେକ ଦୁଃଖ କରୁଛି ଆଉ ରଂଗ ଆଣି ତା ମୁହଁରେ ସତେ ଯେମିତି ବୋଳୁଛି। ତା ଭିତରେ କେତେ ଥର ସେ ବୁଲାବୁଲି ମଧ୍ୟ କରିଛି। ରଂଗ ଖେଳ ଆରମ୍ଭ ହେଲା। ଏଲିନା ବିବେକର ସୌମ୍ୟ ଚେହେରାକୁ ନିରଖାଇଲା- କହିଲା। ତୁମ କେଶତ ବହୁତ ଛୋଟ ହୋଇଯାଇଛି।

ତୁମେ ଯେଉଁ ଲମ୍ବା କେଶ ରଖିବାକୁ ଚାହୁଁଥିଲ ହଁ ମୁଁ ଭାବିଲି କଷ୍ଟାଷ୍ଟ ଠିକ ନ ରହିବ। ତା ପରେ ଆମର ମନ୍ଦିରରେ ସମସ୍ତେ ଅପେକ୍ଷା କରିଥିବେ ଚାଲ ଯିବା କିଏ ଅପେକ୍ଷା କରିଥିବ ? ଏଲିନା ପ୍ରଶ୍ନବାଚୀ ସ୍ୱରରେ ବିବେକକୁ ଚାହିଁଲା।

ଆରେ ସମସ୍ତେ ଆମର। ମନ୍ଦିରରେ ସମସ୍ତେ ଅପେକ୍ଷାରେ ପୂଜା ଆରମ୍ଭ ହେଲାଣି ବୋଧେ। ସତକୁ ସତ ଉତ୍ସବ ଆରମ୍ଭ ହୋଇ ସାରିଥିଲା। ସମସ୍ତଙ୍କ ମନରେ ଉତ୍ସାହ ଭରି ଯାଇଥିଲା। ଜଣେ ଅନ୍ୟ ଜଣକ ଉପରେ ରଂଗ ଢ଼ାଳୁଥିଲେ। ମନ୍ଦିରରେ ଗୋଟାଏ ପାଶ୍ୱରେ ବିବେକ ଏଲିନାକୁ ନେଇଗଲା ସେ ମମ୍ମୀକୁ ଦେଖି ଭୟଭୀତ ହୋଇ ପଡ଼ିଲା କାରଣ ସେ ତାକୁ କେତେ ଥର ବିବେକଠାରୁ ଦୂରରେ ରହିବାକୁ ବୁଝାଇଥିଲେ। ବିବେକ ମୋତେ ଘରୁ ଆଣିଛି ତାଙ୍କର ମା, ବାପା, ଜେଜେ ତମକୁ ମିଶିବାକୁ ଚାହୁଁଛନ୍ତି ଏଲିନାର ମା ଶାନ୍ତ ସ୍ୱରରେ କହିଥିଲେ। ବିବେକ ଏଲିନାକୁ ସେଇ ସିଡି ଆଡ଼େ ନେଇ ଗଲା ଯେଉଁଠାରେ ତାର ମା, ବାପା ଠିଆ ହୋଇଥିଲେ। ଏଲିନାକୁ ଦେଖି ତାଙ୍କ ଚେହେରାରେ ଖୁସି ଖେଳି ଯାଇଥିଲା। ତେଣୁ ତାକୁ ଏମିତି ଲାଗିଲା ସତେ ଯେମିତି ଇନ୍ଦ୍ରଧନୁ ଆକାଶରେ ଶୋଭାପାଉଛି ଆଉ ସେହି ଇନ୍ଦ୍ରଧନୁର ସାତଟି ରଂଗରେ ଏଲିନା ଆଉ ତାର ଭଲ ପାଇବାକୁ ରଂଗୀନ କରି ଦେଇଛି। ସାତ ରଂଗର ଇନ୍ଦ୍ରଧନୁ ଏଲିନାର ନୂଆ ସଂସାରକୁ ସାତ ରଂଗରେ ରଂଗାଇ ଦେଇଛି।

*୩୩୬, ଲିଙ୍ଗରାଜନଗର*
*ଭୁବନେଶ୍ୱର-୨*
*ମୋ:-୭୩୭୭୬୭୬୫୬୦*

## ଭୋକ

*ଶାନ୍ତନୁ କୁମାର ପରିଡା*

**ପେ**ଟ ଭୋକ ମରେ ଭୁରି ଭୋଜିନରେ
ଆତ୍ମା ଭୋକ ଭଜନରେ।
ଦେହ ଭୋକ ଖୋଜେ ଟିକିଏ ଆଶ୍ଲେଷ
ମନ ଭୋକ ସଜ୍ଜନରେ।
ହୃଦୟର ଭୋକ ଚିହ୍ନଇ ହୃଦୟ
ପ୍ରେମ ଭୋକ ମିଳନରେ।
ଜ୍ଞାନ ଭୋକ କେବେ ମରେନା ଜୀବନେ
ସିଦ୍ଧି ଭୋକ ଚିନ୍ତନରେ।

## ଶୋଷ

**ଜ**ଳପାନ କଲେ ମେଣ୍ଟିଯାଏ ତୃଷ୍ଣା
ଜ୍ଞାନ ତୃଷ୍ଣା ମେଣ୍ଟେ ନାହିଁ,
ଯେତେ ପାନ କଲେ ବଢୁଥାଏ ସିନା
ଏ ଶୋଷ ଶେଷ କାହିଁ ?
ଏ ସାରା ସଂସାର ଜ୍ଞାନ ଭଣ୍ଡାର
ଜାଗିଲେ ଥରେ ପିପାସା।
ଜିଜ୍ଞାସୁର ମନ ସର୍ବଦା ଉଚ୍ଛନ୍ନ
ଏ ଶୋଷ ପାଲଟେ ନିଶା।

*ଅଧ୍ୟାପକ, (ଶିକ୍ଷା ବିଭାଗ )*
*ସର୍ବମଙ୍ଗଳା ମହାବିଦ୍ୟାଳୟ*
*ଗୋଲାମୁଣ୍ଡା, କଳାହାଣ୍ଡି*

## ତୁମ ବ୍ୟତିରକେ

*ଜୟଶ୍ରୀ ପଟ୍ଟନାୟକ*

**ତୁ**ମେ କି ଜାଣିବ କେତେ ସନ୍ତର୍ପଣେ
ରଖିଛି ତୁମ ମନକୁ ସାତିସିଆଁ ଗଂଠି ପକାଇ
କାଳେ ଉଡିଗଲେ ଉଜୁଡିଯିବ
ସ୍ୱପ୍ନର ନନ୍ଦନବନ, ଭାବନାର ରଙ୍ଗ ମହଲ
ପ୍ରୀତିର ସ୍ୱପ୍ନ ମହଲ
ମୁହୂର୍ତ୍ତେ ମୁହୂର୍ତ୍ତେ ଭେଟିବାକୁ ପଡୁଥିବ
ମଧ୍ୟାହ୍ନରେ ନିଛାଟିଆ ରାସ୍ତା
ମନ ମାନସକୁ ମିଳୁ ନ ଥିବ ଲଗାମ
କେମିତି କଟିବ ଦିନ ଅବା ସାରାରାତି
ସ୍ୱପ୍ନକୁ ପିଠିକରି କଟୁଥିବ
ଚାହିଁ ଚାହିଁ ଆକାଶ।
ତୁମେ କଣ ଜାଣନା ଗଛଡାଳେ
ବାନ୍ଧିଥିବା ପକ୍ଷୀବସାକୁ ଡରଥାଏ।
ସବୁବେଳେ ବତାସୀ ପବନର
ବ୍ୟାଧର ଲାଖବିନ୍ଧା ତୀରକୁ।
ଲଘୁଚାପର ଲଗାଣ ବର୍ଷାରେ ଭୟଥାଏ
ଧୋଇ ହୋଇଯିବ ସ୍ମୃତିଲେସା କାନ୍ଥ
କି ଓଳିତକ ପାଣିରେ ଫୁଟାଡଙ୍ଗା
ପାଲଟିଯିବ ମନତଳର ସାଇତା ଚିଠି
ସବୁ ଭୟ ଭିତରେ ବି ଜୀବନ୍ୟାସ
ପାଉଥାଏ ଆଶା
ତୁମେ ଆସୁଥାଅ। ସତରେ ନ ହେଲେ ବି
ସପନରେ, ଇଚ୍ଛାରେ ନ ହେଲେ ବି
ଅନିଚ୍ଛାରେ, ବିଶ୍ୱାସରେ ନ ହେଲେ ବି
ନିଃଶ୍ୱାସରେ ନେଇ ଯିବାକୁ କିଛି କ୍ଷର
ମର୍ତ୍ତ୍ୟରୁ ଅମରାବତୀକୁ।
ପ୍ରେମାସକ୍ତ ମନରୁ ପ୍ରୀତିମୟ ପରିବେଶକୁ
ପ୍ରେମର ସୃଜନରୁ କବିତାର
କାଦମ୍ବରୀ ପାନ କରିବାକୁ।

*ମଧୁସୂଦନ ନଗର, ଜଟଣୀ*
*ମୋ:- ୯୪୩୮୩୬୮୯୬୭*





# ଜେଏନ୍‌ୟୁରେ ପ୍ରତିଷ୍ଠା ହେଲା ଓଡ଼ିଆ ଭାଷା ଚେୟାର

**ନୂଆଦିଲ୍ଲୀ:** ରାଜ୍ୟ ସରକାର ବହୁ ସମୟ ବ୍ୟବଧାନରେ ନିଜର ପ୍ରତିଶ୍ରୁତି ପାଳନ କରି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ପ୍ରତିଷ୍ଠା କରିଛନ୍ତି ଓଡ଼ିଆ ଭାଷା ଚେୟାର। ଏହା ଆଦିକବି ସାରଳା ଦାସଙ୍କ ନାମରେ ନାମିତ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟରେ ପ୍ରଚାର, ପ୍ରସାର ଓ ଗବେଷଣାକୁ ସୁଦୂରପ୍ରସାରୀ କରିବା ଉଦ୍ଦେଶ୍ୟରେ ଏହି ଚେୟାର ପ୍ରତିଷ୍ଠା ହୋଇଛି। ଏଥିପାଇଁ ଜେଏନ୍‌ୟୁ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜେଏନ୍‌ୟୁର ରେକ୍ଟର ପ୍ରଫେସର ଚିନ୍ତାମଣି ମହାପାତ୍ର ଏବଂ ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।



ଜେଏନ୍‌ୟୁସ୍ଥିତ ଭାରତୀୟ ଭାଷା କେନ୍ଦ୍ର, ଭାଷା-ସାହିତ୍ୟ-ସାଂସ୍କୃତିକ ଅଧ୍ୟୟନ ପ୍ରତିଷ୍ଠାନ ଅଧୀନରେ ଏହି ଚେୟାର କାର୍ଯ୍ୟ କରିବ। ଦେଶର ଅନ୍ୟ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଓଡ଼ିଅ ଭାଷାର ଶିକ୍ଷା, ଗବେଷଣା ଓ ସାଂସ୍କୃତିକ ଉପରେ ସଂଯୋଗ ସ୍ଥାପନ, ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ଶିକ୍ଷା ପାଇଁ ସୁଯୋଗ ପ୍ରଦାନ ଦିଗରେ ଏହା ସହାୟକ ହେବ। ଓଡ଼ିଆ ଭାଷା, ସାହିତ୍ୟ, ଲୋକ ପରମ୍ପରା ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଉପରେ ଗବେଷଣାତ୍ମକ ପ୍ରକଳ୍ପ ଆୟୋଜନ, ଅଣଓଡ଼ିଆଙ୍କ ମଧ୍ୟରେ ଓଡ଼ିଶାର ଇତିହାସ, ଭାଷା, ପରମ୍ପରା ସମ୍ପର୍କିତ ସଚେତନତା ପ୍ରସାର ଓ ଅନ୍ୟ ଭାଷାଗୁଡ଼ିକ ସହ ଓଡ଼ିଆ ଭାଷାର ତୁଳନାତ୍ମକ ଗବେଷଣା ଦିଗରେ ଏହି ଚେୟାର କାର୍ଯ୍ୟ କରିବ।

ଏହି ଚେୟାର ବର୍ତ୍ତମାନ ଜଣେ ପ୍ରଫେସର, ଜଣେ ସହକାରୀ ପ୍ରଫେସର ଓ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ବୁଝାମଣାପତ୍ର ଅନୁଯାୟୀ ଜେଏନ୍‌ୟୁରେ ଓଡ଼ିଆ ଚେୟାର ପ୍ରତିଷ୍ଠା ଲାଗି ଜେଏନ୍‌ୟୁକୁ ୫ କୋଟି ଟଙ୍କାର କର୍ପସ ଫଣ୍ଡ ରାଜ୍ୟ ସରକାର ଉପଲବ୍ଧ କରାଇବେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଏ ବାବଦରେ ଦୁଇ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ତିନି କୋଟି ଟଙ୍କା ମଞ୍ଜୁର ହେବ। ଏଥିସହ କାର୍ଯ୍ୟାଳୟର ଭିତ୍ତିଭୂମି ପ୍ରତିଷ୍ଠା କରିବା ଲାଗି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସଂସ୍କୃତି ବିଭାଗର ସୂଚନା ଅନୁସାରେ ତାମିଲ ଏବଂ କନ୍ନଡ଼ ପରେ ତୃତୀୟ ଆଞ୍ଚଳିକ ଭାଷା ଭାବେ ଜେଏନ୍‌ୟୁରେ ଓଡ଼ିଆ ଚେୟାର ଖୋଲିଛି। ଏହା ବ୍ୟତୀତ ହିନ୍ଦୀ, ଉର୍ଦ୍ଦୁ, ବିଭିନ୍ନ ବିଦେଶୀ ଭାଷାର ଚେୟାର ମଧ ଜେଏନ୍‌ୟୁରେ ପ୍ରତିଷ୍ଠା ହୋଇଛି। ଆଗାମୀ କିଛି ମାସ ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚ୍‌ୟୁ)ରେ ଆଉ ଏକ ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ଏଥିପାଇଁ ବଜେଟ୍ ମଧ ପ୍ରସ୍ତୁତ ହୋଇଛି। ଏହା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ଏହି ଚେୟାରର ନାମକରଣ କରାଯିବ।

## ଏନ୍‌ଜିଟ୍‌ରେ ମହାନଦୀ

# କେହି ହାଜର ହେଲେନି

**ଭୁବନେଶ୍ୱର :** ମହାନଦୀ ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତରେ ଏନ୍‌ଜିଟି (ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ) ରେ ଶୁଣାଣି ବେଳେ ହାଜର ହୋଇ ନାହାନ୍ତି ଓଡ଼ିଶା ଓ ଛତିଶଗଡ଼ ସରକାର। କେବଳ କେନ୍ଦ୍ର ସରକାରଙ୍କ ଦୁଇ ବିଭାଗ ଜଙ୍ଗଲ ଓ ପରିବେଶ ଏବଂ ଜଳସମ୍ପଦର ଅଧିକାରୀମାନେ ଯୋଗ ଦେଇଥିବାରୁ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୦କୁ ଧାର୍ଯ୍ୟ ହୋଇଛି । ଏହା ସହ ପରବର୍ତ୍ତୀ ଶୁଣାଣିରେ ଅନୁପସ୍ଥିତ ରହିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏନ୍‌ଜିଟି ଦୁଇ ରାଜ୍ୟକୁ ଚେତାବନୀ ଦେଇଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ 'ଆଗାମୀ ଓଡ଼ିଶା'ର ଆବାହକ ସୁଦର୍ଶନ ଦାସ ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ର ନିର୍ମାଣାଧୀନ ପ୍ରକଳ୍ପ ସଂକ୍ରାନ୍ତ ଆପତ୍ତି ଉଠାଇବା ସହ ଏହାଦ୍ୱାରା ଓଡ଼ିଶା ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ନିମନ୍ତେ ଆବଶ୍ୟକ ପରିବେଶ ମଞ୍ଜୁରିକୁ ନେଇ ମଧ୍ୟ ଶ୍ରୀ ଦାସ ପ୍ରଶ୍ନ ଉଠାଇଥିଲେ। ଓଡ଼ିଶା ସରକାରଙ୍କ ସହ ବିନା ଆଲୋଚନାରେ ଛତିଶଗଡ଼ ସରକାର ପ୍ରକଳ୍ପ ନିର୍ମାଣ ଚଳାଇଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଏ ସଂକ୍ରାନ୍ତରେ ମଞ୍ଜୁରି ପ୍ରଦାନ କରିଛନ୍ତି। ତେଣୁ ଏ କ୍ଷେତ୍ରରେ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ନିମନ୍ତେ ଏନ୍‌ଜିଟିର ହସ୍ତକ୍ଷେପ ଲୋଡ଼ିଥିଲା ଆଗାମୀ ଓଡ଼ିଶା। ଏହା ସହ ଏହି ମାମଲାର ବିଚାର ନ ସରିବା ପର୍ଯ୍ୟନ୍ତ ମହାନଦୀ ଉପରମୁଣ୍ଡରେ କୌଣସି ନୂତନ ପ୍ରକଳ୍ପ କରା ନ ଯିବା ଏବଂ ନିର୍ମାଣାଧୀନ ପ୍ରକଳ୍ପଗୁଡ଼ିକୁ ବନ୍ଦ କରିବା ପାଇଁ ଆଗାମୀ ଓଡ଼ିଶା ପକ୍ଷରୁ ଆବେଦନ କରାଯାଇଛି । ଏହା ସହ ଓଡ଼ିଶାର ଆବଶ୍ୟକ ଜଳ ପାଇବା କ୍ଷେତ୍ରରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ଏବଂ ଜଳ ପ୍ରବାହ ଉଭୟ ମୌସୁମି ଓ ଅଣମୌସୁମି ସମୟରେ ଅବାରିତ ରହେ ସେ କ୍ଷେତ୍ରରେ ଏନ୍‌ଜିଟିର ହସ୍ତକ୍ଷେପ ଲୋଡ଼ିଛନ୍ତି ଆବେଦନକାରୀ। ଏହି ଆବେଦନକୁ ବିଚାର ପାଇଁ ଏନ୍‌ଜିଟି ଗ୍ରହଣ କରିବା ସହ ଫେବୃଆରୀ ୨୨ ତାରିଖ ସୁଦ୍ଧା ନିର୍ମାଣାଧୀନ ଓ ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ରିପୋର୍ଟ ଦାଖଲ ନିମନ୍ତେ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଛତିଶଗଡ଼ ପ୍ରକଳ୍ପ ସମ୍ପର୍କରେ ପ୍ରଭାବ ଆକଳନ ସମ୍ପର୍କରେ ଓଡ଼ିଶାକୁ ଓ ଛତିଶଗଡ଼ ସରକାରଙ୍କୁ ପ୍ରକଳ୍ପ ନିମନ୍ତେ ଦିଆଯାଇଥିବା ଅନୁମତି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗୁରୁବାର (୨୩ ତାରିଖ) ଶୁଣାଣି ସମୟରେ କେନ୍ଦ୍ର ସରକାରଙ୍କ ଦୁଇ ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ ହେଁ ଓଡ଼ିଶା ବା ଛତିଶଗଡ଼ର କୌଣସି ପ୍ରତିନିଧି ଉପସ୍ଥିତ ନ ଥିଲେ।

# ୨ ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

**କେନ୍ଦୁଝର :** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପବିତ୍ର ମୋହନ ସାମଲ ଗୁରୁବାର ଏକ ଐତିହାସିକ ରାୟକ୍ରମେ ଦୁଇ ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ ସହ ୫ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ୨୦୧୬ ଫେବୃଆରୀ ୨୬ ତାରିଖରେ ଯୋଡ଼ା ଥାନା ଅନ୍ତର୍ଗତ ହୁଡ଼ିସାହିର ଏକ ଘରେ ଜୋର ଜବରଦସ୍ତ ପ୍ରବେଶ କରି ଜନୈକା ଅସହାୟ ଆଦିବାସୀ ମହିଳାଙ୍କୁ ଦେବେନ ମୁଣ୍ଡା ଓ ବିଶ୍ୱନାଥ ଗୋପ ନାମକ ଦୁଇ ବ୍ୟକ୍ତି ବଳତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ପର୍କରେ ଉପସ୍ଥାପିତ ସମସ୍ତ ପ୍ରାମାଣିକ ତଥ୍ୟକୁ ବିଚାର କରି ଦୌରାଜଜ୍ ଶ୍ରୀ ସାମଲ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ପୂର୍ବରୁ ଏଭଳି ଦୃଷ୍ଟାନ୍ତମୂଳକ ଦଣ୍ଡାଦେଶ ମିଳି ନଥିବା କୁହାଯାଇଛି। ଏବଂ ଏହି ନିଷ୍ପତ୍ତି ସମାଜର ଆଇନ ଶୃଙ୍ଖଳାକୁ ସୁରକ୍ଷା ପ୍ରଦାନକରିବ।

## ଉତ୍କଳ ବିଶ୍ୱବିଦ୍ୟାଳୟ

# ଏଣିକି ଅନ୍‌ଲାଇନ୍‌ରେ ନାମଲେଖା

**ଭୁବନେଶ୍ୱର :** ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ+ ମାନ୍ୟତା ମିଳିଛି। ତେଣୁ ଏଠାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ନିୟମାନୁସାରେ ନାମଲେଖା ଓ ପାଠପଢ଼ା ହେବ। ସେଥିପାଇଁ ୨୦୧୭-୧୮ ଶିକ୍ଷାବର୍ଷରେ ବାଣୀବିହାର ପିଜି ଡିପାର୍ଟମେଣ୍ଟରେ ନାମଲେଖା ନେଇ ପିଜି କାଉନ୍‌ସିଲ୍‌ର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଣୀବିହାରରେ ଅନ୍‌ଲାଇନ୍‌ରେ ନାମଲେଖା ଅନୁଷ୍ଠିତ ହେବ। ନ୍ୟାସ୍‌ନାଲ୍ ଇନ୍‌ଫର୍ମେଟିକ୍ସ ସେଣ୍ଟର(ଏନ୍‌ଆଇସି) ଅନ୍‌ଲାଇନ୍ ନାମଲେଖା ପରିଚାଳନା କରିବ। ଚଳିତ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟର ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି। ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ଅପ୍ରିଲ୍ ପହିଲାରୁ ଆରମ୍ଭ ହେବାକୁ ଥିବାବେଳେ ଜୁଲାଇରୁ ପାଠପଢ଼ା ଆରମ୍ଭ କରାଯିବ ବୋଲି ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ ସୂଚନା ଦେଇଛନ୍ତି। ଆଗକୁ ନାମଲେଖା ଋତୁ ଆସୁଥିବାରୁ ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରିବା ପାଇଁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ନେଇ ପିଜି କାଉନ୍‌ସିଲ୍ ବୈଠକ ଡକାଯାଇଥିଲା। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ମୁଖ୍ୟ ଏବଂ କୋର୍ସ ଅର୍ଡିନେଟର ପ୍ରବେଶିକା ପରୀକ୍ଷା ପରିଚାଳନା ଓ ନାମଲେଖା ପ୍ରକ୍ରିୟା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

## ଏକ ଭାରତ ଅଭିଯାନ-କାଶ୍ମୀର କି ଔର

# 'ପୁନର୍ବାସ ପାଇଁ ପଦକ୍ଷେପ ଜରୁରୀ'

**ଭୁବନେଶ୍ୱର :** କଶ୍ମୀରରୁ ଇସଲାମିକ ଆତଙ୍କବାଦୀମାନଙ୍କ ତାଡନାରେ ବିତାଡିତ ବା ଭୟରେ କାଶ୍ମୀର ଛାଡିଥିବା ହିନ୍ଦୁମାନଙ୍କୁ ସେଠାରେ ପୁନର୍ବାସ ପାଇଁ ଜାମ୍ମୁ କାଶ୍ମୀର ବିଧାନସଭାରେ ପ୍ରସ୍ତାବ ଗୃହୀତ ହେବାର ମାସେ ବିତି ଯାଇଥିଲେ ମଧ ଏ ଦିଗରେ ସେଭଳି କିଛି ବଳିଷ୍ଠ ପଦକ୍ଷେପ ନିଆନଯିବା ଦୁଃଖଦାୟକ। ପାନୁନ୍ କାଶ୍ମୀର ସଂଗଠନର ଆବାହକତ୍ୱରେ ଦେଶର ୧୫୦ ରାଷ୍ଟ୍ରବାଦୀ ଓ ହିନ୍ଦୁ ସଂଗଠନ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ଭାରତ ଅଭିଯାନ- କାଶ୍ମୀର କି ଔର' ଚାପରେ ନୁହେଁ, ସେମାନଙ୍କୁ ଭିଟାମାଟିକୁ ସୁରକ୍ଷିତ ଢଙ୍ଗରେ ଫେରାଇ ନେବା ପାଇ ଆନ୍ତରିକତା ସହିତ କାର୍ଯ୍ୟ କରାଯାଉ। କେବଳ ଫେରାଇଆଣି ମରଣ ମୁହଁକୁ ଠେଲିଦେଲେ ହେବନାହିଁ ବରଂ ସେମାନଙ୍କ ସୁରକ୍ଷିତ ଥଇଥାନ, ପୁନର୍ବାସ ଓ ଜୀବିକା ନିର୍ବାହର ବନ୍ଦୋବସ୍ତ କରାଯାଉ। ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ପୂରଣ କରିବାରେ ଯଦି ବିଫଳ ହୁଅନ୍ତି ତେବେ ଗତମାସରେ ପାନୁନ୍ କାଶ୍ମୀର ବୈଠକରେ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆସନ୍ତାବର୍ଷ ଜାନୁୟାରୀ ୧୯ରେ ବିସ୍ଥାପିତ କାଶ୍ମୀରୀ ପଣ୍ଡିତମାନଙ୍କୁ ସାଙ୍ଗରେ ଧରି ଦେଶର ୧୫୦ଟି ହିନ୍ଦୁ ସଂଗଠନ କାଶ୍ମୀରରେ ପ୍ରବେଶ କରିବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଏକ ଭାରତ ଅଭିଯାନ-କାଶ୍ମୀର କି ପ୍ରମୁଖ କମକର୍ତା ତଥା ରକ୍ଷାମଞ୍ଚର ଜାତୀୟ କୋ-କନ୍‌ଭେନର ମୂରଲୀ ମନୋହର ଶର୍ମା ଚେତାବନୀ ଦେଇଛନ୍ତି ।

ସମଗ୍ର ଦେଶବ୍ୟାପୀ ଆରମ୍ଭ ହୋଇଥିବା ଅଭିଯାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଶର୍ମା କହିଛନ୍ତି ଯେ, ପାନୁନ କାଶ୍ମୀରର ଆବାକହତ୍ୱରେ ଜାନୁୟାରୀ ୧୯ ତାରିଖରେ ଜାମ୍ମୁଠାରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଆସାମଠାରୁ ଗୁଜୁରାଟ, କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ୧୫ଟି ହିନ୍ଦୁ ସଂଗଠନର ପ୍ରତିନିଧି ଯୋଗ ଦେଇ ବିତଡେିକ କାଶ୍ମୀର ହିନ୍ଦୁମାନଙ୍କ ପାଇଁ ଝେଲମ ନଦୀର ଉତର ପୂର୍ବ ଦିଗକୁ ନେଇ ଏକ ପାନୁନ୍ କାଶ୍ମୀର ନାମକ କେନ୍ଦ୍ର ଶାସିତ ଅଂଚଳ ଗଠନ କରାଯାଉ ଓ ସାରା ଭାରତରେ ବିଭିନ୍ନ ସ୍ଥାନରେ ବିତାଡିତ ହୋଇ ରହିଥିବା କାଶ୍ମୀରୀ ପଣ୍ଡିତ ଓ ହିନ୍ଦୁମାନଙ୍କୁ ସ୍ଥାନିତ କରାଯାଉ ବୋଲି ଦାବିରେ ସମର୍ଥନ ଜଣାଇଥିଲେ। ଏକ କନଭେନସନରେ ପାନୁନ୍ କାଶ୍ମୀରର ମୁଖ୍ୟ ଡଃ ଅଜୟ ଶ୍ରୁଙ୍ଗୁ ,ଶ୍ରୀରାମ ସେନେର ମୁଖ୍ୟ ପ୍ରମୋଦ ମୁତାଲିକ,ହିନ୍ଦୁ ମକ୍କଲ କଛିର ଅର୍ଜୁନ ସମ୍ପତ୍, ଆନ୍ଧ୍ରପ୍ରଦେଶ-ତେଲେଙ୍ଗାନା ଶିବସେନାର ଟି ଏନ ମୁରାରୀ, ଏଆଇଏପିଏମସିସିର ଅଧକ୍ଷ ବିଧାୟକ ସୁରିନ୍ଦର ଅମ୍ବରଦାର, ପୂର୍ବତନ ମନ୍ତ୍ରୀ ପବନ ଗୁପ୍ତା,ପୂର୍ବତନ ପୋଲିସ ଡିଜି ଏମଏମ ଖଜୁରିଆ, ଜାତୀୟତାବାଦୀ ଚିନ୍ତକ ତପନ ଘୋଷ, ଭାରତ ରକ୍ଷା ମଂଚର ଜାତୀୟ ସହସଂଯୋଜକ ମୂରଲୀ ମନୋହର ଶର୍ମା, ଶିକ୍ଷାବିତ କାଶିନାଥ ପଣ୍ଡିତ, ହରି ଓମ୍,ହିନ୍ଦୁ ଜନଜାଗୃତି ସମିତିର ମୁଖପାତ୍ର ରମେଶ ସିନ୍ଧେ ଯୋଗ ଦେଇ ହୋଇଥିବା ସମ୍ପ୍ରତି ଦେଶରେ ଆତଙ୍କବାଦୀଙ୍କ ପ୍ରାଦର୍ଭୂର୍ବୋ ବୃଦ୍ଧି ପାଉଥିବା ସର୍ବୋପରି ଜାମ୍ମୁ-କାଶ୍ମୀରରେ ଇସଲାମିକ ଆତଙ୍କବାଦୀ ସଂଗଠନଗୁଡିକ ସେମାନଙ୍କ ମନମାନି ଚଳାଇଥିବା ଭାରତ ତଥା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଗୁଡିକ ପ୍ରତି ବିପଦ ଆଶଙ୍କା ରହିଥିବା ଯୋଗୁ ରାଜ୍ୟ ଓ କେନ୍ଦ୍ର ସରକାର ବଳିଷ୍ଠ ପଦକ୍ଷେପ ନେବା ଅପରିହାର୍ଯ୍ୟ ହୋଇପଡିଛି ବୋଲି ମତ ଦେଇଥିଲେ । ତେଣୁ ଯଦି ରାଜ୍ୟ ସରକାର ବିତାଡିତ କାଶ୍ମୀରୀ ହିନ୍ଦୁଙ୍କ ସୁରକ୍ଷିତ ଥଇଥାନଳ ପୁନର୍ବାସ ଓ ସ୍ୱତନ୍ତ୍ର ପ୍ରଶାସନିକ ବ୍ୟବସ୍ଥା ପାଇଁ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସ୍ଥାନୀୟ ସରକାର ଦାୟୀ ରହିବେ ବୋଲି ଶ୍ରୀ ଶର୍ମା ଚେତାବନୀ ଦେଇଛନ୍ତି।

# ହାତୀ ସୁରକ୍ଷା ପାଇଁ 'ଜାଏଣ୍ଟ ରିଫ୍ୟୁଜି କ୍ୟାମ୍ପେନ୍' ଅଭିଯାନ



**ଭୁବନେଶ୍ୱର :** ବିଗତ କିଛି ବର୍ଷ ହେବ ଆରମ୍ଭ ହୋଇଛି ହାତୀ ମଣିଷ ଲଢ଼େଇ। ଦିନକୁ ଦିନ ଏହା ଉଗ୍ରରୂପ ଧାରଣ କରିବାରେ ଲାଗିଛି। ପରିଣାମ ସ୍ୱରୂପ କେତେବେଳେ ହାତୀ ପାଦତଳେ ମଣିଷର ଜୀବନ ଯାଉଛି ତ ଆଉ କେତେବେଳେ ହାତୀ ଗୁରୁତର ଆହତ ହେଉଛି। ବିଶେଷ କରି ଗଜରାଜଙ୍କ ବାସସ୍ଥାନ ଉଜୁଡ଼ି ଯିବା ଏହି ସଂଘର୍ଷର ମୁଖ୍ୟ କାରଣ ସାଜିଛି। ଏପରିସ୍ଥଳେ ହାତୀଙ୍କ ସୁରକ୍ଷା ଲାଗି 'ଜାଏଣ୍ଟ ରିଫ୍ୟୁଜି କ୍ୟାମ୍ପେନ୍' ନାମରେ ଏକ ଅଭିଯାନ ଆରମ୍ଭ କରିଛି ସାଞ୍ଚୁଆରୀ ନେଚର୍ ଫାଉଣ୍ଡେସନ୍। ହାତୀ ମଣିଷ ଲଢ଼େଇରେ ବିରାମ ଲଗାଇବା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ସରକାରଙ୍କ ଉଦ୍ଦେଶ୍ୟରେ ଚାପ ସୃଷ୍ଟି କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ।

ଏହି ଅଭିଯାନରେ ସାମିଲ୍ ହେବା ପାଇଁ ସୋସିଆଲ୍ ମିଡିଆ, ଇ-ମେଲ୍‌ର ସହାୟତା ନେବାକୁ ଅନୁରୋଧ କରାଯାଇଛି। ମୁଖ୍ୟତଃ ଆଠଗଡ଼ ମୁହାଁ ହୋଇଥିବା ଚନ୍ଦକା ଅଭୟାରଣ୍ୟର ହାତୀଙ୍କ ସୁରକ୍ଷା ପାଇଁ ଏପରି ଉଦ୍ୟମ କରାଯାଉ ଥିବା କୁହାଯାଇଛି। ହସ୍ତଗତ ସୂଚନା ଅନୁସାରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା ଅଭୟାରଣ୍ୟରେ ଗତ କିଛିବର୍ଷ ହେବ ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଛି। ହାତୀପଲ ଜନବସତି ଆଡ଼େ ମାଡ଼ି ଆସୁଥିବା ବେଳେ ଲୋକଙ୍କ ଆକ୍ରମଣର ଶିକାର ହେଉଛନ୍ତି। ସେମାନଙ୍କର ପ୍ରାକୃତିକ ଆବାସ ବିଭିନ୍ନ କାରଣ ପାଇଁ ଧ୍ୱସ୍ତ ବିଧ୍ୱସ୍ତ ହୋଇ ଚାଲିଥିବାରୁ ସେମାନେ ଜନବସତି ଆଡ଼କୁ ଅଗ୍ରସର ହେଉଛନ୍ତି ଏବଂ ମନୁଷ୍ୟର ପ୍ରତିରୋଧ ଯୋଗୁଁ ସେମାନେ ଆକ୍ରମଣାତ୍ମକ ରୂପ ଅକ୍ତିଆର କରିଛନ୍ତି। ଏପରିସ୍ଥଳେ ଯଦି ତ୍ୱରିତ ପଦକ୍ଷେପ ନିଆନଯାଏ ତେବେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯିବ। ତେଣୁ ଏହି ଅଭିଯାନ ଅନ୍ତର୍ଗତ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ହଜାର ଇ-ମେଲ୍ ପଠାଇବା ସହିତ ୟୁଟ୍ୟୁବ୍‌ରେ ଉପଲବ୍ଧ ଏସମ୍ପର୍କିତ କ୍ୟାମ୍ପେନ୍ ଭିଡ଼ିଓକୁ ବିଭିନ୍ନ ସୋସିଆଲ୍ ମିଡିଆରେ ସେୟାର କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଆହ୍ୱାନ ଦିଆଯାଇଛି। ବଲିଉଡ୍ ଅଭିନେତ୍ରୀ ଦିୟା ମୀର୍ଜା ମଧ୍ୟ ଏହି ଅଭିଯାନରେ ସାମିଲ୍ ହୋଇ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଟ୍ୱିଟ୍ କରିଛନ୍ତି। ଏହି ଅଭିଯାନର ନେତୃତ୍ୱ ନେଉଥିବା ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶାର ସମ୍ପାଦକ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଏବେ ପରିସ୍ଥିତି ଏପରି ହେଲାଣି ଯେ ଭୁବନେଶ୍ୱର ମଧ୍ୟକୁ ହାତୀ ପଶି ଆସିଲେଣି। କାରଣ ସେମାନଙ୍କର ପ୍ରାକୃତିକ ପରିବେଶ ମଧ୍ୟରେ ମନୁଷ୍ୟର ହସ୍ତକ୍ଷେପ। ସେମାନଙ୍କର ରହିବା ସ୍ଥାନକୁ ନଷ୍ଟ କରାଯାଉ ଥିବାରୁ ବାଧ୍ୟ ହୋଇ ଜନବସତି ଆଡ଼କୁ ଅଗ୍ରସର ହେଉଛନ୍ତି। ଏଥିଯୋଗୁଁ ସେମାନେ ଲୋକଙ୍କ ଆକ୍ରମଣର ଶିକାର ହେଉଛନ୍ତି। ଯଦି ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆନଯାଏ ତେବେ ପରିସ୍ଥିତି ଭୟାବହ ହେବ। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀ ନିଜେ ଏହି ମାମଲାରେ ହସ୍ତକ୍ଷେପ କରିବା ସହ ଏକ ଟାସ୍କଫୋର୍ସ ଗଠନ କରି ଚନ୍ଦକା-ଡ଼ମପଡ଼ା ଅଭୟାରଣ୍ୟର ପୁନରୁଦ୍ଧାର କରିବା ଜରୁରୀ। ସେହିପରି କପିଳାସ ଓ ସାତକୋଶିଆ ଅଭୟାରଣ୍ୟର ହାତୀ ଚଳପ୍ରଚଳ ଅଞ୍ଚଳକୁ ସୁରକ୍ଷା ଦେବା ମଧ୍ୟ ଜରୁରୀ। ଅପରପକ୍ଷେ ହାତୀଙ୍କ ଉପରେ ଆକ୍ରମଣ ରୋକିବା ପାଇଁ ପୁଲିସ୍‌ର ସହାୟତା ନେବାର ଆବଶ୍ୟକତା ରହିଛି। ଏନେଇ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟର ଓ ଇ-ମେଲ୍ ଯୋଗେ ଅନୁରୋଧ କରିଛୁ। ତେବେ ଏଥିରେ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ହାତୀଙ୍କୁ ଆକ୍ରମଣ ନେଇ ପ୍ରସ୍ତୁତ କ୍ୟାମ୍ପେନ୍ ଭିଡ଼ିଓ ଏବେ ୟୁଟ୍ୟୁବ୍‌ରେ ଉପଲବ୍ଧ ଥିବାବେଳେ ଏହାକୁ ଲୋକେ ସୋସିଆଲ୍ ମିଡିଆ ଜରିଆରେ ସେୟାର କରି ସଚେତନତା ସୃଷ୍ଟି କରିପାରିବେ। ଏଥିସହ ଆସନ୍ତା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଅନ୍ୟୂନ ୧୦୦୦ ଇ-ମେଲ୍ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ହାତୀଙ୍କ ସୁରକ୍ଷା ପାଇଁ ଅନୁରୋଧ କରିବାକୁ ହେବ।

# ନିର୍ବାଚନରେ ଟଙ୍କା କାରବାର ଅଭିଯୋଗ : ୯ଜଣଙ୍କୁ କୋର୍ଟ ଚାଲାଣ

**ଭବାନୀପାଟଣା :** ନିର୍ବାଚନ ଆରଚଣ ବିଧି ଉଲଘଂନ କରି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅର୍ଥ ପ୍ରଲୋଭନ ଦେଖାଇବା ପାଇଁ ଉଦ୍ୟମ କରିବା ଓ ପ୍ରଶାସନର ବିନା ଅନୁମତିରେ ଥୁ.ରାମପୁର ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲିବା ଅଭିଯୋଗରେ ପୁଲିସ ଛତିଶଗଡ଼ ବିଜେପି ଏନ୍‌ଜିଓ ସେଲ ରାଜ୍ୟ ସଭାପତି ଲୋକେଙ୍କ ସମେତ ୬ ଜଣ ବିଜେପିର ତୁଙ୍ଗ ନେତା ଓ ୩ ଡ୍ରାଇଭର ସହ ମୋଟ ୯ ଜଣଙ୍କୁ ଗିରଫ କରିଛି। ଏହି କାର୍ଯ୍ୟରେ ବ୍ୟବହୃତ ୪ଟି ଗାଡି ଭିତରୁ ୨ଲକ୍ଷ ୧୧ ହଜାର ଟଙ୍କା ପୁଲିସ ଜବତ କରିଛି।

ସୁଚନାଅନୁସାରେ, ଏହି ଘଟଣା ଅତି ସମ୍ବେଦନଶୀଳ ହୋଇଥିବାରୁ ବିଜେଡ଼ି ଓ କଂଗ୍ରେସ ନେତାମାନଙ୍କ ପକ୍ଷରୁ ଏସପିଙ୍କ ପାଖରେ ତୁରନ୍ତ ଉପରୋକ୍ତ ବିଜେପି ନେତାମାନଙ୍କୁ ଗିରଫକରିବା ପାଇଁ ଦାବି କରିଥିଲେ। ତେଣୁ ଏସପି ଶ୍ରୀ ରାୟଙ୍କ ନିର୍ଦ୍ଦେଶକ୍ରମେ ଦୁଇ ଡିଏସ୍‌ପି ଏବଂ ପୁଲିସ ଅଧିକାରୀମନେ ଥୁ.ରାମପୁର ଥାନାରେ ଅଟକ ଥିବା ଉପରୋକ୍ତ ବିଜେପି ନେତା ଓ ଗାଡି ଡ୍ରାଇଭରମାନଙ୍କୁ ରାତିତମାମ ତନାଘନା ଜାରି କରିଥିଲେ। ପରେ ରାତ୍ରି ୩ଟାରେ କଡ଼ା ସୁରକ୍ଷା ଭିତରେ ଭବାନୀପାଟଣା ଆଣି ରିଜର୍ଭ ପୁଲିସ ପରିସରରେ ସେମାନଙ୍କୁ ରଖାଯାଇଥିଲା। ଏହି ବିଜେପି ନେତାମାନେ ନିର୍ବାଚନ ଆଚରଣ ବିଧି ଉଲଙ୍ଘନ କରିବା ଓ ବେଆଇନ ଭାବରେ ନିର୍ବାଚନର ୨୪ ଘଣ୍ଟା ପୂର୍ବରୁ ଥୁ.ରାମପୁର ଅଞ୍ଚଳରେ ସନ୍ଧିହାନ ଭାବରେ ବୁଲାବୁଲି କରି ଭୋଟରଙ୍କୁ ପ୍ରଭାବିତ କରିବାର ଉଦ୍ୟମ କରିବା ଆଦି ସଂପର୍କରେ ଜେରା ସମୟରେ ପୁଲିସ ଜାଣିବାକୁ ପାଇଥିଲା। ଏ ନେଇ ଛତିଶଗଡ଼ ବିଜେପି ଏନଜିଓ ସେଲ୍‌ର ସଭାପତି ପ୍ରକାଶ କରିଛନ୍ତି ଯେ ଔଷଧ ରାଗରେ ତାଟିଆ କାମୁଡ଼ିବା ପରି କଂଗ୍ରେସ ଓ ବିଜେଡି ଆମ ମୁଣ୍ଡରେ ଟଙ୍କା ଭୋଟରଙ୍କୁ ବାଣ୍ଟୁଥିବା ମିଥ୍ୟା ଅପବାଦ ଲଦିବାର ପ୍ରୟାସ କରିଛନ୍ତି। ଶାସକ ବିଜେଡ଼ି ନେତାମାନେ ପୁଲିସ ଉପରେ ଚାପ ପକାଇ ଆମକୁ ଗିରଫ କରି ବଦନାମ କରିବାର ପ୍ରୟାସ କରିଛନ୍ତି କିନ୍ତୁ କଳାହାଣ୍ଡିବାସୀ ଜିଲା ପରିଷଦ ଭୋଟରେ ବିଜେପିକୁ ୩୬ରୁ ୩୪ଟି ଆସନରେ ବିଜୟ କରି ଏହାର ଜବାବ୍ ଦେଇଛନ୍ତି।

# ମୋନାଲିସାଙ୍କୁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର

**ଭୁବନେଶ୍ୱର :** ବିଶିଷ୍ଟ ସାହିତ୍ୟିକା ତଥା ଅନୁବାଦିକା ମୋନାଲିସା ଜେନା କେନ୍ଦ୍ର ସାହିତ୍ୟ ଅକାଦେମି ଅନୁବାଦର ପୁରସ୍କାର ୨୦୧୬ ପାଇବା ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଅନୁଦିତ ପୁସ୍ତକ 'ଆଶୀର୍ବାଦର ରଙ୍ଗ' ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଓଡ଼ିଶାର ଜଣେ ଦ୍ୱିଭାଷୀ ଲେଖକ, କବି ଓ ଅନୁବାଦକ ଭାବେ ଜଣାଶୁଣା ମୋନାଲିସାଙ୍କ ଓଡ଼ିଆ କବିତା ସଂକଳନ ନିସର୍ଗ ଧ୍ୱନି, ଏଇ ସବୁ ଧୂମ ମୁହୂର୍ତ୍ତ ଏବଂ ନକ୍ଷତ୍ର ଦେବୀ ରହିଥିବାବେଳେ କ୍ଷୁଦ୍ରଗଳ୍ପ ଇନ୍ଦ୍ରମାଳତିର ଶୋକ, ନୀଳମାଧବି, ନର୍ଗିସ୍ ଅନ୍ୟତମ। ସେ ଓଡ଼ିଆ କବି ରମାକାନ୍ତ ରଥଙ୍କ ଆତ୍ମଜୀବନୀ ଲେଖିଥିବାବେଳେ ତାଙ୍କର ସମକାଳୀନ ଓଡ଼ିଆ ଗଳ୍ପ ହାର୍ପର କଲିନ୍ ଦ୍ୱାରା ପ୍ରକାଶିତ ହୋଇଛି। ସେ ଆସାମୀ ଭାଷାରେ ୯ଟି ବହି ଓ କବିତା ଅନୁବାଦ କରି ସେ ଓଡ଼ିଶା ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ତାଙ୍କ ଦ୍ୱାରା ଅନୁଦିତ ବେଜବରୁଙ୍କ ନିର୍ବାଚିତ ରଚନା ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ହୋଇଛି। ଅହମୀୟା ଉପନ୍ୟାସ 'ଅସ୍ତରାଗ' ଓଡ଼ିଆ ଅନୁବାଦ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଛି।

# ଆୟୁଷ କମିବାର କାରଣ ପ୍ରଦୂଷଣ

**ଭୁବନେଶ୍ୱର :** ପ୍ରାକୃତିକ ଇନ୍ଧନରୁ ଉତ୍ପାଦିତ ବିଦ୍ୟୁତ୍‌ଶକ୍ତି ପରିବେଶକୁ ବିପଦମୁହଁକୁ ଠେଲି ଦେଉଛି। ଏହା ଜଳବାୟୁ ପରିବର୍ତ୍ତନ ପାଇଁ ମୁଖ୍ୟତଃ ଦାୟୀ ବୋଲି କହିଛନ୍ତି ସିକାଗୋ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଇକେଲ୍ ଗ୍ରିନ୍‌ଷ୍ଟୋନ୍। ଶକ୍ତି ସୁରକ୍ଷା, ଉତ୍ପାଦନ ଏବଂ ପରିବେଶ ସୁରକ୍ଷା ଆହ୍ୱାନ ବିଷୟର ବକ୍ତୃତା ରଖି ପ୍ରଫେସର ମାଇକେଲ ବିଦ୍ୟୁତ୍ ଉତ୍ପାଦନ ଓ ଶକ୍ତି ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ସିଧାସଳଖ ମାନବ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଆୟୁ ହ୍ରାସ ପାଉଛି। ସୁଲଭ ମୂଲ୍ୟରେ ଅଣପାରମ୍ପରିକ ସବୁଜ ବିଦ୍ୟୁତ ଉତ୍ପାଦନ ଏବଂ ସମସ୍ତଙ୍କ ପାଇଁ ଏହା କିପରି ଉପଲବ୍ଧ ହେବ ତାହା ଉପରେ ସେ ଗୁରୁତ୍ୱ ଦେଇଥିଲେ। ବିଶ୍ୱ ତାପାୟନ ଏବଂ ପରିବେଶ ସୁରକ୍ଷା ପାଇଁ ପାରମ୍ପରିକ ଶକ୍ତି ଉପରେ ଗୁରୁତ୍ୱ ଦେବା , ଅଣପାରମ୍ପରିକ ଶକ୍ତି ଉତ୍ପାଦନର ଅଭିନବ କୌଶଳ ଉଦ୍ଭାବନ ନିମନ୍ତେ ଗବେଷଣାରେ ଅଧିକ ପୁଞ୍ଜିନିବେଶ କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ସରକାରଙ୍କ ସହଭାଗିତାରେ ନିୟାମକ ମାନଦଣ୍ଡ ନିର୍ଦ୍ଧାରଣ କରାଯିବା ନିମନ୍ତେ ସେ ମତ ରଖିଥିଲେ। ପ୍ରଫେସର ମାଇକେଲ କହିଥିଲେ ଯେ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ଦେଖିବା ଭଳି ବିକାଶ ହୋଇଛି। ବିଦ୍ୟୁତ୍ ଶକ୍ତି ବିକାଶ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ବିଦ୍ୟୁତ୍ ଶକ୍ତିର ଉପଲବ୍ଧି ଏବେ ମଧ ସମସ୍ୟା ହୋଇଛି। ବିଭିନ୍ନ ରାଷ୍ଟ୍ରର ମୁଣ୍ଡ ପିଛା ବିଦ୍ୟୁତ୍ ବ୍ୟବହାର କ୍ଷେତ୍ରରେ ଅନେକ ତାରତମ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ବିଦ୍ୟୁତ୍ ଖର୍ଚ୍ଚ ବାର୍ଷିକ ହାରାହାରି ୧୩ହଜାର କିଲୋୱାଟ ଥିବାବେଳେ ୟୁରୋପ ଓ ଜର୍ମାନ ଆଦି ଦେଶରେ ବାର୍ଷିକ ମୁଣ୍ଡପିଛା ବିଦ୍ୟୁତ୍ ଖର୍ଚ୍ଚ ୫୦୦୦ରୁ ୭୦୦୦ କିଲୋୱାଟ। ଅନ୍ୟପକ୍ଷରେ ଚୀନରେ ମୁଣ୍ଡ ପିଛା ବିଦ୍ୟୁତ୍ ଖର୍ଚ୍ଚ ୨୭୦୦ କିଲୋୱାଟ ଏବଂ ଭାରତରେ ୧୪୦୦କିଲୋୱାଟ ଘଣ୍ଟା। ଓଡ଼ିଶାରେ ମୁଣ୍ଡପିଛା ବାର୍ଷିକ ବିଦ୍ୟୁତ୍ ଖର୍ଚ୍ଚ ହାରାହାରି ୧୨ଶହ କିଲୋୱାଟରେ ପହଞ୍ଚିଛି। ବକ୍ତୃତା ପ୍ରଦାନ ପରେ ଗଣମାଧ୍ୟମକୁ ମାଇକେଲ କହିଥିଲେ ଯେ ଶକ୍ତି ଉତ୍ପାଦନ ଓ ପରିବେଶ ଆହ୍ୱାନ ଉପରେ ଓଡ଼ିଶା ସରକାରଙ୍କ ଆଗ୍ରହ ଓ ପଦକ୍ଷେପ ପ୍ରଶଂସନୀୟ। ଚିକାଗୋ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସହ ଏ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବ। ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ଉନ୍ନୟନ କମିଶନର ଆର.ବାଲାକ୍ରିଷ୍ଣନ କହିଥିଲେ ଯେ କୋଇଲା ପରି ଜୀବାଶ୍ମ ଜାଳେଣିର ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବର୍ତ୍ତମାନ ବିଶ୍ୱ ଚିନ୍ତନର ଦିଗ ଉପରେ ପ୍ରଫେସର ମାଇକେଲ ଆଲୋକପାତ କରିଛନ୍ତି। ସେ ବିଭିନ୍ନ ରାଜ୍ୟଗୁଡ଼ିକ ସହ ମିଳିତ ଭାବେ ଶକ୍ତି ଉତ୍ପାଦନ ଓ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କର ଅନୁଭୂତିରୁ ଲାଭ ନେବା ପାଇଁ ଆମେ ତାଙ୍କୁ ଜ୍ଞାନପୁଞ୍ଜୀ ବକ୍ତୃତାମାଳା ତରଫରୁ ନିମନ୍ତ୍ରଣ କରିଥିଲୁ। ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ପ୍ରଫେସର ମାଇକେଲଙ୍କୁ ସରକାରଙ୍କ ତରଫରୁ ଜ୍ଞାନପୁଞ୍ଜୀ ବକ୍ତୃତାମୋଳାର ସ୍ମାରକୀ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଜିଲାର ଜିଲାପାଳ, ବିଶ୍ୱବିଦ୍ୟାଳୟ ଶିକ୍ଷକ, ଛାତ୍ରଛାତ୍ରୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଭାଗ ନେଇଥିଲେ।

## ଘଣ୍ଟା ପ୍ରତି ବିଦ୍ୟୁତ୍ ଖର୍ଚ୍ଚ ୧୨୦୦ କିଲୋୱାଟ୍



# ଦକ୍ଷିଣେଶ୍ୱରୀ କାଳୀ



ଉପସ୍ଥାପନା : ଜାହ୍ନବୀସୁତ

ଲୋକବିଶ୍ୱାସରେ ଏବେବି ଅନେକ ରହସ୍ୟମୟ ଘଟଣା ପୁରିରହିଛି। ଏହାରି ଭିତରେ ସବୁବେଳେ ରହିଆସିଛି ଈଶ୍ୱରୀୟ ସତ୍ତାର ଉପସ୍ଥିତି। କେତେବେଳେ ଈଶ୍ୱରଙ୍କୁ ନେଇ ଅଲୌକିକତା ଭରିଦେଇଥାଏ ଏହି ରହସ୍ୟ। ସେମିତି ଏକ ଆସ୍ଥା ମଣିଷ ମନରେ ସୃଷ୍ଟି କରିଥାଏ ଅସୀମ ଗୋପନ ରହସ୍ୟ। ସେହିଭଳି ଏକ ଆସ୍ଥାର ଦେବୀ ପୀଠ ହେଉଛି ବହୁପ୍ରାଚୀନ କୋଲକାତା ସହରର ଦକ୍ଷିଣେଶ୍ୱର କାଳୀ ମନ୍ଦିର। ଏହି ମନ୍ଦିରରେ ମା' କାଳୀଙ୍କୁ ନେଇ ରହିଛି ଅନେକ ଲୋକକଥା, କାହାଣୀ ଓ ଅଲୌକିକତାର ଧାରା। ସେମିତି ଏକ ଧାରା ମାତୃ ଉପାସନାର ଦେଖିବାକୁ ମିଳେ କୋଲକାତାରେ ଯାହା ବର୍ଷବର୍ଷ ଧରି ଚାଲିଛି। କୋଲକାତାର ପ୍ରସିଦ୍ଧ ଦକ୍ଷିଣେଶ୍ୱର କାଳୀ ମନ୍ଦିର । ଯେଉଁ ମନ୍ଦିରକୁ ନେଇ ରହିଛି ଅଲୌକିତାର ଅନେକ କଥା। ଏହି କାଳୀ ମନ୍ଦିର ରହିଛି ହୁଗୁଳି ନଦୀର ପୂର୍ବ କୂଳରେ। ଏହି ମନ୍ଦିରରେ ଉପାସିତ ହେଉଥିବା ଦେବୀଙ୍କର ନାଁ ହେଉଛି ଭବତାରୀଣୀ। ମା' କାଳୀଙ୍କର ଏକ ରୂପ। ଏହି ମନ୍ଦିରର ନିର୍ମାଣକୁ ନେଇ ମଧ୍ୟ ରହିଛି ଅନେକ ରହସ୍ୟ। କୁହାଯାଏ ଯେ ଏହି ମନ୍ଦିର ୧୮୫୫ ମସିହାରେ ରାଣୀ ରସମଣି ନିର୍ମାଣ କରିଥିଲେ। ଆଉ ରସମଣି ଥିଲେ ପରମ କାଳୀ ଭକ୍ତ। ଅବଶ୍ୟ ଏହି ମନ୍ଦିରର ଅଲୌକିକତା ରାମକୃଷ୍ଣ ପରମହଂସଙ୍କ ପରେ ବିଶେଷ ଭାବରେ ଲୋକବିଶ୍ୱାସକୁ ଆସିଥିଲା। ତେବେ ରସମଣିଙ୍କର ଏହି ମନ୍ଦିର ପ୍ରତିଷ୍ଠା ନେଇ ଅନେକ ରହସ୍ୟମୟ ଲୋକବିଶ୍ୱାସ ରହିଛି କୁହାଯାଏ। ରାଣୀ ରସମଣି ୧୮୪୭ ମସିହାରେ କାଶୀ ତୀର୍ଥ କରିବା ପାଇଁ ବାହାରିଥିଲେ ଆଉ ସେ ସମୟରେ କାଶୀ ଯିବା ପାଇଁ ରାଣୀ ରସମଣି ୨୪ଗୋଟି ଡଙ୍ଗା ମଗାଇଥିଲେ। ଆଉ ତାଙ୍କ ସହ ତାଙ୍କ ପରିଜନମାନେ ମଧ୍ୟ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଯାତ୍ରା ଆରମ୍ଭ ହେବାର ପୂର୍ବଦିନ ରାତିରେ ରାଣୀ ରସମଣିଙ୍କ ସ୍ୱପ୍ନରେ ମା' କାଳୀ ଦର୍ଶନ ଦେଇଥିଲେ। ଆଉ କାଶୀ ନଯାଇ ଏହି ସ୍ଥାନରେ ମନ୍ଦିର ପ୍ରତିଷ୍ଠା କରି ତାଙ୍କ ଉପାସନ କରିବା ପାଇଁ କହିଥିଲେ। ତା ପର ଦିନ ରାଣୀ ରସମଣି ଦକ୍ଷିଣଶ୍ୱର ଗ୍ରାମରେ ୨୦ ଏକର ଜମି କିଣି ମନ୍ଦିର ନିର୍ମାଣ କାମ ଆରମ୍ଭ କରିଥିଲେ। ଯାହା ଆଜିର ପ୍ରସିଦ୍ଧ ଦକ୍ଷିଣେଶ୍ୱର ଗ୍ରାମରେ ୨୦ ଏକର ଜମି କିଣି ମନ୍ଦିର ନିର୍ମାଣ କାମ ଆରମ୍ଭ କରିଥିଲେ। ଯାହା ଆଜିର ପ୍ରସିଦ୍ଧ ଦକ୍ଷିଣେଶ୍ୱର କାଳୀ ପୀଠ। ଏହି ମନ୍ଦିରରେ ରାମକୃଷ୍ଣ ପରମହଂସ ଅନେକ ବର୍ଷ ଧରି ମୁଖ୍ୟ ପୂଜକ ଭାବେ କାମ କରିଥିଲେ। ତାଙ୍କ ବଡ଼ଭାଇଙ୍କର ମୃତ୍ୟୁପରେ ସେ ଏହି ଦାୟିତ୍ୱ ପାଇଥିଲେ। ହେଲେ ରାମକୃଷ୍ଣ ଖୁବ୍ କମ୍ ବୟସରେ ଏହି ଦାୟିତ୍ୱ ପାଇଥିବାରୁ ସେ ମା'କାଳୀଙ୍କର ଉପାସନା ଖୁବ୍ ସରଳ ଭାବରେ କରୁଥିଲେ। ଆଉ ବିଶ୍ୱାସ ଅନୁସାରେ ମା'କାଳୀ ତାଙ୍କୁ ଦର୍ଶନ ଦେଇଥିଲେ। ଏପରି ଅନେକ ଘଟଣାର ବର୍ଣ୍ଣନା ଶାସ୍ତ୍ରମାନଙ୍କରେ ରହିଛି କୁହାଯାଏ। ଥରେ ରାମକୃଷ୍ଣ ଏକ ତୀକ୍ଷଣ ଖଡ଼ଗରେ ନିଜକୁ ହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ ଆଉ ସେହି ସମୟରେ ମା'କାଳୀ ତାଙ୍କ ସାମ୍ନାରେ ଉଭାହୋଇ ତାଙ୍କୁ ଦର୍ଶନ ଦେଇଥିଲେ। ସେହିପରି ଜଣେ ଭକ୍ତଙ୍କୁ ରାମକୃଷ୍ଣ ଉଭୟ କାଳୀ ଓ ଶିବ ରୂପରେ ଦର୍ଶନ ଦେଇଥିଲେ ଏମିତି ଅନେକ କଥା ମା' କାଳୀ ଓ ରାମକୃଷ୍ଣଙ୍କ ବିଷୟରେ ଶୁଣିବାକୁ ମିଳେ। ସେହିପରି କେହିକେହି କହିଥାନ୍ତି ଯେ ମା'କାଳୀଙ୍କୁ ରାମକୃଷ୍ଣ ତାଙ୍କ ସନ୍ତାନ ଭାବରେ ପୂଜା କରୁଥିଲେ। ଆଉ ମା' କାଳୀ ସେଥିପାଇଁ ତାଙ୍କୁ ଅନେକ ଥର ଦର୍ଶନ ଦେଇଥିଲେ। ଏ ସମସ୍ତ ଅଲୌକିକତା ପ୍ରଚାର ହେବା ପରେ ଧିରେଧିରେ ଦକ୍ଷିଣେଶ୍ୱର କାଳୀ ଯେ ପ୍ରତ୍ୟକ୍ଷ ଦେବୀ ତାହା ଲୋକ ବିଶ୍ୱାସରେ ଦୃଢ଼ ହେବାରେ ଲାଗିଲା।



ଭବତାରୀଣୀ ମା' କାଳୀ। ଆଉ ଭାରତର ପୂର୍ବ ଦିଗରେ ଥିବା ପଶ୍ଚିମବଙ୍ଗ ରାଜ୍ୟରେ କାଳୀ ଉପସନାର ଏକ ନିରବଛିନ୍ନ ଧାରା ବର୍ଷବର୍ଷ ଧରି ଦେଖିବାକୁ ମିଳେ। କୋଲକାତା ସହରରେ କାଳୀ ପୂଜା ସମୟରେ ଅନେକ ମଣ୍ଡପରେ ମା' କାଳୀଙ୍କୁ ଉପାସନା କରାଯାଏ। ଆଉ ଏହା ଏକ ଗଣ ଉତ୍ସବ ଭାବରେ ପୂରା ରାଜ୍ୟରେ ପାଳନ କରାଯାଏ। କୋଲକାତାର ଦକ୍ଷୀଣେଶ୍ୱର କାଳୀମନ୍ଦିରର ଏକ ପ୍ରସିଦ୍ଧ ପୀଠ ଭାବେ ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିଛି। ସେହିପରି କୋଲକାତାର ସହରର କାଙ୍ଗ୍ରା ଅଞ୍ଚଳରେ ରହିଛି ଆଉ ଏକ କାଳୀ ମନ୍ଦିର କିନ୍ତୁ ଏହା ଏକ ଅସାଧାରଣ ମନ୍ଦିର ବୋଲି ଆମେ କହିପାରିବା। ଏହି ମନ୍ଦିରକୁ ଗଲେ ଆପଣ ଦେଖିପାରିବେ ମା'କାଳୀଙ୍କର ସୁନ୍ଦର ମୂର୍ତ୍ତୀ। ଆଉ ଆପଣ ମା'କାଳୀଙ୍କୁ ଦର୍ଶନ କରିବା ପରେ ଯେତେବେଳେ ଆପଣ ବାହାରକୁ ବାହାରିବେ ସେତେବେଳେ ଆପଣଙ୍କୁ ମା'କାଳୀଙ୍କ ପ୍ରସାଦ ଦିଆଯିବ ଆଉ ପ୍ରସାଦ ଭାବରେ ଆପଣଙ୍କୁ ଯାହା ଦିଆଯିବ ତାହା ହେଉଛି ନିଡୁଲସ୍ ଆଉ ଚପସି ଆପଣ ଅନେକ କାଳୀ ମନ୍ଦିର ଯାଇଥିବେ ଆଉ ସେଠାରେ ମଧ୍ୟ ଆପଣମାନେ ପ୍ରସାଦ ପାଇଥିବେ ହେଲେ ନିଡୁଲସ୍ ଆଉ ଚପସି କେବେ ପ୍ରସାଦ ଭାବେ ପାଇନଥିବେ। ଏ ମନ୍ଦିରର ନାଁ ହେଉଛି ଚାଇନିଜ୍ କାଳୀ ମନ୍ଦିର। ଏଠାରେ ମା' କାଳୀଙ୍କୁ ଚୀନ ଦେଶର ଅନେକ ଭକ୍ତ ପୂଜା କରିଥାନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ଭକ୍ତମାନଙ୍କ ଭିତରେ ଅନେକ ଖ୍ରୀଷ୍ଟିଆନ ଭକ୍ତମାନେ ସାମିଲ ଥାନ୍ତି ଆଉ ଏହିମନ୍ଦିର କାଳୀପୂଜା ସମୟରେ ଖୁବ ଗହଳ ଚହଳ ଲାଗିଥାଏ। ସାଧାରଣତଃ ହିନ୍ଦୁ ଦେବୀ ଭାବେ ମା' କାଳୀଙ୍କର ଉପାସନା ଭାରତର ଅନେକର ସ୍ଥାନରେ କରାଯାଇଥାଏ ହେଲେ ଏଠି ମା' କାଳୀ ହେଉଛନ୍ତି ଦୁଇଟି ଦେଶ ଓ ବିଭିନ୍ନ ଧର୍ମବିଶ୍ୱାସର ଏକ ମିଳନ ସ୍ଥଳୀ ଭାବେ ଦେଖାଦେଇଥାଏ। ଆଉ ଜଣେ ବେଙ୍ଗଲି ବ୍ରାହ୍ମଣ ପ୍ରତିଦିନ ଏଠାରେ ମା' କାଳୀଙ୍କୁ ପୂଜା କରିଥାନ୍ତି। ତେବେ ଏହି କାଳୀମନ୍ଦିରକୁ ନେଇ ଅନେକ ଅଲୌକିକତା ମଧ୍ୟ ଶୁଣିବାକୁ ମିଳେ। ସ୍ଥାନୀୟ ଅଧିବାସୀଙ୍କ ବିଶ୍ୱାସ ଅନୁସାରେ ଏହି ସ୍ଥାନରେ ପ୍ରାୟ ୬୦ ବର୍ଷରୁ ଅଧିକ ସମୟ ଧରି ଦୁଇଟି କଳା ପଥରକୁ ସିନ୍ଦୁର ଲଗାଇ ଏକ ଗଛ ତଳେ ପୂଜା କରାଯାଉଥିଲା ଆଉ ସ୍ଥାନୀୟ ବାସିନ୍ଦାମାନେ ଏହି ପଥର ନିକଟରେ ପୂଜା କରିଥାନ୍ତି। ଦିନେ ଏହି ଅଞ୍ଚଳର ଜଣେ ଶିଶୁର ଦେହ ଖରାପ ହେଲା ଆଉ ଶିଶୁଟିର ବାପା ମା' ତାଙ୍କ ଶିଶୁକୁ ଧରି ଏହି ପଥର ନିକଟରେ ଶୁଆଇ ଦେଇ ତାର ନିରୋଗ ଜୀବନ କାମନା କରିଥିଲେ ଆଉ କିଛି ଦିନ ଭିତରେ ଶିଶୁଟି ସୁସ୍ଥ ହୋଇଥିଲା। ଆଉ ସେହିଦିନ ଠାରୁ କାଙ୍ଗ୍ରା ଅଞ୍ଚଳରେ ବାସ କରୁଥିବା ଚୀନର ନାଗରିକ ମାନଙ୍କ ପାଇଁ ଏହି ସ୍ଥାନଟି ଆସ୍ଥା ଓ ବିଶ୍ୱାସର ପ୍ରତୀକ ସାଜିଲା। ସାଧାରଣତଃ ବୌଦ୍ଧ ଓ ଖ୍ରୀଷ୍ଟିଆନ ଧର୍ମର ଚାଇନିଜ୍ ଲୋକମାନଙ୍କ ପାଇଁ ମା'କାଳୀ ହେଉଛନ୍ତି ବିପଦହରଣ କାରୀ ମା"। କାଳୀ ପୂଜା ସମୟରେ ଏଠାରେ କାଙ୍ଗ୍ରା ଅଞ୍ଚଳର ଚୀନ ଲୋକମାନେ ଖୁବ୍ ଧୁମଧାମରେ ଏହି ପୂଜା ପାଳନ କରିଥାନ୍ତି। ଆଉ ଏହି ଚାଇନିଜ କାଳୀ ମନ୍ଦିର ଏବେ କୋଲକାତାରେ ହିନ୍ଦୁ ଓ ଚୀନର ଲୋକମାନଙ୍କ ଭିତରେ ଏକ ଅତୁଟ ସେତୁ ହୋଇରହିଛି। କେବଳ ଦୀପାବଳୀ ବା କାଳୀପୂଜା ଅବସରରେ ନୁହେଁ ପ୍ରତିଦିନ ବୌଦ୍ଧ ଓ ଖ୍ରୀଷ୍ଟିଆନ ଧର୍ମବିଶ୍ୱାସୀ ଚୀନଲୋକମାନେ ଏହି ମନ୍ଦିରରେ ପୂଜା କରିଥାନ୍ତି। ଆଉ ସେମାନଙ୍କର ବିଶ୍ୱାସ ଯେ ମା' କାଳୀ ସେମାନଙ୍କୁ ସବୁ ବିପଦରୁ ଉଦ୍ଧାର କରିବେ। ହିନ୍ଦୁ ମାନଙ୍କର ଜଣେ ପ୍ରମୁଖ ଦେବୀ ହେଉଛନ୍ତି ମା' କାଳୀ। ଅନେକ ଶାସ୍ତ୍ର ପୁରାଣରେ ମା'କାଳୀଙ୍କୁ ନେଇ ଅନେକ ରହସ୍ୟ ଗାଥା ଓ କାହାଣୀର ବର୍ଣ୍ଣନା କରାଯାଇଛି। ମା'କାଳୀଙ୍କୁ କେହିକେହି ମାତୃଶକ୍ତିର ସଂହାରକାରୀଣୀ ରୂପ କହୁଥିବା ବେଳେ ଆଉ କେହିକେହି ମା'ଙ୍କର ଏହି ରୂପକୁ ଶାନ୍ତି ପ୍ରଦାୟିନୀ ରୂପ ବୋଲି କହିଥାନ୍ତି। ତେବେ କୁହାଯାଏ ଯେ ମା' କାଳୀ ସଂସାରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏପରି ରୂପ ଧାରଣ କରିଥିଲେ। ତେବେ ମା'ଙ୍କର ଉପାସନାକୁ ନେଇ ଅନେକ ଧାରା ଦେଖିବାକୁ ମିଳେ। କେଉଁଠି ମା'ଙ୍କ ନିକଟରେ ପଶୁପକ୍ଷୀ ବଳି ଦେଇ ଉପାସନା କରାଯାଏ ତ ଆଉ କେଉଁଠି ପୂରା ତନ୍ତ୍ରମନ୍ତ୍ରରେ ମା'ଙ୍କର ଉପାସନା କରାଯାଏ। ଏ ରହସ୍ୟମୟ ପୂଜା ପଦ୍ଧତି ବର୍ଷ ବର୍ଷ ଧରି ଚାଲି ଆସିଛି। ସେମିତି ଏକ ରହସ୍ୟମୟ କାଳୀ ଉପାସନାର କ୍ଷେତ୍ର ରହିଛି ଦକ୍ଷିଣ ଭାରତର ଏକ ପ୍ରମୁଖ ରାଜ୍ୟ କେରଳରେ। ଏହି ରାଜ୍ୟର ତ୍ରିସୁର ଜିଲ୍ଲାର କୋଡୁଙ୍ଗାଲୁର ଠାରେ ରହିଛି। ଏଠାରେ ମା'କାଳୀଙ୍କର ଭଦ୍ରକାଳୀ ରୂପକୁ ପୂଜା କରାଯାଏ। ଏମିତିରେ ତ ବର୍ଷ ଯାକ ଏହି ମନ୍ଦିରରେ ପ୍ରତିଦିନ ନିର୍ଦ୍ଧିଷ୍ଟ ରୀତିନୀତିରେ ପୂଜା କରାଯାଏ ହେଲେ ବର୍ଷକୁ ଥରେ ଏଠାରେ ଏକ ଉତ୍ସବ ପ୍ରାୟତଃ ଇଂଗ୍ରେଜୀ କ୍ୟାଲେଣ୍ଡରର ମାର୍ଚ୍ଚ ଓ ମାସରେ ପାଳନ କରାଯାଇଥାଏ। ଆଉ ଏହା ମାଲାଲୟମ କ୍ୟାଲେଣ୍ଡରରେ ମୀନମ ମାସରେ ପଡ଼ିଥାଏ। ଏହି ଉତ୍ସବ ସମୟରେ ଅନେକ ଭକ୍ତ କେରଳର ବିଭିନ୍ନ ସ୍ଥାନରୁ ଏକାଠି ହୋଇଥାନ୍ତି। ଆଉ ଖୁବ ରହସ୍ୟମୟ ଭାବରେ ଏଠାରେ ମା' କାଳୀଙ୍କର ଏଠାରେ ଉପାସନା



କରାଯାଇଥାଏ। ଏଠାରେ ପୂଜା ପାଉଥିବା ମା' କାଳୀଙ୍କୁ ଭଗବତୀ ଭାବେ ମଧ୍ୟ ପୂଜା କରିଥାନ୍ତି। ମା' ଦାରୁକ ରାକ୍ଷସକୁ ବଦ୍ଧ କରିବା ପାଇଁ ଭଦ୍ରକାଳୀ ରୂପ ଧାରଣ କରିଥିବା କଥା ପୁରାଣରେ ବର୍ଣ୍ଣନା ରହିଛି। ଆଉ ଏହି ମନ୍ଦିରର ପ୍ରତିଷ୍ଠାକୁ ନେଇ ମଧ୍ୟ ଅନେକ ରହସ୍ୟ ରହିଛି। କୁହାଯାଏ ଯେ ବିଷ୍ଣୁଙ୍କର ଷଷ୍ଠ ଅବତାର ପର୍ଶୁରାମ କେରଳ ରାଜ୍ୟକୁ ନିର୍ମାଣ କରିଥିଲେ। ଆଉ ଏହି ରାଜ୍ୟକୁ ପ୍ରତିଷ୍ଠା କରିବା ପରେ ଏହି ରାଜ୍ୟରେ ଦାରୁକ ରାକ୍ଷସ ବାରମ୍ବାର ଦମନଲୀଳା ଚଳାଇଥିଲା ଆଉ ଦାରକୁ ରାକ୍ଷସ ଠାରୁ କେରଳ ରାଜ୍ୟକୁ ରକ୍ଷା କରିବା ପାଇଁ ଭଗବାନ ପର୍ଶୁରାମ ଦେବଦେବ ମହାଦେବଙ୍କୁ ପ୍ରାର୍ଥନା କରିଥିଲେ ଆଉ ଭଗବାନ ଶିବ ପର୍ଶୁରାମଙ୍କୁ କେରଳରେ ଶକ୍ତିପୀଠ ପ୍ରତିଷ୍ଠା କରିବାକୁ କହିଥିଲେ ଆଉ ତା ପରେ ପର୍ଶୁରାମ ଏହିଠାରେ ଦେବୀଙ୍କୁ ପ୍ରତିଷ୍ଠା କରିଥିଲେ। ଆଉ ଦେବୀ ହିଁ ଦାରୁକ ରାକ୍ଷସକୁ ବଦ୍ଧ କରିଥିଲେ। ସେହିଦିନ ଠାରୁ ଏହି ମନ୍ଦିରରେ ମା ଭଗବତୀ ବା ଭଦ୍ରକାଳୀ ଏଠାରେ ଉପାସିତ ହେଉଛନ୍ତି। ମା'ଙ୍କ ପୂଜାରେ କିନ୍ତୁ ଦ୍ରାବିଡ଼ ସଂସ୍କୃତିର ଝଲକ ଦେଖିବାକୁ ମିଳେ। ଭରଣୀ ଉତ୍ସବ ସମୟରେ ଏଠାରେ ଅନେକ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଥାଏ। ବିଶ୍ୱାସଅନୁସାରେ ମା' କାଳୀ ହେଉଛନ୍ତି କ୍ରାଙ୍ଗାନୋର ରାଜାଙ୍କର କୁଳ ଦେବୀ। ତେଣୁ ଭରଣୀ ଉତ୍ସବ ଆରମ୍ଭ ହୁଏ ରାଜାଙ୍କ ଠାରୁ। ରାଜା ମନ୍ଦିର ନିକଟରେ କଦଳୀଗଛ ଆବୃତ ଏକ ମଞ୍ଚ ଉପରେ ଛିଡ଼ା ହୋଇ ମନ୍ଦିରର ଦ୍ୱାର ଖୋଲିବା ମାତ୍ରେ ସିଲ୍କକପଡ଼ାର ଏକ ବିରାଟ ଛତା ଖୋଲିଥାନ୍ତି। ଆଉ ତା ପରେ ସମସ୍ତ ଭକ୍ତ ଏହି ମନ୍ଦିର ଭିତରକୁ ଯାଇଥାନ୍ତି। ଏହି ପରମ୍ପରା ଅନୁସାରେ ରାଜା ପ୍ରତ୍ୟେକ ଜାତିର ଭକ୍ତମାନଙ୍କୁ ମନ୍ଦିରକୁ ଯିବାର ଅନୁମତି ପ୍ରଦାନ କରିଥାନ୍ତି। ଏହି ରହସ୍ୟମୟ ପରମ୍ପରାରୁ ଆରମ୍ଭ ହୋଇଥାଏ ଭରଣୀ ଉତ୍ସବ ଆଉ ବିଭିନ୍ନ ପରମ୍ପରାକୁ ନେଇ ସପ୍ତଦିନ ଚାଲିଥାଏ।

କୋଡୁଙ୍ଗାଲୁର ଭଗବତୀ ମନ୍ଦିରର ପୂଜା ପଦ୍ଧତି ଖୁବ୍ ରହସ୍ୟମୟ। ସେହିଭଳି ଭରଣୀ ଉତ୍ସବ ସମୟରେ କରାଯାଉଥିବା ପୂଜା ପଦ୍ଧତି ମଧ୍ୟ ଖୁବ୍ ରହସ୍ୟମୟ ଲାଗିଥାଏ। ଏହି ଉତ୍ସବ ଆରମ୍ଭ ହୋଇଥାଏ କୋଝିକାଲୁମୁଦଲ ନାମକ ପୂଜାରୁ। ଏହି ପୂଜା ସମୟରେ ଭକ୍ତମାନେ କୁକୁଡ଼ାବଳୀ ଦେଇଥାନ୍ତି। ଆଉ ସେହି କୁକୁଡ଼ା ରକ୍ତକୁ ମନ୍ଦିରରେ ବୁହାଇଥାନ୍ତି। ସେମାନଙ୍କର ବିଶ୍ୱାସ କହିଥାଏ ଯେ କୁକୁଡ଼ା ରକ୍ତ ପାଇଲେ ଦେବୀ କାଳୀ ଖୁସି ହୋଇଥାନ୍ତି। ଆଉ ଯେତେ ଅନିଷ୍ଟକାରୀ ଶକ୍ତି ରହିଛନ୍ତି ସେ ସବୁକୁ ମା'କାଳୀ ବଦ୍ଧ କରିଥାନ୍ତି। ଭାବନ୍ତୁ କେତେ ରହସ୍ୟମୟ ଏ ଲୋକ ବିଶ୍ୱାସ। ଆଉ ଏହି ଉତ୍ସବ ସମୟରେ ପାଳନ ହେଉଥିବା ଆଉ ଏକ ପରମ୍ପରା କିନ୍ତୁ ଖୁବ୍ ରହସ୍ୟମୟ। ଭରଣୀ ଉତ୍ସବର ଏକ ପ୍ରମୁଖ ପରମ୍ପରା ହେଉଛି କାଭୁଥିଣ୍ଡାଲ। ଏହି କାଭୁଥିଣ୍ଡାଲ ପୂଜା ସମୟରେ ଖଣ୍ଡା ଆଉ ବାଡ଼ି ଧରି ମନ୍ଦିର ଚାରି ପାଖରେ ପରିକ୍ରମା କରିଥାନ୍ତି। ଆଉ ତିନିଥର ପରିକ୍ରମା କରିବା ପରେ ମନ୍ଦିର ଭିତରେ ପ୍ରବେଶ କରି ମା' କାଳୀଙ୍କୁ ଖରାପ ଭାଷାରେ ଗାଳି ଦେଇଥାନ୍ତି। ଆଉ ବିଶ୍ୱାସ ଅନୁସାରେ ଦେବୀ ଭକ୍ତ ମାନଙ୍କ ଗାଳିକୁ ଗ୍ରହଣ କରିଥାନ୍ତି। ଭାନ୍ତୁ କେତେ ରହସ୍ୟମୟ ପରମ୍ପରା ଭକ୍ତ କଣ କେବେ ନିଜ ଉପାସିତ ଦେବାଦେବୀଙ୍କୁ ଗାଳି ଦେଇପାରେ ? ଆଉ ଦେବୀ ସତରେ କଣ ଭକ୍ତଙ୍କର ଏହି ଗାଳିକୁ ଗ୍ରହଣ କରିଥାନ୍ତି ? ଏମିତି ଅନେକ ପ୍ରଶ୍ନ ମନଭିତରକୁ ଆସିଥିଲେ ବି କେରଳର ଏହି ମନ୍ଦିରରେ କିନ୍ତୁ ଏଭଳି ପରମ୍ପରା ଚାଲିଆସୁଛି। ଏହି କାଭୁଥିଣ୍ଡାଲ ପର୍ବର ପରେ ମାଙ୍କ ମନ୍ଦିରରେ ଶୁଦ୍ଧତା ପୂଜା କରାଯାଇଥାଏ। ଏପରି ରହସ୍ୟମୟ ପରମ୍ପରା କାଳୀ ଉପାସନାକୁ ନେଇ ଅନେକ ପ୍ରଶ୍ନ ମନଭିତରକୁ ଆସିଥାଏ। କେରଳର ଭକ୍ତ ମାନଙ୍କ ପାଇଁ କୋଡାଙ୍ଗଗାଲୁର ଏହି ଭଗବତୀ ମନ୍ଦିରର ଦେବୀ ଖୁବ ପ୍ରତ୍ୟକ୍ଷ ଆଉ ଭକ୍ତ ମାନଙ୍କର ସବୁ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ତେଣୁ ମା' ଙ୍କ ନିକଟରେ ବର୍ଷସାରା ଅନେକ ପ୍ରକାରର ପୂଜା ପଦ୍ଧତି କରାଯାଇଥାଏ। ପୂର୍ବରୁ ଏହି କାଳୀ ପୀଠରେ ପଶୁବଳୀ ଦେବାର ପରମ୍ପରା ରହିଥିଲା। ହେଲେ ପ୍ରଶାସନର କଟକଣା ପରେ ଏହାକୁ ବନ୍ଦ ରଖାଯାଇଛି ଆଉ ସବୁଠାରୁ ବଡ଼ କଥା ହେଲା ପଶୁବଳୀ ବନ୍ଦପରେ ଆଉ ଏଇ ରହସ୍ୟମୟ ପରମ୍ପରା ଆରମ୍ଭ କରାଯାଇଛି। ଯେଉଁଭକ୍ତମାନେ ମନସ୍କାମନା ପୂର୍ଣ୍ଣ ପାଇଁ ପଶୁବଳୀ ମାଙ୍କ ନିକଟରେ ଯାଚିଥାନ୍ତି ସେମାନଙ୍କୁ ଆଉ ପଶୁବଳୀ ଦେବାକୁ ପଡୁନାହିଁ। ଏହା ପ୍ରତିବଦଳରେ ବର୍ତ୍ତମାନ ଭକ୍ତମାନେ ଏବେ ନାଲିରଙ୍ଗର ଧୋତି ମା'ଙ୍କ ନିକଟରେ ସମର୍ପଣ କରୁଛନ୍ତି। କେରଳର ଏହି କୋଡୁଙ୍ଗାଲୁର ଭଗବତୀ ମନ୍ଦିରରେ ମକର ସଂକ୍ରାନ୍ତି ସମୟରେ ମଧ୍ୟ ବିଶେଷ ପୂଜାପଦ୍ଧତି ଆଉ ଉତ୍ସବ ପାଳନ କରାଯାଇଥାଏ। ଏହି ଉତ୍ସବକୁ ଥାଲପୋଲି ଉତ୍ସବ କୁହାଯାଇଥାଏ। ଭାରତରେ କାଳୀ ଉପାସାନାର ଧାରା ଅନେକ ଦିନରୁ ଚାଲିଛି ଆଉ ବିଭିନ୍ନ ସ୍ଥାନରେ କାଳୀଙ୍କୁ ବିଭିନ୍ନ ପ୍ରକାକରରେ ଉପାସନା କରାଯାଏ। ହେଲେ ଆମେ ସବୁବେଳେ କହିଛୁ ଈଶ୍ୱରୀୟ ସତ୍ତା ଯେଉଁଠି ରହିଛି ସେହିଠାରେ ରହିଛି ଉତ୍କଣ୍ଠା ଓ ଅନୁସନ୍ଧିତ୍ସା।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲୋକେ ପରିବର୍ତ୍ତନ ...

ସାଧାରଣ ଜନତା ସଂପ୍ରତି ରାଜ୍ୟରେ ପରିବର୍ତ୍ତନ ଅପେକ୍ଷା ଅଧିକ ଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନକୁ ଗୁରୁତ୍ୱ ଦେଉଥିବା ବାର୍ତ୍ତା ଚଳିତ ନିର୍ବାଚନରେ ଜନସାଧାରଣ ଚେତାଇ ଦେଇଛନ୍ତି । ତେଣୁ ଏ ଦିଗରେ ଅଧିକ ଧ୍ୟାନ ଦେବାକୁ ସେ ଦଳର ବିଧାୟକମାନଙ୍କୁ ଉପଦେଶ ଦେଇଛନ୍ତି। ସାଧାରଣ ଜୀବନରେ ନମ୍ରତା ଓ ସରଳତାକୁ ପାଥେୟ କରି ସେବାରେ ବ୍ରତୀ ରହିଲେ ଲୋକଙ୍କ ଆସ୍ଥାଭାଜନ ହୋଇପାରିବ ଏବଂ ଏହି ଚିନ୍ତାଧାରା ଆମର କାର୍ଯ୍ୟରେ ରୂପାନ୍ତରିତ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କର ବିଜେଡ଼ି ପ୍ରତି ଅତୁଟ ଆସ୍ଥା ଓ ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବା ଆମର ଗୁରୁ ଦାୟିତ୍ୱ। ଏହି ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ଆଗେଇ ନେବା ପାଇଁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଜେଟରେ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ କ୍ଷେତ୍ରରେ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା, ମହାନଦୀ ଓ ପୋଲାଭରମ ପ୍ରସଙ୍ଗ ଉପରେ ବିଧାନସଭାରେ ଆଲୋଚନା କରାଯିବ ବୋଲି ସେ କହିଥିଲେ। ନିର୍ବାଚନ ପ୍ରଚାରରେ ଓଡ଼ିଶା ଆସିଥିବା ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ ମହାନଦୀ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ଭୁଲତଥ୍ୟ ଦେଇ ସେମାନଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷରେ ମହାନଦୀ ପ୍ରସଙ୍ଗ ଆମ ପାଇଁ ରାଜନୀତି ଓ ନିର୍ବାଚନ ଅପେକ୍ଷା ସାଢ଼େ ଚାରିକୋଟି ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ସଂଘୀୟ ବ୍ୟବସ୍ଥା ମଧ୍ୟରେ ନ୍ୟାୟ ପାଇଁ ଆମ ସଂଘର୍ଷ ଜାରି ରହିବ ବୋଲି ସେ କହିଛନ୍ତି। ସାମୟିକ ଭାବେ କିଛି ସ୍ଥାନରେ ଦଳ ଖରାପ ପ୍ରଦର୍ଶନ କରିଛି। ଦଳର ଶୀର୍ଷସ୍ତରର ନେତା ଓ ସଭାପତି ଏହାକୁ ଗୁରୁତର ସହ ନେଇଛନ୍ତି। ଏ ଦିଗରେ ବିଚାର ବିମର୍ଷ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରାଯିବା ସହ ଚାଷୀ-ଆଦିବାସୀଙ୍କ ସମର୍ଥନରେ ବିଜେଡିକୁ ଶକ୍ତିଶାଳୀ କରାଯିବ।

### ଆଧାର ତଥ୍ୟ ...

ଅନ୍ୟ ଦୁଇଟି ବେଙ୍ଗାଲୁରୁ ଓ ମୁମ୍ବାଇରେ ଆର୍ଥିକ ସଂସ୍ଥା ଭାବେ କାମ କରୁଥିବା ସଂସ୍ଥା। ୟୁଆଇଡିଏଆଇ ପକ୍ଷରୁ ଏହି ତିନି ସଂସ୍ଥା ବିରୋଧରେ ଅପରାଧିକ ମାମଲା ଦାୟର ହୋଇଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍ ମଧ୍ୟ ଜାରି କରାଯାଇଛି। ଆଧାର କାର୍ଯ୍ୟରେ ସଂରକ୍ଷିତ ଥିବା ବାୟୋମେଟ୍ରିକ୍ ତଥ୍ୟକୁ ଅନଧିକାର ଭାବେ ହାସଲ କରିବା ଅପରାଧ। ଆଧାର ବିଲ୍‌ରେ ଏହା ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଆଇନ୍ ଉଲ୍ଲଘଂନକାରୀଙ୍କ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିଛି। ୨୦୧୬ ଜୁଲାଇ ୧୪ରୁ ୨୦୧୭ ଜାନୁଆରୀ ୧୯ ମଧ୍ୟରେ ଜଣେ ବ୍ୟକ୍ତି ୩୯୭ଥର ବାୟୋମେଟ୍ରିକ୍ କାରବାର କରିଥିଲେ। ଏହିସବୁ କାରବାର ଏହି ତିନିଟି ସଂସ୍ଥା କରିଥିଲେ। ୟୁଆଇଡିଏଆଇ ଜାଣିବାକୁ ପାଇଛି ଯେ ଏହିସବୁ ବାୟୋମେଟ୍ରିକ୍ କାରବାରରେ ଯେଉଁ ବାୟୋମେଟ୍ରିକ୍ ତଥ୍ୟ ରହିଛି ତାହା ଆଧାର କାର୍ଡରେ ଥିବା ବାୟୋମେଟ୍ରିକ୍ ସହିତ ସମ୍ପୂର୍ଣ୍ଣ ମିଶିଯାଉଛି। ଆଧାରରେ ଥିବା ତଥ୍ୟକୁ ଅନଧିକାର ଭାବେ ହାସଲ କରି ଓ ତାହାକୁ ସଂରକ୍ଷିତ ନ ରଖିଲେ ଏଭଳି କରିବା ସମ୍ଭବ ନୁହେଁ ବୋଲି ୟୁଆଇଡିଏଆଇ ପକ୍ଷରୁ କୁହାଯାଇଛି।

ୟୁଆଇଡିଏଆଇ ନୋଟିସ୍ ପାଇବା ପରେ ତିନୋଟି ସଂସ୍ଥା ମଧ୍ୟରୁ ଦୁଇଟି ସଂସ୍ଥା କହିଛନ୍ତି ଯେ, ଏକ ପରୀକ୍ଷଣ ବେଳେ ଏହା କରାଯାଇଛି। ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଏହି ପରୀକ୍ଷଣ କରାଯାଇଥିଲା। ମାତ୍ର ୟୁଆଇଡିଏଆଇ ତାହାକୁ ସହଜରେ ଗ୍ରହଣ କରିପାରୁନାହିଁ। ଚଳିତ ବର୍ଷ ଜାନୁଆରୀ ୧୧ରୁ ୧୭ ତାରିଖ ମଧ୍ୟ ଏଭଳି କେତେକ ସନ୍ଦେହଜନକ କାରବାର ସାମ୍ନାକୁ ଆସିଥିଲା ଯାହାର ଅନୁସନ୍ଧାନ କରିବା ପାଇଁ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ ଅଡିଟ୍ କରାଇବାକୁ ବାଧ୍ୟ ହୋଇଥିଲେ। ଅଡିଟ୍ ବେଳେ ଜଣାପଡିଥିଲା ଯେ, ତିନିଟି ସଂସ୍ଥା ହେରଫେର କରିଛନ୍ତି। ସେମାନେ ଆଧାରରେ ସଂରକ୍ଷିତ ଥିବା ବାୟୋମେଟ୍ରିକ୍ ତଥ୍ୟକୁ ନିଜେ ସଂରକ୍ଷିତ କରି ରଖିଛନ୍ତି ଯାହା ବେଆଇନ କାର୍ଯ୍ୟ। ବାୟୋମେଟ୍ରିକ୍ ତଥ୍ୟକୁ ସଂରକ୍ଷିତ ରଖି ସେହି ତଥ୍ୟ ଅନୁସାରେ ବିଭିନ୍ନ ପ୍ରକାର ବାୟୋମେଟ୍ରିକ୍ କାରବାର କରାଯାଉଥିଲା। ୟୁଆଇଡିଏଆଇ ସବୁ କିଛି ଜାଣିବା ପରେ ସେମାନଙ୍କ ବେଆଇନ କାରବାର ଆଉ ସଫଳ ହୋଇନଥିଲା। ଏହି ତିନି ସଂସ୍ଥାଗୁଡିକ ପକ୍ଷରୁ କରାଯାଇଥିବା କାରବାରର ଓ ଆଧାରରେ ଥିବା ବାୟୋମେଟ୍ରିକ୍ ତଥ୍ୟ ଏଭଳି ଭାବେ ମିଶିଯାଇଥିଲା ଯାହା ଜାଣିଲେ ଯେ କେହି ବି ମାନିବାକୁ ବାଧ୍ୟ ହେବେ ଯେ ତଥ୍ୟକୁ ହାସଲ କରି ତାହାକୁ ସଂରକ୍ଷିତ ରଖାଯାଇଛି। ପ୍ରତିଥର କାରବାରରେ ଟିପ ଚିହ୍ନ (ଫିଙ୍ଗରପ୍ରିଣ୍ଟ)। ସମାନ ଦିଗକୁ ଓ ସମାନ କୋଣ ଆଡକୁ ମୁହଁ କରି ରହୁଥିଲା। ଗୋଟିଏ ଏଜେନ୍ସି ଦ୍ୱାରା ଏହିସବୁ କାମ କରାଯାଇଛି। ଜଣେ ବ୍ୟକ୍ତିଙ୍କୁ ଓ ଗୋଟିଏ ଡିଭାଇସ୍ (ଉପକରଣ)କୁ ଏଥିପାଇଁ ବ୍ୟବହାର କରାଯାଇଥିଲା।

### ମହଙ୍ଗା ପଡିଲା ...

ଭିଜିଲାନ୍ସ ବିଭାଗର ଅଧିକାରୀମାନେ ତାଙ୍କ ଖଡିଆଳରେ ଥିବା ସରକାରୀ ବାସଭବନ, କାର୍ଯ୍ୟାଳୟ ଓ ଭୁବନେଶ୍ୱର ଗୌରୀ ନଗରଠାରେ ଥିବା ଡିଏଫ୍ଓ ଶ୍ରୀ ପଣ୍ଡାଙ୍କର ଥିବା ଦୁଇମହଲା କୋଠାଘରକୁ ମଧ୍ୟ ଯାଇ ଯାଞ୍ଚ କରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଘରୁ ୩୦ଟି ପାସ୍‌ବୁକ୍ ଜବତ କରିଥିବା ଜଣାପଡିଛି। ଏସବୁ ବ୍ୟାଙ୍କ ଆକାଉଣ୍ଟରୁ ଆୟକର ବିଭାଗ ଠାବ କରିଥିବା ବେଳେ ଭିଜିଲାନ୍ସ ବିଭାଗର ପକ୍ଷରୁ ସେସବୁର ତଥ୍ୟ ଲୋଡାଯାଇଛି। ଏହି ବ୍ୟାଙ୍କ ଆକାଉଣ୍ଟରେ ନଗଦ ପ୍ରାୟ ୩.୭୬ କୋଟି ଟଙ୍କା ଥିବା ଆକଳନ କରାଯାଇଛି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଗୌରୀନଗର ବାସଭବନକୁ ଯାଇ ମାପଚୁପ କରିଛନ୍ତି। ସେହିପରି ଶ୍ରୀ ପଣ୍ଡା ଭୁବନେଶ୍ୱର ଗୌତମନଗରରେ ଥିବା ପ୍ଲଟକୁ ମଧ୍ୟ ଆକଳନ କରାଯାଇଛି। ଡିଏଫ୍‌ଓଙ୍କର ବାଲେଶ୍ୱର ସୋରସ୍ଥିତ ପୈତୃକ ବାସଭବନକୁ ଏକ ଭିଜିଲାନ୍ସ ଟିମ୍ ଯାଇ ଯାଞ୍ଚ କରିଥିବା ନିର୍ଦ୍ଦେଶକ ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି। ଡିଏଫ୍‌ଓଙ୍କର ଆୟବର୍ହିଭୂତ ସମ୍ପତ୍ତିକୁ ଆକଳନ କରାଯାଉଛି ବୋଲି ସେ କହିଛନ୍ତି। ତାଙ୍କ ବିରୋଧରେ ଆୟବର୍ହିଭୂତ ସମ୍ପତ୍ତି ରୁଜୁ କରାଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ଶ୍ରୀ ପଣ୍ଡା ତାଙ୍କ ପତ୍ନୀ, ନାବାଳକ ପୁଅ ଓ ଝିଅ ନାମରେ ଆକାଉଣ୍ଟରେ ୨.୨୬ କୋଟି ଟଙ୍କା ଜମା କରିଥିବା ବେଳେ ସେମାନଙ୍କ ନାମରେ ୧.୪୦ କୋଟି ଟଙ୍କାରୁ ଅଧିକ ସ୍ଥାୟୀ ଜମା ଥିବା ଜଣାପଡିଛି। ଶ୍ରୀ ପଣ୍ଡାଙ୍କ ବାସଭବନରୁ ନଗଦ ୬ ଲକ୍ଷ ଟଙ୍କା ଠାବ କରାଯାଇଛି। ସେଥିରେ ୩୦୪ ଖଣ୍ଡ ୫୦୦ ଟଙ୍କିଆ ନୋଟ୍ ଓ ୨୪୯ ଖଣ୍ଡ ୨୦୦୦ ଟଙ୍କିଆ ନୋଟ୍ ଥିବା ଜଣାପଡିଥିଲା। ୧୯୮୯ ବ୍ୟାଚ୍‌ର ଡିଏଫ୍‌ଓ ଶ୍ରୀ ପଣ୍ଡା ଏତେ ପରିମାଣର ଅର୍ଥ କିଭଳି ଆୟ କଲେ ଏନେଇ ଭିଜିଲାନ୍ସ ବିଭାଗ ଖୋଳତାଡ ଆରମ୍ଭ କରିଥିବା ଜଣାପଡିଛି।

ତେଣୁ ସାଧାରଣରେ ଏହି ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ କଳାକାରନାମା ନେଇ ଚର୍ଚ୍ଚା ଜୋର ଧରିଛି। ଦାୟିତ୍ୱ ସମ୍ପନ୍ନ ଅଫିସରମାନେ ଦୁର୍ନୀତିରେ ବୁଡି ରହିଲେ, ସରକାର ନିନ୍ଦିତ ହେବା ସହ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। ନିଜର ସୁଖ ସଉକ ପାଇଁ ଏଭଳି ଲାଞ୍ଚ ଟଙ୍କା ଗୋଟାଉଥିବା ଅଧିକାରୀମାନଙ୍କ ପାଇଁ ଏହି ଘଟଣା ଏକ ଚେତାବନୀ ସଦୃଶ। ସାବଧାନ ନରହିଲେ କେତେବେଳେ କ୍ଷମତାର ଚଉଡି ଖଣ୍ଡକ ହଟିଯାଇ ନିନ୍ଦାର ମୁକୁଟ ପିନ୍ଧାଇ ନଦେବ ତାହା କିଏ କହିବ।

### ସୂର୍ଯ୍ୟମନ୍ଦିରର ...

ସୂଚନା ଅନୁଯାୟୀ, ସୂର୍ଯ୍ୟମନ୍ଦିର ମୁଖଶାଳାର ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ପଥର ନମୁନାର ପରୀକ୍ଷା, ବାଲିଭର୍ତ୍ତି ଜଗମୋହନର ଆଭ୍ୟନ୍ତରୀଣ ଅବସ୍ଥାର ଏଣ୍ଡୋସ୍କୋପି, ସୂର୍ଯ୍ୟମନ୍ତିରର ମୂଳଦୁଆ ଯାଞ୍ଚ କରିବା ଦାୟିତ୍ୱ ସିବିଆରଆଇକୁ ଦିଆଯାଇଥିଲା। ୨୦୧୪ ଜୁନ୍ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ସିବିଆରଆ ବିଶେଷଜ୍ଞ ଦଳ ଯାଞ୍ଚ କରିଥିଲେ। କିନ୍ତୁ ପୁର୍ଣ୍ଣାଙ୍ଗ ଯାଞ୍ଚ ସରି ନ ଥିଲା। ସିବିଆରଆଇ ପକ୍ଷରୁ ଏକ ପ୍ରାଥମିକ ରିପୋର୍ଟ ଏସ୍ଆଇକୁ ଦିଆଯାଇଥିଲା। ଗର୍ତ ଡିସେମ୍ବର ୧୭ରେ ୱାର୍କି ଗ୍ରୁପ୍ କମିଟି ବୈଠକରେ ସିବିଆରଆଇର ଆଲୋଚନା ହୋଇଥିଲା। କିନ୍ତୁ ସିବିଆରଆଇ ସୂର୍ଯ୍ୟମନ୍ଦିର ଯାଞ୍ଚର ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସିବିଆରଆଇ ଯାଞ୍ଚ କାର୍ଯ୍ୟ ସାରି ତୁରନ୍ତ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ୱାକିଂ ଗ୍ରୁପ୍ କମିଟି ଏଏସ୍ଆରକୁ ପରାମର୍ଶ ଦେଇଥିଲା ଏବଂଏହି ବୈଠକ ପରେ ଏଏସ୍ଆଇ ପକ୍ଷରୁ ସିବିଆରଆଇକୁ ପୂର୍ଣ୍ଣାଙ୍ଗ ଯାଞ୍ଚ ରିପୋର୍ଟ ଦିଆଯିବାକୁ କୁହାଯାଇଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 27th Feb-05th Mar, 2017
ଭୁବନେଶ୍ୱର, ୨୭ ଫେବୃଆରୀ-୫ ମାର୍ଚ୍ଚ, ୨୦୧୭

ଆମୋଦ ପ୍ରମୋଦ



# ଷ୍ଟୋକ୍‌ସ ସବୁଠାରୁ ଦାମୀ ଖେଳାଳି



**ବାଙ୍ଗାଲୋର :** ଆଇପିଏଲର ଦଶ ବର୍ଷ ଇତିହାସରେ ଇଂଲଣ୍ଡର ବେନ୍ ଷ୍ଟୋକ୍‌ସ ସବୁଠାରୁ ଦାମୀ ଖେଳାଳିର ମାନ୍ୟତାଲାଭ କରିଛନ୍ତି। ପୁଣେ ଦଳ ତାଙ୍କୁ ୧୪.୫ କୋଟି ଟଙ୍କାରେ କିଣିଛି। ପୂର୍ବରୁ ୨୦୧୪ରେ ଦିଲ୍ଲୀ ଡେୟାରଡେଭିଲ୍‌ସ ତତ୍କାଳୀନ ଇଂଲଣ୍ଡ କ୍ରିକେଟର କେଭିନ ପିଟରସନଙ୍କୁ ସର୍ବାଧିକ ୯ କୋଟି ଟଙ୍କାରେ କିଣିଥିଲା। ଏଥର ନିଲାମ ପ୍ରକ୍ରିୟାରେ ଷ୍ଟୋକ୍‌ସଙ୍କୁ ନିଜ ଦଳରେ ନେବାପାଇଁ ମୁମ୍ବଇ ଇଣ୍ଡିଆନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ସନରାଇଜର୍ସ ହାଇଦରାବାଦ ଓ ଦିଲ୍ଲୀ ଡେୟାରଡେଭିଲ୍‌ସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ତେବେ ମୂଳଚାଲରେ ପୁଣେ ସୁପରଜାଏଣ୍ଟ୍‌ସ ସମସ୍ତଙ୍କୁ ପଛରେ ପକାଇ ଷ୍ଟୋକ୍‌ସଙ୍କୁ ଦଳରେ ସାମିଲ କରିପାରିଛି। ପୁଣେ ଦଳର ମାଲିକ ସଞ୍ଜୀବ ଗୋଏଙ୍କାଙ୍କ ମତରେ ଷ୍ଟୋକ୍‌ସ ଜଣେ କ୍ରିକେଟ ନାୟକ। ପୁଣେ ଦଳରେ ଏକାଧିକ ନାୟକ ରହିଛନ୍ତି ସତ, ତେବେ ଷ୍ଟୋକ୍‌ସଙ୍କ ଭଳି ଜଣେ ଭିନ୍ନସ୍ତରର ନାୟକଙ୍କୁ ପାଇବା ଆମର ଲକ୍ଷ୍ୟ ଥିଲା ବୋଲି ଗୋଏଙ୍କା ମତବ୍ୟକ୍ତ କରିଛନ୍ତି। ଆଇପିଏଲ ଇତିହାସରେ ଷ୍ଟୋକ୍‌ସ ଦ୍ୱିତୀୟ ଦାମୀ ଖେଳାଳିଭାବେ ବିବେଚିତ ହୋଇଛନ୍ତି। ୨୦୧୫ରେ ଦିଲ୍ଲୀ ଡେୟାରଡେଭିଲ୍‌ସ ଯୁବରାଜ ସିଂହଙ୍କୁ ୧୬ କୋଟି ଟଙ୍କାରେ କିଣିଥିଲା। ଏହା ଆଇପିଏଲ ଇତିହାସରେ ଏପର୍ଯ୍ୟନ୍ତ ରେକର୍ଡ ଭାବେ ପରିଗଣିତ ହୋଇଆସୁଛି। ୨୫ ବର୍ଷୀୟ ଷ୍ଟୋକ୍‌ସ ସଂପ୍ରତି ଇଂଲଣ୍ଡ ଟେଷ୍ଟ ଦଳର ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଟ୍ୱେଣ୍ଟି୨୦ ଫର୍ମାଟରେ ଷ୍ଟୋକ୍‌ସଙ୍କ ପରିସଂଖ୍ୟାନ ଏତେଟା ଉତ୍ସାହଜନକ ନଥିଲେ ସୁଦ୍ଧା ନିକଟରେ ଭାରତ ବିପକ୍ଷ ଟେଷ୍ଟ ଓ ଦିନିକିଆ ସିରିଜରେ ତାଙ୍କର ପ୍ରଦର୍ଶନ ସବୁଠାରୁ ଉନ୍ନତ ଥିଲା। ବ୍ୟାଟିଂ ଓ ବୋଲିଂ ବ୍ୟତୀତ ଷ୍ଟୋକ୍‌ସ ଜଣେ ଉନ୍ନତ ଫିଲଡର। ତେଣୁ ଆଇପିଏଲରେ ତାଙ୍କର ଦକ୍ଷତାର ଉପଯୁକ୍ତ ଫାଇଦା ଉଠାଇବାକୁ ପୁଣେ ଦଳ ଏତେ ମୂଲ୍ୟରେ ତାଙ୍କୁ କିଣିଥିବା ପ୍ରକାଶ।

## ଆଇପିଏଲ୍-୧୦ର ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୦ ସଂସ୍କରଣ ଲାଗି ଖେଳାଳି ନିଲାମ ସୋମବାର ହୋଇଯାଇଛି। ଏହାର ଦିନକ ପରେ ଆଇପିଏଲ୍-୧୦ ଲୋଗୋ ଉନ୍ମୋଚନ ହୋଇଛି। ଆଇପିଏଲ୍‌ର ୯ମ ସଂସ୍କରଣରେ ଯେପରି ଲୋଗୋ ଥିଲା; ମଙ୍ଗଳବାର ଉନ୍ମୋଚିତ ହୋଇଥିବା ଲୋଗୋ ଏହାଠାରୁ ବିଶେଷ ଭିନ୍ନ ନୁହେଁ। ନୂତନ ଲୋଗୋରେ କେବଳ ଏକ ସୁନେଲି ୧୦ ଲେଖାଯାଇଛି। ଏହା ମଧ୍ୟରେ ଜଣେ ବ୍ୟାଟ୍‌ସମ୍ୟାନ୍ ବ୍ୟାକ୍‌ଫୁଟ୍‌ରେ ଜୋର୍‌ଦାର ସଟ୍ ମାରିବା ଦେଖିବାକୁ ମିଳିଛି। ବିଶ୍ୱର ସବୁଠାରୁ ଧନଶାଳୀ ପେସାଦାର ଟ୍ୱେଣ୍ଟି୨୦ କ୍ରିକେଟ ଲିଗ୍ ଏପ୍ରିଲ ୫ରୁ ଆରମ୍ଭହୋଇ ଏବଂ ମେ ୨୧ରେ ଫାଇନାଲ ମ୍ୟାଚ୍ ସହ ସମ୍ପନ୍ନହେବ। ଟୁର୍ଣ୍ଣାମେଣ୍ଟରେ ୮ଟି ଫ୍ରାଞ୍ଚାଇଜି ଦଳ ଭାଗନେବେ। ଏଥର ଆଇପିଏଲ୍‌ରେ ମୋଟ ୬୦ଟି ମ୍ୟାଚ୍ ଖେଳାଯିବ। ଏଥିରେ ୫୬ଟି ଲିଗ୍ ମ୍ୟାଚ୍ ଥିବା ବେଳେ ୪ଟି ପ୍ଲେଅଫ୍ ମ୍ୟାଚ୍ ରହିଛି। ଆଇପିଏଲ୍‌ର ମ୍ୟାଚ୍‌ସବୁ ମୋଟ ୧୦ଟି ସହରରେ ଖେଳାଯିବ। ତେବେ ଟୁର୍ଣ୍ଣାମେଣ୍ଟର ପ୍ରଚାର ପାଇଁ ଆଇପିଏଲ୍ ଟ୍ରଫିକୁ ଭାରତ ଭ୍ରମଣରେ ନିଆଯିବ। ଏଥିପାଇଁ ଦେଶର ୩୮ଟି ସହରରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ଆଇପିଏଲ୍-୧୦ ପାଇଁ ଖେଳାଳି ନିଲାମ ହୋଇଥିବା ବେଳେ ୩୫୦ରୁ ଅଧିକ ଖେଳାଳି ତାଲିକାଭୁକ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬୬ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜି କିଣିଛନ୍ତି। ସେମାନଙ୍କ ମଧ୍ୟରେ ୨୭ ଜଣ ବିଦେଶୀ ଖେଳାଳି ଅଛନ୍ତି।

# ଗୋଳମାଳିଆ ସ୍ଥିତିରେ ଓସିଏ

## ଗଢ଼ା ହେଲା ନୂଆ କ୍ରିକେଟ ସଂଘ

Logo of Orissa Cricket Association

**କଟକ:** ଜଷ୍ଟିସ୍ ଲୋଧା କମିଟିର ସୁପାରିସ କାର୍ଯ୍ୟକାରୀ ହେବା ପରେ ଓସିଏର ପରିସ୍ଥିତି ଗୋଳମାଳିଆ ହୋଇ ରାଜ୍ୟ ସଂଘ ଗୁଡ଼ିକ ସମସ୍ୟାରେ ପଡ଼ିଛନ୍ତି। ଏବେ ଅସ୍ଥାୟୀ ପରିଚାଳନା କମିଟି ଗଠନ କରାଯାଇ ଓସିଏ ପରିଚାଳନା କରାଯାଉଛି। ତେଣୁ ବିଦାୟୀ ପ୍ରଶାସକମାନେ ନିଜ ନିଜ ସଂଗଠନ ଗଠନରେ ମାତି କଟକ ଓ ପୁରୀରେ କ୍ରିକେଟ ସଂଘ ଗଠନ କରିଥିବା ଜାଣିବାକୁ ମିଳୁଛି। ଓସିଏ ପୁନର୍ଗଠନ ପାଇଁ ଯଦି ଲୋଧା କମିଟି ସୁପାରିସ୍‌କୁ ଅନୁସରଣ କରାଯାଏ ତେବେ ପୂର୍ଣ୍ଣ ଭୋଟ୍ ପାଇଁ ୩୦ଟି ଭୋଟ୍ ଜରୁରୀ। ପ୍ରତ୍ୟେକ ଜିଲ୍ଲା କ୍ରିକେଟ୍ ସଂଘରୁ ଗୋଟିଏ ଲେଖାଏଁ ଭୋଟ୍ ଆସିଲେ ରାଜ୍ୟ ସଂଘ ଗଠନ ହୋଇପାରିବ। କିନ୍ତୁ ଏଥିପାଇଁ ବର୍ତ୍ତମାନ ସୁଦ୍ଧା ୧୯ଟି ଜିଲ୍ଲା କିକ୍ରେଟ୍ ସଂଘ ଓସିଏ ସହ ଅନୁବନ୍ଧିତ ରହୁଥିବା ବେଳେ ବଳକା ୧୧ଟି ଆସୋସିଏସନ୍ ଜିଲ୍ଲା କ୍ରୀଡ଼ା ସଂସଦ ଦ୍ୱାରା ପରିଚାଳିତ ହେଉଛି। କିନ୍ତୁ ନିୟମ ଅନୁଯାୟୀ କ୍ରୀଡ଼ା ସଂସଦ ରାଜ୍ୟ ସଂଘ ଗଠନ ଗ୍ରହଣୀୟ ନୁହେଁ। ତେଣୁ ୧୧ଟି ଜିଲ୍ଲା କ୍ରୀଡ଼ା କ୍ରିକେଟ ସଂଘ ଗଠନ ଜରୁରୀ।

ସୂଚନା ଅନୁସାରେ, ବର୍ତ୍ତମାନ କଟକ ଓ ପୁରୀରେ ଜିଲ୍ଲା କ୍ରିକେଟ ସଂଘ ଗଠନ କରାଯାଇଛି। ସେହିପରି ପୁରୀରେ ଗଠନ କରାଯାଇଥିବା କ୍ରିକେଟ ସଂଘର କେବଳ ପୂର୍ବତନ କ୍ରିକେଟର ମାନେ ରହିଛନ୍ତି। ନବ ଗଠିତ ସଂଘ ପକ୍ଷରୁ ଓସିଏ ଅନୁବନ୍ଧନ ଓ ରେଜିଷ୍ଟ୍ରେସନ୍ ପାଇଁ ଆବେଦନ କରାଯାଇଛି। କଟକ ଜିଲ୍ଲା ସଂଘକୁ ଓସିଏ ପକ୍ଷରୁ ଗ୍ରହଣ କରାଯାଇଥିବା ଜଣା ପଡ଼ିଛି। ଓସିଏର ପୂର୍ବ ବ୍ୟବସ୍ଥାନୁଯାୟୀ, ମୋଟ୍ ୧୭୩ଟି ଭୋଟ୍ ରହିଥିଲା। ଏଥିରେ ଜିଲ୍ଲା କ୍ରିକେଟ ସଂଘ ସମେତ ସ୍କୁଲ, କଲେଜ ଓ କ୍ଲବ୍‌ମାନେ ଅନୁବନ୍ଧିତ ରହି ଭୋଟ୍ କ୍ଷମତା ପାଉଥିଲେ। କିନ୍ତୁ ଜଷ୍ଟିସ୍ ଲୋଧାଙ୍କ କ୍ରିକେଟ ସଂସ୍କାର ବର୍ତ୍ତମାନ ସୁଦ୍ଧା ବି ପୂର୍ଣ୍ଣ ଭାବେ ରାଜ୍ୟ ସଂଘ ଗୁଡ଼ିକରେ କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ସଂଘ ଗଠନର ବୈଧତାକୁ ନେଇ ପ୍ରଶ୍ନ ଉଠିଛି।

## ଲିଟିଲ୍ ମିସ୍ ୱାର୍ଲଡ------------

# ଚମକିବ ଓଡ଼ିଆ ଝିଅ

**ଭୁବନେଶ୍ୱର :** ମାତ୍ର ୫ ବର୍ଷର କୁନି ଓଡ଼ିଆ ଝିଅ ମାଏରା ମୁନି ବାଙ୍ଗାଲୋରରେ ଅନୁଷ୍ଠିତ ହୋଇଥିବା 'ଗ୍ୟାଲେକ୍ସି ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୬' କ୍ରାଉନ୍ ଜିତି ଓଡ଼ିଶାକୁ ପୁଣି ଜାତୀୟ ସ୍ତରରେ ପୁଣି ଗୌରାବାନ୍ୱିତ କରିଛନ୍ତି। ସେହିଭଳି ସେ ପ୍ରଥମ ଭାରତୀୟଭାବେ 'ଲିଟିଲ ମିସ୍ ୱାର୍ଲଡ' ପ୍ରତିଯୋଗିତାକୁ ସିଧାସଳଖ ପ୍ରବେଶ କରି ଇତିହାସ ରଚି ଦେଶପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ଆସନ୍ତା ମାସରେ ୟୁରୋପ ମହାଦେଶ ବୁଲ୍‌ଗେରିଆରେ ଅନୁଷ୍ଠିତ ହେବାକୁ ଥିବା ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ମାଏରା ଭାରତରୁ ପ୍ରତିନିଧିତ୍ୱ କରିବେ।

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ହିଞ୍ଜିଳିକାଟୁ ଗ୍ରାମର ମଳୟ ମୁନି ଏବଂ ନନ୍ଦିନୀ ମୁନିଙ୍କ ଏକମାତ୍ର ଝିଅ ମାଏରା ବର୍ତ୍ତମାନ ବାଙ୍ଗାଲୋରରେ ନିଜ ମାତା ପିତାଙ୍କ ସହ ରହୁଛନ୍ତି। କଳାହାଣ୍ଡିର ଏକ ଛୋଟ ସ୍କୁଲ ଏବଂ ଖଲିକୋଟ କଲେଜରେ ଶିକ୍ଷାଗ୍ରହଣ କରିଥିବା ମାଏରାଙ୍କ ପିତା ମଳୟ ବାଙ୍ଗାଲୋରସ୍ଥିତ ଏୟାର ଏସିଆ ଏୟାରଲାଇନ୍ସ ମୁଖ୍ୟ କାର୍ଯ୍ୟାଳୟର ପାଇଲଟ୍ ଟ୍ରେନର୍ ଭାବେ କାର୍ଯ୍ୟ କରୁଛନ୍ତି। ଝିଅ ମାଏରାଙ୍କ ପ୍ରତିଭରେ ଖୁସିବ୍ୟକ୍ତ କରି ମଳୟ ଏବଂ ନନ୍ଦିନୀ କହିଛନ୍ତି, ଏତେ କମ ବୟସରେ ସେ ଏତେବଡ଼ ସଫଳତା ହାସଲ କରିବେ ବୋଲି ଭାବି ନ ଥିଲୁ। ହେଲେ ଏତେ ଛୋଟ ପିଲାକୁ ବିୟୁଟି କଣ୍ଟେଷ୍ଟ ପାଇଁ ପ୍ରସ୍ତୁତ କରିବା ଆମପକ୍ଷେ ଟିକେ କଷ୍ଟଦାୟକ। ଏହାପରେ ବି ସେ ତା'ର ପ୍ରଚେଷ୍ଟା ଜାରି ରଖିଛି। ଆଗକୁ ସେ ଓଡ଼ିଶା ସହ ସମଗ୍ର ଦେଶକୁ ଗୌରବାନ୍ୱିତ କରିବ ଆମେ ଆଶା କରୁଛୁ। ସୂଚନାଅନୁସାରେ ଗତ ୮ ବର୍ଷ କାଳ ଧରି 'ଲିଟିଲ ମିସ୍ ୱାର୍ଲଡ' ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଭାରତରୁ ପ୍ରତିନିଧିତ୍ୱ କରିବାକୁ କେହି ମନୋନିତ ହୋଇ ନ ଥିଲେ। ମାଏରା ପ୍ରଥମ ଭାରତୀୟଭାବେ ଏହି ସଫଳତା ହାସଲ କରିଛନ୍ତି। ଏ ନେଇ ଛତିଶଗଡ଼ ବିଜେପି ସଭାପତି ପ୍ରକାଶ କରିଛନ୍ତି ଯେ ଔଷଧ ତାଟିଆ କାମୁଡ଼ିବା ପରି କଂଗ୍ରେସ ଓ ବିଜେଡି ମୁଣ୍ଡରେ ଟଙ୍କା ଭୋଟରଙ୍କୁ ବାଣ୍ଟୁଥିବା ଏନଜିଓ ସେଲ୍‌ର ଅପବାଦ ଲଦିବାର ପ୍ରୟାସ ରାଗରେ କରିଛନ୍ତି। ଶାସକ ବିଜେଡ଼ି ଆମ ନେତାମାନେ ପୁଲିସ ଉପରେ ଚାପ ମିଥ୍ୟା ପକାଇ ଆମକୁ ଗିରଫ କରି ବଦନାମ କରିବାର ପ୍ରୟାସ କରିଛନ୍ତି କିନ୍ତୁ କଳାହାଣ୍ଡିବାସୀ ଜିଲା ପରିଷଦ ଭୋଟରେ ବିଜେପିକୁ ୩୬ରୁ ୩୪ଟି ଆସନରେ ବିଜୟ କରି ଏହାର ଜବାବ୍ ଦେଇଛନ୍ତି।







ସୈଫ୍ ଅଲି ଖାନ୍‌ଙ୍କ ଝିଅ ସାରା ଅଲ୍ଲି ବର୍ତ୍ତମାନ ଚର୍ଚ୍ଚାରେ। ସୂଚନା ଅନୁଯାୟୀ କରଣ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ୍ ଅଫ୍ ଦ ଇୟର-୨'ରେ ତାଙ୍କ ସ୍ଥାନ ନେଇ ଯାଇଛନ୍ତି ଅଭିନେତ୍ରୀ ଦୀଶା ପଟେଲ। ଯାହାକୁ ନେଇ ସାରା ବହୁତ ଦୁଃଖିତ ଥିବା ଦେଖିବାକୁ ମିଳିଛି। ଆଗରୁ ଶୁଣାଯାଉଥିଲା ଯେ, ସେ ବଲିଉଡ ଜଗତରେ ପ୍ରଥମ ପାଦ ଥାପିଥାନ୍ତେ କିନ୍ତୁ ଏହା ହୋଇପାରିଲା ନାହିଁ। ନିକଟରେ ସାରା ତାଙ୍କ ସାବତ ମା' କରିନା କପୁରଙ୍କ ସହ ମିଶି ଏକ ପାର୍ଟିକୁ ଯାଇଥିଲେ ହେଲେ ସେଠାରେ କାହା ସହିତ କଥା ନ ହୋଇ ଚୁପ୍ ଚାପ୍ ଚାଲିଆସିଲେ। ପୃଥ୍ୱୀ ଥିଏଟର ବାହାରେ ଏଭଳି ଏକ ପାର୍ଟିର ଆୟୋଜନ ହୋଇଥିଲା। ପାର୍ଟିରେ କପୁର ଖାନ୍‌ଦାନ୍‌ର ସଦସ୍ୟମାନେ ଥିଲେ ଏବଂ ବଲିଉଡ୍‌ର କେତେକ ନାମୀ ଦାମୀ କଳାକାରଙ୍କ ସହ ସୈଫ୍, କରିନା କପୁର ଓ ତାଙ୍କ ଝିଅ ସାରା ମଧ୍ୟ ଏହି ପାର୍ଟିକୁ ଆସିଥିଲେ। କିନ୍ତୁ କ୍ୟାମେରାକୁ ଦେଖି ସାରା ନିଜର ମୁହଁ ଲୁଚାଇଥିଲେ। ପ୍ରଥମେ ଗାଡ଼ିରୁ ବାହାରିବା ପାଇଁ ମଧ୍ୟ ରାଜି ନଥିଲେ। କିନ୍ତୁ ପରେ ସେ ରୁମାଲ ସାହାଯ୍ୟରେ ମୁହଁ ଲୁଚାଇ ଗାଡିରୁ ଓହ୍ଲାଇଥିଲେ।

# କକ୍ଷପଥରେ ଅବସ୍ଥାନ କରିବ ଜୁନୋ



**ୱାଶିଂଟନ :** ଗତବର୍ଷ ଜୁଲାଇରେ ବୃହସ୍ପତିର ପରିବେଶ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରୁଥିବା ନାସାର ସୌରଚାଳିତ ଜୁନୋ ମହାକାଶଯାନ ଉକ୍ତ ମିଶନର ଅବଶିଷ୍ଟ ଦିନ ପାଇଁ ବର୍ତ୍ତମାନର କକ୍ଷପଥରେ ଅବସ୍ଥାନ କରିବ। ପର୍ତ୍ତମାନ ପର୍ଯ୍ୟନ୍ତ ଜୁନୋ ଏହି କକ୍ଷପଥରେ ୫୬ ଦିନ ହେଲା ପରିକ୍ରମା କରୁଛି। ଏହାଦ୍ୱାରା ଜୁନୋ ଏହାର ବୈଜ୍ଞାନିକ ଲକ୍ଷ୍ୟ ହାସଲ କରିପାରିବ। ପୂର୍ବରୁ ଯୋଜନା କରାଯାଇଥିଲା ଯେ, ଇଞ୍ଜିନ୍ ଫାଏରିଂ ଦ୍ୱାରା ଜୁନୋର ପ୍ରଦକ୍ଷିଣ ସମୟକୁ ୧୪ ଦିନ ହ୍ରାସ କରାଯାଇପାରିବ। କିନ୍ତୁ ଏହାକୁ ଏଡାଇ ଦିଆଯାଇଥିବା ନାସା ପକ୍ଷରୁ କୁହାଯାଇଛି। ନାସାର ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟର ସହଯୋଗୀ ପ୍ରଶାସକ ଥୋମାସ୍ ଜୁରବଚେନ୍ କହନ୍ତି, "ଜୁନୋର ଦକ୍ଷତା ରହିଛି। ଏହାର ବୈଜ୍ଞାନିକ ଯନ୍ତ୍ରପାତି ସମ୍ପୁର୍ଣ୍ଣ ଚଳନକ୍ଷମ। ଯେଉଁ ତଥ୍ୟ ଏବଂ ଚିତ୍ର ଆମେ ପାଉଛୁ ତାହା ଅତି ବିସ୍ମୟଜନକ। ଇଞ୍ଜିନ୍ ଫାଏରିଂ କରିବାର ନିଷ୍ପତ୍ତି ବଦଳାଇବା ହେଉଛି ଠିକ୍ ନିଷ୍ପତ୍ତି। ଏହାଦ୍ୱାରା ମୂଲ୍ୟବାନ ସାମଗ୍ରୀ ସଂରକ୍ଷିତ କରାଯାଇପାରିବ ଏବଂ ଜୁନୋ ମଧ୍ୟ ଏହାର ଅନୁସନ୍ଧାନ ଯାତ୍ରା ଅବ୍ୟାହତ ରଖିପାରିବ।"

# ପୃଥିବୀ ବାହାରେ ବି ଜୀବନ !




**ୱାଶିଂଟନ :** ବ୍ରହ୍ମାଣ୍ଡରେ କେବଳ ଆମେ ମଣିଷମାନେ ରହିଛେ ନା ଭିନ୍ନ କେଉଁ ଗ୍ରହରେ ବି ଜୀବସତ୍ତା ସମ୍ଭବ। ଏହି ପ୍ରଶ୍ନର ଉତ୍ତର ଖୋଜିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ମହାକାଶ ବିଜ୍ଞାନୀମାନେ ପୃଥିବୀର ପ୍ରାୟ ୭ଗୁଣ ବଡ଼ ଆକାରର ସାତୋଟି ଗ୍ରହ ଠାବ କରିଛନ୍ତି, ଯେଉଁଠି ଜଳ ଥାଇପାରେ ବୋଲି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା(ନାସା) ପ୍ରକାଶ କରିଛି। ପୃଥିବୀଠାରୁ ପ୍ରାୟ ୪୦ ଆଲୋକ ବର୍ଷ ଦୂରରେ ୭ଟି ଗ୍ରହର ଏକ ମଣ୍ଡଳ ରହିଛି। ଏହି ସମସ୍ତ ଗ୍ରହ ଗୋଟିଏ ନକ୍ଷତ୍ର ଚାରିପଟେ ଘୂରିବୁଲୁଛନ୍ତି। ସେହି ଗ୍ରହଗୁଡିକର ବାୟୁ ମଣ୍ଡଳରେ ଜଳ ଥାଇପାରେ ବୋଲି ଅନୁମାନ କରାଯାଉଛି। ପୃଥିବୀର ନିକଟତମ ହେବଟେବଲ ଜୋନରେ ଥିବା ସେହି ଗ୍ରହ ମଣ୍ଡଳରୁ ତିନୋଟି ଗ୍ରହରେ ଜଳ ଥିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଗବେଷକମାନେ ମତବ୍ୟକ୍ତ କରିଛନ୍ତି। ନାସାସ୍ଥିତ ସାଇନ୍ସ ମିଶନ ଡାଇରୋକ୍ଟୋରେଟର ସହକାରୀ ପ୍ରଶାସନ ଥୋମାସ୍ ଜୁର୍ବୁଚେନ କହିଛନ୍ତି, ଜୀବନ ଅନୁକୂଳ ବାସୋପଯୋଗୀ ପରିବେଶ ଓ ସ୍ଥାନ ଖୋଜିବା ପାଇଁ ଚାଲିଥିବା ଉଦ୍ୟମ ନିମନ୍ତେ ଏହି ଆବିଷ୍କାର ଏକ ବଡ଼ ସଫଳତା। କାରଣ ସେଗୁଡ଼ିକ ଆମ ସୌରମଣ୍ଡଳ ବାହାରେ ଅବସ୍ଥିତ। ବୈଜ୍ଞାନିକଙ୍କ ଭାଷାରେଏହି ଗ୍ରହଗୁଡ଼ିକ ଏକ୍ସୋପ୍ଲାନେଟ କୁହାଯାଏ। ଏହି ଗ୍ରହ ମଣ୍ଡଳକୁ ଚିଲିସ୍ଥିତ 'ଦି ଟ୍ରାଞ୍ଜିଟିଂ ପ୍ଲାନେଟ୍‌ସ ଆଣ୍ଡ ପ୍ଲାନେଟେସିଆଲ୍‌ସ ଟେଲିସ୍କୋପ'ର ନାମାନୁସାରେ ଟିଆ୍‌ଏପିପିଆଇଏସ୍‌ଟି-୧ ଭାବେ ନାମିତ କରାଯାଇଛି। ୨୦୧୬ ମେରେ ଏହାର ବ୍ୟବହାର କରି ଏହ ଗ୍ରହ ମଣ୍ଡଳର ତିନୋଟି ଗ୍ରହ ଠାବ କରିଥିବା ଘୋଷଣା କରିଥିଲେ। ୟୁରୋପିଆନ୍ ସଦର୍ନ ଅବ୍‌ଜର୍ଭେଟୋରିର ବୃହତ୍ ଟେଲିସ୍କୋପ ସମେତ ଅନେକ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଏହା ସ୍ପଷ୍ଟ କରିଛନ୍ତି। ଏଥି ସହ ଏହା ନିକଟରେ ଆହୁରି ୪ ଟି ଗ୍ରହ ଥିବା ସେମାନେ କହଛନ୍ତି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**